

ଯା ଦେବୀ ସର୍ବଭୂତେଷୁ............

ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net
email: pratidhwani.dhwani@gmail.com

ବାଲେଶ୍ୱର ■ ଗୁରୁବାର ୪ ଜାନୁଆରୀ ୨୦୨୪ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ THURSDAY 4 JANUARY 2024
Vol.No. 34 ■ No. 4 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019

ଅସରନ୍ତି ଶୁଭେଚ୍ଛା ସହ...
ସାଗରିକା
ଯୋଗାଯୋଗ କରନ୍ତୁ :
ମୁଖ୍ୟ ସମ୍ପାଦକ ସାଗରିକା
ଜେଲ ରୋଡ, ବାଲେଶ୍ୱର-୭୫୬୦୦୧

# ଇଡିକୁ ନାକେଦମ୍ କଲେଣି ୨ ମୁଖ୍ୟମନ୍ତ୍ରୀ

## ସମନ୍ ସତ୍ତ୍ୱେ ହାଜର ହେଉ ନାହାଁନ୍ତି ସୋରେନ୍, କେଜ୍ରିୱାଲ



ନୂଆଦିଲ୍ଲୀ, ୩/୧ :ଦୁର୍ନୀତି ମାମଲାରେ ଫସିଥିବା ଦୁଇ ଜଣ ମୁଖ୍ୟମନ୍ତ୍ରୀଙ୍କୁ ନେଇ ଏବେ ଚିନ୍ତାରେ ପ୍ରବର୍ତନ ନିର୍ଦ୍ଦେଶାଳୟ । ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍ରିୱାଲ ଓ ଝାଡ଼ଖଣ୍ଡ ମୁଖ୍ୟମନ୍ତ୍ରୀ ହେମନ୍ତ ସୋରେନ୍ ବିରୋଧରେ ଦୁର୍ନୀତି ଓ ଘୋଟାଲାର ଅଭିଯୋଗ ହୋଇଛି । ଏହାକୁ ନେଇ ବାରମ୍ବାର ବାରମ୍ବର ସମନ୍ କରିବା ସତ୍ତ୍ୱେ ଇଡିରେ ହାଜର ହେଉ ନାହାଁନ୍ତି ଦୁଇ ମୁଖ୍ୟମନ୍ତ୍ରୀ । କେଜ୍ରିୱାଲଙ୍କୁ ୩ଥର ସମନ୍ ହୋଇଥିବାବେଳେ ହେମନ୍ତ ସୋରେନଙ୍କୁ ୫ଥର ସମନ୍ କରି ସାରିଲାଣି ପ୍ରବର୍ତନ ନିର୍ଦ୍ଦେଶାଳୟ । ହେଲେ ବାରମ୍ବାରର ଇଡିକୁ ଭୂଆଁ ବୁଲାଇ ଚାଲିଛନ୍ତି ଉଭୟ ଦିଲ୍ଲୀ ଓ ଝାଡଖଣ୍ଡ ମୁଖ୍ୟମନ୍ତ୍ରୀ । ଏହାପରେ ଦୁଇ ଜଣଙ୍କ ଗିରଫଦାରିର ଆଶଙ୍କା ବଢିବାରେ ଲାଗିଛି । ଇଡିକୁ ଭୂଆଁ ବୁଲାଉଛନ୍ତି ଦିଲ୍ଲୀ ଓ ଝାଡଖଣ୍ଡ ମୁଖ୍ୟମନ୍ତ୍ରୀ । ଦୁଇ ଜଣଙ୍କ ବିରୋଧରେ ରହିଛି ଦୁର୍ନୀତିର ଅଭିଯୋଗ । ଜମି ଦୁର୍ନୀତି ମାମଲାରେ ୧୪ ଅଗଷ୍ଟ, ୨୦୨୩ରେ ଝାଡ଼ଖଣ୍ଡ ମୁଖ୍ୟମନ୍ତ୍ରୀଙ୍କୁ ପ୍ରଥମେ ସମନ୍ କରିଥିଲା ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ । ପଚରାଉଚରା ପାଇଁ ଇଡିରେ ହାଜର ହେବାକୁ ହେମନ୍ତ ସୋରେନଙ୍କୁ କୁହାଯାଇଥିଲା । ମାତ୍ର ଇଡିରେ ହାଜର ହେବାକୁ ରୋକଠୋକ ମନା କରି ଦେଇଥିଲେ ହେମନ୍ତ ସୋରେନ୍ । ଏହାପରେ ଅଗଷ୍ଟ ୨୪, ସେପଟ୍ଟେମ୍ବର ୯, ସେପଟ୍ଟେମ୍ବର ୨୩, ଏବଂ ଅକ୍ଟୋବର ୪ରେ ମୁଖ୍ୟମନ୍ତ୍ରୀ ସୋରେନଙ୍କୁ ହାଜର ହେବାକୁ ହୋଇଥିଲା ସମନ୍ । ହେଲେ ସେ ହାଜର ହୋଇ ନାହାଁନ୍ତି । ସେହପରି ଦିଲ୍ଲୀ ମୁଖ୍ୟମନ୍ତ୍ରୀ ତଥା ଆପ୍ ନେତା ଅରବିନ୍ଦ କେଜ୍ରିୱାଲ ମଧ୍ଯ ଇଡି ସମନକୁ ଖାତିର କରୁ ନାହାଁନ୍ତି । ତାଙ୍କୁ ଇଡି ତିନି ତିନି ଥର ସମନ୍ ପଠାଇଥିବାବେଳେ, ହାଜର ହେବାକୁ ସେ ମନା କରି ଦେଉଛନ୍ତି । ମୁଖ୍ୟମନ୍ତ୍ରୀ ହେମନ୍ତ ସୋରେନ୍ ଓ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍ରିୱାଲ ଯେଉଁଭଳି ଭାବେ ଇଡି ସମନ୍କୁ ବେଖାତିର କରି ଚାଲିଛନ୍ତି, ଏହାକୁ ନେଇ ରାଜନୈତିକ ମହଲରେ ଜୋରଦାର ଚର୍ଚ୍ଚା ଆରମ୍ଭ ହୋଇ ଗଲାଣି । କୌଣସି ବି ସମୟରେ ଏମାନଙ୍କୁ ଗିରଫ କରାଯାଇପାରେ ବୋଲି ଆଲୋଚନା କରାଯାଉଛି । ସେପଟେ ଲୋକସଭା ନିର୍ବାଚନ ପୂର୍ବରୁ ଏହା କେନ୍ଦ୍ର ସରକାରରଙ୍କ ଷଡଯନ୍ତ୍ର ବୋଲି ବିରୋଧୀ ପ୍ରଶ୍ନ ଉଠାଉଛନ୍ତି । ଏହାରି ଭିତରେ ଝାଡଖଣ୍ଡ ଓ ଦିଲ୍ଲୀ ମୁଖ୍ୟମନ୍ତ୍ରୀଙ୍କ ଆଗକୁ କଣ ହେବ ତାହା ସମୟ କହିବ ।

# ଅର୍ଥତତ୍ତ୍ୱର ସମ୍ପତ୍ତି ବାଜ୍ୟାପ୍ତ କରିବାକୁ କଟକ ସ୍ୱତନ୍ତ୍ର ଚିଟଫଣ୍ଡ ଅଦାଲତଙ୍କ ନିର୍ଦ୍ଦେଶ

କଟକ, ୩/୧ (ନି.ପ୍ର): ଚିଟଫଣ୍ଡ ସଂସ୍ଥା ଅର୍ଥତତ୍ତ୍ୱର ସ୍ଥାବର ଅସ୍ଥାବର ସମ୍ପତ୍ତି ବାଜ୍ୟାପ୍ତ କରିବାକୁ କଟକ ସ୍ୱତନ୍ତ୍ର ଚିଟଫଣ୍ଡ ଅଦାଲତ ଦେଇଛନ୍ତି ନିର୍ଦ୍ଦେଶ । ସଂସ୍ଥାର ଭୁବନେଶ୍ୱର, ଖୋର୍ଦ୍ଧା, ପୁରୀ, ଗଞ୍ଜାମ ଓ ଅନୁଗୋଳ ଆଦି ସ୍ଥାନରେ ଥିବା ପ୍ରାୟ ୧୧୦ ଏକରରୁ ଅଧିକ ଜମି ବାଜ୍ୟାପ୍ତି ହେବ । ଏହାସହ ବିଭିନ୍ନ ବ୍ୟାଙ୍କରେ ଥିବା ୨ କୋଟି୧୭ ଲକ୍ଷରୁ ଅଧିକ ଟଙ୍କା ଏବଂ ୧୧ଟି ମୂଲ୍ୟବାନ ଗାଡ଼ି ବାଜ୍ୟାପ୍ତି ପାଇଁ କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି । ଏହି ସବୁ ସମ୍ପତ୍ତି ବାଜ୍ୟାପ୍ତି କରି ସାଧାରଣରେ ନିଲାମ କରିବାକୁ କୋର୍ଟ କହିଛନ୍ତି । ନିଲାମରୁ ମିଳିବାକୁ ଥିବା ଅର୍ଥ କ୍ଷତିଗ୍ରସ୍ତ ଜମାକାରୀଙ୍କ ମଧ୍ୟରେ ବାଣ୍ଟିବା ପାଇଁ କୋର୍ଟ ତାଙ୍କ ରାୟରେ କହିଛନ୍ତି ।

# ଧାମନଗରରେ ଭାରତ ସଂକଳ୍ପ ରଥକୁ ଭଙ୍ଗାରୁଜା: ବିଜେଡି ଉପରକୁ ଅଙ୍ଗୁଳି ଉଠାଇଲେ ବିଧାୟକ




ଭଦ୍ରକ, ୩/୧ (ନି.ପ୍ର): ଭଦ୍ରକ ଧାମନଗରରେ ଆଜି କିଛି ଲୋକ ବିକଶିତ ଭାରତ ସଂକଳ୍ପ ରଥକୁ ଭଙ୍ଗାରୁଜା କରିଛନ୍ତି । ଧାମନଗର ଥାନା ଚୂଡ଼ାକୁଟି ପଞ୍ଚାୟତରେ ରାଲି ବେଳେ ଏହି ଘଟଣା ଘଟିଛି । ପୁଲିସ୍ ୨ ଜଣଙ୍କୁ ଅଟକ ରଖି ପଚରାଉଚରା କରୁଛି । ଅନ୍ୟପକ୍ଷରେ ଏହି ଘଟଣା ପାଇଁ ବିଜୁ ଜନତା ଦଳ ଉପରକୁ ଅଙ୍ଗୁଳି ଉଠାଇଛନ୍ତି ଧାମନଗର ବିଧାୟକ ସୂର୍ଯ୍ୟବଂଶୀ ସୂରଜ । ଏହି ଘଟଣା ଘଟିବା ବେଳେ ସେଠାରେ ଉପସ୍ଥିତ ଥିବା ବିଜେପି ବିଧାୟକ ସୂର୍ଯ୍ୟବଂଶୀ ସୂରଜ କହିଛନ୍ତି, ଆମେ ଅନୁଭବ କରୁଛୁ ଯେ ବିଜୁ ଜନତା ଦଳ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ବିକାଶମୂଳକ କାର୍ଯ୍ୟକୁ ସହିପାରୁ ନାହିଁ । ଏହି ଘଟଣା ଘଟିବା ବେଳେ ଶହ ଶହ ମହିଳା ଉପସ୍ଥିତ ଥିଲେ । ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସ୍ୱାସ୍ଥ୍ୟ ପରୀକ୍ଷା ଚାଲିଥିଲା । ଆଶା ଓ ସିଆ ?ପିମାନେ ଉପସ୍ଥିତ ଥିଲେ । ସାଧାରଣ ଲୋକେ ଉପସ୍ଥିତ ରହି ପଞ୍ଜିକରଣ କରୁଥିଲେ । ସେମାନଙ୍କ ମଧ୍ୟରୁ କେଉଁମାନେ ଘର ପାଇନାହାନ୍ତି ତ କେଉଁମାନେ ଶୌଚାଳୟ ପାଇନାହାନ୍ତି । ଏ କଥାକୁ ବୋଧେ ବିଜୁ ଜନତା ଦଳ ସହି ପାରୁ ନାହିଁ । ତେଣୁ ସବୁ ବିଭାଗର ଅଧିକାରୀ ଉପସ୍ଥିତ ଥାଇ ଏକ ସରକାରୀ କାର୍ଯ୍ୟକ୍ରମ ଚାଲିଥିବା ବେଳେ ▶▶ପୃଷ୍ଠା ୭

# ୯ କୋଟି ଟଙ୍କାର ଗଞ୍ଜେଇ ଗଛ ନଷ୍ଟ କଲା ପୁଲିସ

କନ୍ଧମାଳ, ୩/୧ (ନି.ପ୍ର): ରାଜ୍ୟର ଦୁଇଟି ଜିଲ୍ଲାରେ ପୁଲିସ୍ ୯ କୋଟିରୁ ଊର୍ଦ୍ଧ୍ୱ ଟଙ୍କାର ଗଞ୍ଜେଇ ଗଛ ନଷ୍ଟ କରିଛି । କନ୍ଧମାଳ ଜିଲ୍ଲା ପୁଲିସ ପକ୍ଷରୁ ଗଞ୍ଜେଇ ଚାଷ ବନ୍ଦ କରିବାକୁ ପ୍ରୟାସ ଜାରି ରହିଥିବା ବେଳେ ଗତକାଲି ଫିରିଙ୍ଗିଆ ଥାନା ପୁଲିସ୍ ବିଭିନ୍ନ ସ୍ଥାନରେ ଚଢ଼ାଉ କରି ୮ କୋଟିରୁ ଅଧିକ ଟଙ୍କାର ଗଞ୍ଜେଇ ଗଛ ନଷ୍ଟ କରିଛି । ଫିରିଙ୍ଗିଆ ଥାନା ଆଇଆଇସି ରମେଶ ପ୍ରଧାନଙ୍କ ନେତୃତ୍ୱରେ ପୁଲିସ୍‌ର ଏକ ସ୍ୱତନ୍ତ୍ର ଟିମ୍ ନୂଆପଦର ପଞ୍ଚାୟତର କରେକାମ୍ବା, କାଳାସପଦର ଓ କାଳିପାଙ୍ଗା ଗ୍ରାମ ନିକଟବର୍ତ୍ତୀ ଜଙ୍ଗଲରେ ଚଢ଼ାଉ କରି ପ୍ରାୟ ୮୫ ଏକର ଜାଗାରେ ଲାଗିଥିବା ଗଞ୍ଜେଇ ଗଛକୁ କାଟି ନିଆଁ ଲଗାଇ ଦେଇଥିଲେ । ଏହି ସବୁ ଗଞ୍ଜେଇ ଗଛ କାଟିବା ବେଳେ ସେଠାରେ ଜଣେ ଏକ୍‌ଜିକ୍ୟୁଟିଭ୍ ମାଜିଷ୍ଟ୍ରେଟ୍ ଉପସ୍ଥିତ ଥିଲେ । ଗଞ୍ଜେଇ ଗଛ କାଟିବା ପାଇଁ ୧୦ ଜଣ ହୋମଗାର୍ଡ ଓ ୩୦ ଜଣ ଶ୍ରମିକ ନିୟୋଜିତ ହୋଇଥିଲେ । ସୁରକ୍ଷା ପାଇଁ ଡିଭିଏଫ୍ ସହିତ ଗୋଟିଏ ପ୍ଲାଟୁନ ପୁଲିସ ଫୋର୍ସ ମୁତୟନ ହୋଇଥିଲେ । ସେହିଭଳି ଗଜପତି ଜିଲ୍ଲା ମୋହନା ଥାନା ପୁଲିସ ▶▶ପୃଷ୍ଠା ୭

# କାହିଁକି ଛାଡ଼ିଲେ ସଂପାଦକ ପଦ ?: ମୁହଁ ଖୋଲିଲେ ସୌମ୍ୟରଞ୍ଜନ ପଟ୍ଟନାୟକ



ଭୁବନେଶ୍ୱର, ୩ /୧ (ନି.ପ୍ର): 'ଯେଉଁ ସାମ୍ବାଦିକମାନଙ୍କୁ ମୁଁ ତିଆରି କରିଥିଲି, ସେହି ସାମ୍ବାଦିକମାନଙ୍କ ଗୁଣ ଦେଖିକି ମୁଁ ସଂପାଦକ ପଦ ଛାଡ଼ି ଦେଲି । ମିଛ କଥାକୁ ନେଇ ଏଫଆଇଆର ଦେବେ । ତାକୁ କିଏ ବରଦାସ୍ତ କରିବ ।' ଆଜି ପୂର୍ବତନ ମୁଖ୍ୟମନ୍ତ୍ରୀ ଜାନକୀବଲ୍ଲଭ ପଟ୍ଟନାୟକଙ୍କ ଜୟନ୍ତୀ ଅବସରରେ ଖୋର୍ଦ୍ଧାରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ଯୋଗ ଦେବା ଅବସରରେ ଗଣମାଧ୍ୟମ ପ୍ରତିନିଧିମାନଙ୍କ ପ୍ରଶ୍ନର ଉତ୍ତରରେ ଖଣ୍ଡପଡ଼ା ବିଧାୟକ ସୌମ୍ୟରଞ୍ଜନ ପଟ୍ଟନାୟକ ଏହି ଉତ୍ତର ଦେଇଥିଲେ । ସେ କାହିଁକି ସମ୍ବାଦର ସଂପାଦକ ପଦ ଛାଡ଼ିଦେଲେ ବୋଲି ଗଣମାଧ୍ୟମ ପ୍ରତିନିଧିମାନେ ପ୍ରଶ୍ନ କରିଥିଲେ । ୨୦୨୪ରେ ସେ ନିର୍ବାଚନ ଲଢ଼ିବେ କି ନାହିଁ ବୋଲି ସାମ୍ବାଦିକମାନେ ପ୍ରଶ୍ନ କରିଥିଲେ । ଏହାର ଉତ୍ତରରେ ସୌମ୍ୟରଞ୍ଜନ ପଟ୍ଟନାୟକ କହିଥିଲେ, ନିର୍ବାଚନ ଲଢ଼ିବି କି ନାହିଁ ନିଷ୍ପତ୍ତି ନେଇନି । ମୋଟ ଉପରେ ମୁଁ ପ୍ରାୟ ଲଢ଼ିବି ନାହିଁ । ମୋର ଦଳ ନାହିଁ କି ଖବରକାଗଜ ନାହିଁ । ମୋର କିଛି ନାହିଁ । ମୋର ଓଡ଼ିଶାକୁ ଭଲ ▶▶ପୃଷ୍ଠା ୭

# ଲୋୟର ସୁକତେଲ ଜଳସେଚନ ପ୍ରକଳ୍ପକୁ ଲୋକାର୍ପିତ କଲେ ମୁଖ୍ୟମନ୍ତ୍ରୀ



ବଲାଙ୍ଗୀର, ୩/୧ (ନି.ପ୍ର): ବଲାଙ୍ଗୀର ଜିଲ୍ଲାର ଜୀବନରେଖା କୁହାଯାଉଥିବା ଲୋୟର ସୁକତେଲ ଜଳସେଚନ ପ୍ରକଳ୍ପକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଉଦ୍‌ଘାଟନ କରିଛନ୍ତି । ୨୭୨୩ କୋଟି ଟଙ୍କା ବ୍ୟରେ ନିର୍ମିତ ହୋଇଛି ଏହି ପ୍ରକଳ୍ପ । ଏତଦବ୍ୟତୀତ ୩୦୫ କୋଟିର ୬୯ଟି ପ୍ରକଳ୍ପର ଶିଳାନ୍ୟାସ କରିଛନ୍ତି । ଏଥିଲାଗି ଆୟୋଜିତ ଉତ୍ସବରେ ମୁଖ୍ୟମନ୍ତ୍ରୀଙ୍କ ବ୍ୟତୀତ ବଲାଙ୍ଗୀର ସାଂସଦ ସଙ୍ଗୀତା ସିଂହଦେଓ, ମନ୍ତ୍ରୀ ନିରଞ୍ଜନ ପୂଜାରୀ, ୫ଟି ଅଧକ୍ଷ ଭି.କେ.ପାଣ୍ଡିଆନ୍, ଉନ୍ନୟନ କମିସନର୍ ଅନୁ ଗର୍ଗ, ଜିଲ୍ଲା ପରିଷଦ ଅଧକ୍ଷା, ବିଧାୟକ ନରସିଂହ ମିଶ୍ର, ମୁକେଶ ମହାଲିଙ୍ଗ, ଓଡ଼ିଶା ରାଜ୍ୟ ହାଉସିଂ ବୋର୍ଡର ଅଧକ୍ଷ କଳିକେଶ ସିଂହଦେଓ ପ୍ରମୁଖ ଉପସ୍ଥିତ ଅଛନ୍ତି । ଏହି ଉତ୍ସବରେ ମୁଖ୍ୟମନ୍ତ୍ରୀ ସମସ୍ତଙ୍କୁ ନୂଆବର୍ଷର ଶୁଭେଚ୍ଛା ଜଣାଇବା ସହ ସମ୍ବଲପୁରୀ ଭାଷାରେ ନବୀନ କହିଥିଲେ, ନୂଆବର୍ଷରେ ବଲାଙ୍ଗୀର ଜିଲ୍ଲାରୁ ମୋର ପ୍ରଥମ ଜିଲ୍ଲା ଗସ୍ତ ଆରମ୍ଭ ହେଲା । ଆଜିର ଦିନ ସ୍ୱପ୍ନର ସାକାରର ସ୍ୱତନ୍ତ୍ର ଦିନ । ଲୋୟର ସୁକତେଲ୍ ଜଳସେଚନ ପ୍ରକଳ୍ପ ଉଦଘାଟନ ▶▶ପୃଷ୍ଠା ୭

# ଗାଁ ଦାଣ୍ଡରେ ଯୁବକଙ୍କୁ ପିଟି ପିଟି ହତ୍ୟା

ଝାରସୁଗୁଡ଼ା, ୩/୧ (ନି.ପ୍ର): ଝାରସୁଗୁଡ଼ା ଜିଲ୍ଲା ଲଇକେରା ଥାନା ସାରଙ୍ଗଲୋଇ ପଞ୍ଚାୟତ ପତ୍ରାପାଲି ଗାଁରେ ମଙ୍ଗଳବାର ବିଳମ୍ବିତ ରାତିରେ ଜଣେ ଯୁବକଙ୍କୁ ପିଟି ପିଟି ହତ୍ୟା କରାଯାଇଥିବା ଅଭିଯୋଗ ହୋଇଛି । ମୃତ ଯୁବକଙ୍କ ନାଁ ବିପିନ ଭୋଇ । ତାଙ୍କୁ ୨୫ ବର୍ଷ ହୋଇଥିଲା । ତାଙ୍କ ଘର ପତ୍ରାପାଲି ଗାଁରେ । ସେହି ଗାଁର ସତିଆ କିଶାନ ଓ ତାଙ୍କ ପରିବାରର ସଦସ୍ୟମାନେ ମିଶି (ମୋଟ ୬ ଜଣ) ବିପିନଙ୍କୁ ପିଟି ପିଟି ହତ୍ୟା କରିଥିବା ଅଭିଯୋଗ ହୋଇଛି । ଏନେଇ ବିପିନଙ୍କ ପତ୍ନୀ ସୋନାଲି ଭୋଇ ଲିଖିତ ଅଭିଯୋଗ କରିଛନ୍ତି । ଝାରସୁଗୁଡ଼ା ଏସଡିପିଓ ନିର୍ମଳ ମହାପାତ୍ର ଓ ଲଇକେରା ପୁଲିସ୍ ଘଟଣାସ୍ଥଳରେ ପହଞ୍ଚି ଯାଞ୍ଚ କରିଛନ୍ତି । ଏଥିରେ ସେମାନଙ୍କୁ ସାଇଣ୍ଟିଫିକ ଟିମ୍ ସହାୟତା କରିଛି । ▶▶ପୃଷ୍ଠା ୭

# କମିଶନରେଟ୍ ପୁଲିସ ହାତରେ ପାହାଡ଼ି ଗ୍ୟାଙ୍ଗ



ଭୁବନେଶ୍ୱର, ୩ /୧ (ନି.ପ୍ର): କମିଶନରେଟ ପୁଲିସ ହାତରେ ଧରାପଡ଼ିଛି ପାହାଡ଼ି ଗ୍ୟାଙ୍ଗ । ଏହି ଗ୍ୟାଙ୍ଗର ୮ ଜଣ ସଦସ୍ୟଙ୍କୁ ବାନ୍ଧିଛି କମିଶନରେଟ ପୁଲିସ । ଏମାନେ ସମସ୍ତେ ଝାଡ଼ଖଣ୍ଡର । ସୂଚନା ଅନୁସାରେ ପାହଡ଼ି ଗ୍ୟାଙ୍ଗର ଡ଼କାୟତ ମାନେ ରାଜଧାନୀର ବିଭିନ୍ନ ଅଞ୍ଚଳରେ ରହୁଥିଲେ । ସମୟ ସୁବିଧା ଦେଖି ଭିନ୍ନଭିନ୍ନ କୌଶଳରେ ଲୁଟ୍ କରୁଥିଲେ । ଏହି ଗ୍ୟାଙ୍ଗ ବିଷେଶକରି ମୋ ବସ ଏବଂ ଭୁବନେଶ୍ୱରର ଜନଗହଳିପୂର୍ଣ୍ଣ ସ୍ଥାନରେ ଦୀର୍ଘ ଦିନ ଧରି ଟଙ୍କା ଓ ମୋବାଇଲ ଲୁଟ କରୁଥିଲେ । ଏହି ଗ୍ୟାଙ୍ଗ ଠାରୁ ୨୨ଟି ଫୋନ୍ ସହ ୧ ଲକ୍ଷ ୩୦ ହଜାର ଟଙ୍କା ଜବତ କରିଛି କମିଶନରେଟ ପୁଲିସ । ଲୋକଙ୍କୁ ଲୁଟିବା ପାଇଁ ଝାଡ଼ଖଣ୍ଡରୁ ପାହାଡ଼ି ଗ୍ୟାଙ୍ଗ ଭୁବନେଶ୍ୱର ଆସିଥିଲେ । ଏମାନଙ୍କ ନାଁ ରେ ରାଜ୍ୟ ଓ ରାଜ୍ୟ ବାହାରେ ଏକାଧିକ ମାମଲା ରହିଛି । ମୋବାଇଲ ଲୁଟିବା ପରେ ଏମାନେ ଫୋନ୍ ପେ ଓ ଗୁଗଲ ପେକୁ ହ୍ୟାକ କରି ବ୍ୟାଙ୍କ୍ ଆକାଉଣ୍ଟ ଖାଲି କରିଦେଉଥିଲେ । ପାଖାପାଖି ୨୦ ଲକ୍ଷ ଟଙ୍କା ଲୁଟିଥିବା ନେଇ ତଥ୍ୟ ପାଇଛି ପୁଲିସ ।

# ହିଣ୍ଡେନବର୍ଗ-ଆଦାନୀ ସମୂହ ମାମଲା : ସେବି ତଦନ୍ତକୁ ସମର୍ଥନ କଲେ ସୁପ୍ରିମକୋର୍ଟ




ନୂଆଦିଲ୍ଲୀ, ୩/୧ : ହିଣ୍ଡେନବର୍ଗ ମାମଲାରେ ସୁପ୍ରିମକୋର୍ଟଙ୍କ ଆସିଲା ବଡ଼ ରାୟ । ଆଦାନୀ ଗ୍ରୁପକୁ ସେବି ତଦନ୍ତରେ ମିଳିଛି କ୍ଲିନ୍ ଚିଟ୍ । ସେବିର ତଦନ୍ତ ରିପୋର୍ଟରେ ହସ୍ତକ୍ଷେପ କରିବାକୁ ସୁପ୍ରିମକୋର୍ଟ ମନା କରି ଦେଇଛନ୍ତି । ସେବିର ତଦନ୍ତରେ କୌଣସି ତ୍ରୁଟି ନାହିଁ ବୋଲି ସୁପ୍ରିମକୋର୍ଟର ତିନି ଜଣିଆ ଖଣ୍ଡପୀଠ ଆଜି ଏହି ମାମଲାର ଶୁଣାଣି କରି କହିଛନ୍ତି । ସେହିପରି ଏହି ମାମଲରେ ଏସ୍‌ଆଇଟି ତଦନ୍ତକୁ ମନା କରିଦେଇଛନ୍ତି କୋର୍ଟ । ତଦନ୍ତକୁ ସିକ୍ୟୁରିଟିଜ୍ ଆଣ୍ଡ ଏକ୍ସଚେଞ୍ଜ୍ ବୋର୍ଡ ଅଫ୍ ଇଣ୍ଡିଆ ବା ସେବି ଠାରୁ ସ୍ପେସାଲ୍ ଇନ୍‌ଭେଷ୍ଟିଗେସନ୍ ଟିମ୍‌କୁ ନେବାର କୌଣସି କାରଣ ନାହିଁ । ନିୟମ ଅନୁଯାୟୀ ସେବି ତଦନ୍ତ କରିଛି । ସେବିର ତଦନ୍ତ ଉପଯୁକ୍ତ । ଏହି ଘଟଣାର ଅନୁସନ୍ଧାନ କରିବା ପାଇଁ ଏହା ଏକ ଦକ୍ଷ ଏଜେନ୍ସି ଅଟେ ବୋଲି ସୁପ୍ରିମକୋର୍ଟ କହିଛନ୍ତି । ଭାରତର ପ୍ରଖ୍ୟାତ କର୍ପୋରେଟ୍ ଆଦାନି ଗ୍ରୁପ୍ 'ଷ୍ଟକ୍ ପ୍ରାଇସ୍' ଜାଲିଆତି କରିଥିବା ଅଭିଯୋଗକୁ ନେଇ ସୃଷ୍ଟି ହୋଇଥିବା ଆଦାନି-ହିଣ୍ଡେନ୍‌ବର୍ଗ ବିବାଦ ଉପରେ ଆଗତ କେତେକ ପିଟିସନ୍‌ର ଶୁଣାଣି କରି ସୁପ୍ରିମ୍ କୋର୍ଟ ଏଭଳି ରାୟ ଶୁଣାଇଛନ୍ତି । ସେୟାର ମାର୍କେଟ ରେଗୁଲେଟର ଆଦାନୀ-ହିଣ୍ଡନବର୍ଗ ମାମଲାରେ ୨୪ ରୁ ୨୨ ମାମଲାରେ ତଦନ୍ତ ଶେଷ କରିସାରିଲେଣି ଏବଂ ଏବେ ଦୁଇଟି ବାକି ଅଛି । ଏହି ଦୁଇ ମାମଲାର ତଦନ୍ତ ଶେଷ କରିବା ପାଇଁ ସିଜେଆଇ ସେବିକୁ ତିନି ମାସ ସମୟ ଦେଇଛନ୍ତି । ସେପଟେ ହିଣ୍ଡେନବର୍ଗ ମାମଲାରେ ଆଦାନୀ ଗ୍ରୁପ୍‌କୁ କ୍ଲିନ୍ ଚିଟ୍ ମିଳିବା ପରେ ଆଦାନୀ ଗ୍ରୁପ ଚେୟାରମ୍ୟାନ୍ ଗୌତମ ଆଦାନୀ ଖୁସି ବ୍ୟକ୍ତ କରିଛନ୍ତି । ସେ ସୋଶାଲ ମିଡିଆ ସାଇଟ୍ 'ଏକ୍ସ'ରେ ପୋଷ୍ଟ କରି ଲେଖିଛନ୍ତି, 'ମାନ୍ୟବର ସୁପ୍ରିମକୋର୍ଟଙ୍କ ନିଷ୍ପତ୍ତି ପରେ ସତ୍ୟର ଜୟ ହେଲା,ସତ୍ୟମେବ ଜୟତେ । ଆମ ସହ ଛିଡା ହୋଇଥିବା ସେହି ସମସ୍ତ ଲୋକଙ୍କ ମୁଁ କୃତଜ୍ଞ । ଭାରତର ବିକାଶ ସହ ଆମର ବିନମ୍ର ଯୋଗଦାନ ଜାରି ରହିବ । ଜୟ ହିନ୍ଦ...।' ଏହାପୂର୍ବରୁ ନଭେମ୍ବର ୨୪ ରେ ଏହି ମାମଲାର ଶୁଣାଣି ବେଳେ ମାର୍କେଟ ରେଗୁଲେଟର ସେବି ଏବଂ ବିଶେଷଜ୍ଞ କମିଟିର ତଦନ୍ତ ଉପରେ ଉଠାଯାଇଥିବା ପ୍ରଶ୍ନକୁ ଖାରଜ କରି କୋର୍ଟ ନିଜ ରାୟ ସଂରକ୍ଷିତ ରଖିଥିଲେ । ସୂଚନାଯୋଗ୍ୟ, ▶▶ପୃଷ୍ଠା ୭

# ନ୍ୟାୟ ଯାତ୍ରା ପାଇଁ ଓଡ଼ିଶାର ୧୦ ଜିଲ୍ଲା ଦେଇ ଛତିଶଗଡ଼ ଯିବେ ରାହୁଲ ଗାନ୍ଧୀ: ଶରତ ପଟ୍ଟନାୟକ

ଭୁବନେଶ୍ୱର, ୩/୧ (ନି.ପ୍ର): ରାହୁଲ ଗାନ୍ଧୀଙ୍କ ନ୍ୟାୟ ଯାତ୍ରା ପାଇଁ ପ୍ରଦେଶ କଂଗ୍ରେସର ପ୍ରସ୍ତାବିତ ଜିଲ୍ଲା ସଂପର୍କରେ ପିସିସି ସଭାପତି ଶରତ ପଟ୍ଟନାୟକ ସୂଚନା ଦେଇଛନ୍ତି । ସେ କହିଛନ୍ତି, ରାହୁଲ ଗାନ୍ଧୀ ଝାରଖଣ୍ଡ ପଟୁ ଓଡ଼ିଶା ଭିତରକୁ ପ୍ରବେଶ କରିବେ ଓ ମୟୂରଭଞ୍ଜ, ବାଲେଶ୍ୱର, ଭଦ୍ରକ, କଟକ, ଭୁବନେଶ୍ୱର, ଗଞ୍ଜାମ , କୋରାପୁଟ, କଳାହାଣ୍ଡି, ନୂଆପଡ଼ା ଓ ବଲାଙ୍ଗୀର ଆଦି ୧୦ ଜିଲ୍ଲା ଦେଇ ଛତିଶଗଡ଼ ଅଭିମୁଖେ ଯାତ୍ରା କରିବେ । ପିସିସି ସଭାପତି ଆହୁରି କହିଛନ୍ତି, ୯୦ ମିଶନ ସଫଳ ପାଇଁ କଂଗ୍ରେସ ଅଙ୍କ କଷୁଛି । ୨୦୧୯ ନିର୍ବାଚନରେ ଦଳ ୬୯ଟି ଆସନରେ ▶▶ପୃଷ୍ଠା ୭

# ଉପାନ୍ତ ଅଞ୍ଚଳରେ ଜଳସେଚନ ବ୍ୟବସ୍ଥା: ପାହାଡ଼ରୁ ବାଉଁଶପୋଲ ମାଧ୍ୟମରେ ଜମିକୁ ପାଣି ମଡ଼ାଇଲେ ଚାଷୀ

ଝରିଗାଁ , ୦୩/୧ (ନି.ପ୍ର): ପାହାଡ଼ରୁ ନିର୍ଗତ ଝରଣା ଜଳ କୃଷକର କ୍ଷେତରେ ଫସଲ ଫଳାଉଛି। ଝରଣାର ଜଳ ଚାଷୀଭାଇର ଆର୍ଥିକ ବିକାଶରେ ସହାୟକ ହେଉଛି। ଚାଷୀଭାଇମାନେ ଝରଣାର ଜଳକୁ ସଦବିନିଯୋଗ କରି ସରକାର ଓ ପ୍ରଶାସନର ଦୁର୍ବଳତାକୁ ପଦାରେ ପକାଇ ଦେଇଛନ୍ତି। ନବରଙ୍ଗପୁର ଜିଲ୍ଲା ଝରିଗାଁ ବ୍ଲକ ଉପାନ୍ତ ତେଲନଦୀ ପଂଚାୟତ ଅନ୍ତର୍ଗତ ଦୁର୍ଗମ କୁନିନାଲ ଗ୍ରାମର ଚାଷୀମାନେ ନିଜେ ବୁଦ୍ଧି ଲଗାଇ ଗୋଟିଏ ପାହାଡ଼ରେ ବହୁଥିବା ଝରଣା ପାଣିକୁ ବାଉଁଶପୋଲ ସାହାଯ୍ୟରେ ପ୍ଲାଷ୍ଟିକ ପାଇପ ଯୋଗେ ଜମିରେ ପାଣି ମଡ଼ାଇବା ପାଇଁ ସକ୍ଷମ ହୋଇଛନ୍ତି। ନବରଙ୍ଗପୁର ଜିଲ୍ଲା ଝରିଗାଁ ବ୍ଲକ ଏକ କୃଷି ପ୍ରାଧାନ୍ୟ ବ୍ଲକ ଭାବେ ପରିଚିତ। ଏହି ବ୍ଲକରେ ୯୦ ପ୍ରତିଶତ ଲୋକ କୃଷି ଉପରେ ନିର୍ଭର କରୁଥିବା ବେଳେ ପ୍ରଶାସନ ପକ୍ଷରୁ ଜମିରେ ଜଳ ସେଚନ ପାଇଁ କୌଣସି ସୁବିଧା ନାହିଁ। ତେଣୁ ବ୍ଲକର ପ୍ରାୟ ଚାଷୀ ବର୍ଷା ପାଣି ଉପରେ ଭରସା କରୁଛନ୍ତି। କୁନିଲାଲ ଗ୍ରାମ ଠାରୁ କିଛି ଦୂରରେ ରହିଛି ଦୁଇଟି ପାହାଡ଼ (ଟ୍ରିଙ୍ଗିଡ଼ା-ଡଙ୍ଗରି ଏବଂ ସାନକୁନି)। ଏହି ଦୁଇ ପାହାଡ଼ ମଝିରେ ପ୍ରବାହିତ ହେଉଛି ପଦାମ ନଦୀ। ଉକ୍ତ ନଦୀର ଏକ ଛୋଟ ଝରରୁ ପ୍ରାୟ ୫୦ ଫୁଟ ଉପରେ ଥିବା ଚାଷ ଜମିରେ ପାଣି ନେବା ପାଇଁ କୁନିଲାଲ ଗ୍ରାମବାସୀ ପ୍ରଥମେ ଚିନ୍ତା କରିଥିଲେ। ପରେ ଗ୍ରାମବାସୀ ନିଜ ବୁଦ୍ଧି ବଳରେ ଆରମ୍ଭ କରିଥିଲେ ଜମିରେ ଜଳସେଚନ ପାଇଁ କାମ। ପ୍ରଥମେ ଦୁଇ ପାହାଡ଼ର ତଳେ ବଡ଼ବଡ଼ ବାଉଁଶ ସାହାଯ୍ୟରେ ୫୦ ଫୁଟର ଟାୱାର ଆକୃତିର ତିଆରି କରିଥିଲେ। ଏହି ଟାୱାର ଆକୃତିର ବାଉଁଶ ଉପରେ ସିଧାସିଧା ବାଉଁଶଗୁଡ଼ିକ ବାନ୍ଧିଥିଲେ, ଯାହାକି ପ୍ରାୟ ୧୦୦ ମିଟର ହେବ। ଫଳରେ ଟ୍ରିଙ୍ଗିଡ଼ା-ଡଙ୍ଗରି ପାହାଡ଼ ଏବଂ ସାନକୁନି ପାହାଡ଼ ସମତୁଲ ପାଇଁ ସୁବିଧା ହୋଇଥିଲା। ପରେ ଗ୍ରାମବାସୀ ସାନକୁନି ପାହାଡ଼ ଉପରୁ ପ୍ରବାହିତ ଏକ ଛୋଟ ଝରରେ ଏକ ଟିଣ ଡବା ଲଗାଇ ପାଣିକୁ ଅଟକାଇ ଥିଲେ। ସେହି ଟିଣ ଡବା ପଛପଟ ପ୍ଲାଷ୍ଟିକ ପାଇପଗୁଡିକୁ ଭଲ ଭାବେ ଖଞ୍ଜି ଥିଲେ। ଏହି ଭଳି ଭାବେ ଗୋଟିଏ ପରେ ଗୋଟିଏ ପ୍ଲାଷ୍ଟିକ ପାଇପକୁ ଯୋଡ଼ି ବାଉଁଶପୋଲ ଦେଇ ଜମି ପର୍ଯ୍ୟନ୍ତ ବିଛାଇ ଥିଲେ। ଶେଷରେ ସେମାନେ ପ୍ଲାଷ୍ଟିକ ପାଇପ ଯୋଗେ ଜମିକୁ ପାଣି ନେବାରେ ସକ୍ଷମ ହୋଇଥିଲେ। ତେବେ ପ୍ଲାଷ୍ଟିକ ପାଇପଗୁଡ଼ିକ ମଝିମଝିରେ ଫାଟି ଯାଇଥିବା ଯୋଗୁଁ ପାଣି ଅଳ୍ପ ଆସୁଥିବା ବେଳେ ଫଟା ପାଇପଗୁଡ଼ିକୁ ମରାମତି କଲେ ପାଣିର ବେଗ ବଢ଼ିବା ସହ ଅଧିକ ପାଣି ଜମିରେ ମଡ଼ାଇବା ହେବ। ପାଣି ଚାଷଜମିରେ ପହଞ୍ଚିବା ପରେ ଗ୍ରାମବାସୀ ଖୁସି ଥିବା ବେଳେ ଏହି ପାଣି ଦ୍ୱାରା ପ୍ରାୟ ପାଞ୍ଚ ଏକର ଜମିରେ ଚାଷ କରିହେବ ବୋଲି ଗ୍ରାମବାସୀ କହିଛନ୍ତି। ସବୁଠାରୁ କ୍ଷୋଭର ବିଷୟ ଯେ, କୁନିନାଲ ଗ୍ରାମକୁ ଯିବା ପାଇଁ ପ୍ରଶାସନ ପକ୍ଷରୁ ପକ୍କା ରାସ୍ତା ନିର୍ମାଣ କରାଯାଇ ନାହିଁ। ଖଦରାପାଣି ଗ୍ରାମ ପର୍ଯ୍ୟନ୍ତ ରାସ୍ତା ଥିବା ବେଳେ ସେଠାରୁ ପ୍ରାୟ ଦୁଇ କିଲୋମିଟର ରାସ୍ତା ପାହାଡ଼ ଦେଇ ଯିବା ପାଇଁ ପଡ଼େ। ପ୍ରଶାସନ ପକ୍ଷରୁ ରାସ୍ତା ନିର୍ମାଣ କରିବା ପାଇଁ ଗ୍ରାମବାସୀ ଦାବି କରିଛନ୍ତି। ସରକାର ଚାହିଁଲେ ଝରଣାର ଜଳ କୃଷକମାନଙ୍କ ଚାଷକାମରେ ସଦ୍‌ବିନିଯୋଗ ହୋଇପାରନ୍ତା ବୋଲି ମଧ୍ୟ କୁହନ୍ତି।



# କେନ୍ଦ୍ରାପଡ଼ା ଡିଏସ୍‌ଏସ୍‌ଓଙ୍କୁ ‘କର୍ମବୀର ସମ୍ମାନ’

କେନ୍ଦ୍ରାପଡ଼ା, ୦୩/୧ (ନି.ପ୍ର): ଉତ୍ସର୍ଗିକୃତ କର୍ତ୍ତବ୍ୟ ଓ ସେବା ପାଇଁ କେନ୍ଦ୍ରାପଡ଼ା ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ପ୍ରଭାସ ଚନ୍ଦ୍ର ଦାସଙ୍କୁ ‘କର୍ମବୀର ସମ୍ମାନ’ରେ ସମ୍ବର୍ଦ୍ଧିତ କରାଯାଇଛି । ଯାଜପୁର ଜିଲ୍ଲା ‘ଚାଳଘର ସାହିତ୍ୟ ସଂସଦ’ ପକ୍ଷରୁ ଆୟୋଜିତ ଚତୁର୍ଥ ବାର୍ଷିକ ସ୍ୱନକ୍ଷତ୍ର ଦିବସ ପାଳନ ଅବସରରେ ତାଙ୍କୁ ଏହି ସମ୍ମାନରେ ସମ୍ବର୍ଦ୍ଧିତ କରାଯାଇଛି। ରାଜ୍ୟ ସରକାରଙ୍କ ସୂଚନା ଓ ଲୋକ ସଂପର୍କ ବିଭାଗ ନିର୍ଦ୍ଦେଶକ ସରୋଜ କୁମାର ସାମଲ ମୁଖ୍ୟ ଅତିଥି ଭାବେ ଯୋଗଦେଇ ତାଙ୍କୁ ଉତରୀୟ, ମାନପତ୍ର ପୁଷ୍ପଗୁଚ୍ଛ ଦେଇ ସମ୍ମାନୀତ କରିଥିଲେ। ବରୀ ବିଧାୟିକା ଶ୍ରୀମତୀ ସୁନନ୍ଦା ଦାସ, ଡ଼ଃ କୁମରବର ଦାସ, ଡ଼ଃ ଭାଗବତ ଶୁକ୍ଳ ପ୍ରମୁଖ ସମ୍ମାନୀତ ଅତିଥି ଭାବେ ଉପସ୍ଥିତ ଥିଲେ। ସାମାଜିକ ସୁରକ୍ଷା ଅଧିକାରୀ ଶ୍ରୀ ଦାସଙ୍କ ନିଷ୍ଠାପର ଉଦ୍ୟମ ଯୋଗୁଁ ୨୦୨୩ ବର୍ଷ ପାଇଁ ଭିନ୍ନକ୍ଷମ ସଶକ୍ତିକରଣ ବର୍ଗରେ କେନ୍ଦ୍ରାପଡା ଜିଲ୍ଲା ଶ୍ରେଷ୍ଠ ସ୍ଥାନ ଅଧିକାର କରି ଏକ ସ୍ୱତନ୍ତ୍ର ଉତ୍ସବରେ ବିଭାଗୀୟ ମନ୍ତ୍ରୀ ଓ ଅଧିକାରୀଙ୍କ ଠାରୁ ଜିଲ୍ଲା ପାଇଁ ୫୦ ହଜାର ଟଙ୍କାର ଚେକ୍ ଗ୍ରହଣ କରିଥିଲେ। ପୁରୁଣା ମେଡିକାଲ ପରିସରରେ ଜିଲ୍ଲା ଭିନ୍ନକ୍ଷମ ଥଇଥାନ କେନ୍ଦ୍ର ପ୍ରତିଷ୍ଠା, କେନ୍ଦ୍ରାପଡ଼ା ବ୍ଲକ୍‌ର ଚକ୍ରୋଡ଼ା ଗ୍ରାମ ପଂଚାୟତର ଗୋବର୍ଦ୍ଧନ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ୧୦୦ ସଂଖ୍ୟା ବିଶିଷ୍ଟ ମାନସିକ ଅନଗ୍ରସର ଥଇଥାନ କେନ୍ଦ୍ର ପ୍ରତିଷ୍ଠା ପାଇଁ ସେ ବହୁ ଉଦ୍ୟମ କରିଛନ୍ତି। ଭିନ୍ନକ୍ଷମ କଲ୍ୟାଣ କ୍ଷେତ୍ରରେ ତାଙ୍କର ଉଲ୍ଲେଖନୀୟ କୃତିତ୍ୱ ନିମନ୍ତେ ତାଙ୍କୁ ଏହି ସମ୍ମାନ ମିଳିଛି।

# ମଙ୍ଗଳପୁର ମୁଣ୍ଡା ସାହିରେ ପାଇପ ପାଣି ଯୋଗାଣ ପ୍ରହସନ

ଚମ୍ପୁଆ, ୦୩/୧ (ନି.ପ୍ର): ସୂଚନା ଫଳକରେ ପାଇପ ଯୋଗେ ପାନୀୟ ଜଳ ଯୋଗାଣ, ଗାଁ ରେ ଘରେ ଘରେ ଲାଗିଛି ଷ୍ଟାଣ୍ଡ ପୋଷ୍ଟ। କିନ୍ତୁ ବ୍ୟବହାର ନ ହେବା ଯୋଗୁଁ ଷ୍ଟାଣ୍ଡ ପୋଷ୍ଟ ଗୁଡିକ ଭାଙ୍ଗି ରୁଜି ଯାଇଥିବାବେଳେ ପାଇପ ଗୁଡିକ ନଷ୍ଟ ହୋଇ ସରିଲାଣି। ଅନ୍ୟ ପଟେ ବସୁଧା ଯୋଜନାରେ ପାଇପ ପାଣି ନ ପହଂଚିଲେ ସୂଚନା ଦେବାକୁ ସୂଚନା ଫଳକ ମରାଯାଇ ଫୋନ ନମ୍ବର ମଧ ଦିଆ ଯାଇଛି। ତେବେ ପାଣି ମିଳିବା ନାଁ ଗନ୍ଧ ନ ଥିବାବେଳେ ପାଖାପାଖି ଏକ ଶହ ପରିବାର ପାଇଁ ମାତ୍ର ଦୁଇଟି ନଳକୂପ ସାହା ଭରସା। ଚମ୍ପୁଆ ବ୍ଲକ ଜାମୁଦଲକ ପଂଚାୟତର ମଙ୍ଗଳପୁର ମୁଣ୍ଡା ସାହିରେ ପାଇପ ପାଣି ଯୋଗାଣର ଏହି ବିକଳ ଦୃଶ୍ୟ ଦେଖିବାକୁ ମିଳୁଥିବା ବେଳେ ଏହାକୁ ନେଇ ତେଜୁଛି ଅସନ୍ତୋଷ। ତେବେ ଆଗକୁ ଗ୍ରୀଷ୍ମ ଋତୁରେ ପାଣି ସଙ୍କଟରୁ ବର୍ତିବା ପାଇଁ ଗ୍ରାମବାସୀ ଏକ ପରିତ୍ୟକ୍ତ କୂଅ କୁ ନିଜେ ସଫା କରୁଥିବା ଦୃଶ୍ୟ ଦେଖିବାକୁ ମିଳିଛି। ସୂଚନାଯୋଗ୍ୟ କି, ଚମ୍ପୁଆ ବ୍ଲକରେ ପାଇପ ପାଣି ଯୋଗାଣ ପାଇଁ ଗତ ଦେଢ଼ ବର୍ଷ ହେବ ପ୍ରତି ଗ୍ରାମକୁ ପାଇପ ବିଛା ଯାଇ ଷ୍ଟାଣ୍ଡ ପୋଷ୍ଟ ନିର୍ମାଣ ସାରିଥିବା ବେଳେ ପ୍ରକୃତ ପକ୍ଷେ ପାଇପ ପାଣି ଯୋଗାଣ କାଗଜ କଲମରେ ସୀମିତ ରହିଛି।

# ଯୁଗ୍ମ ଶ୍ରମ କମିଶନରଙ୍କ ସହ କାଗଜ କଳ ଶ୍ରମିକ ସଂଘର ଆଲୋଚନା

ଜୟପୁର, ୦୩/୧ (ନି.ପ୍ର): ଜୟପୁର ଜୋନ୍ ଯୁଗ୍ମ ଶ୍ରମ କମିଶନରଙ୍କୁ ସାକ୍ଷାତ କରି ସେବା କାଗଜ କଳ ଶ୍ରମିକ ସଂଘ ଓ ମିଳିତ କ୍ରିୟାନୁଷ୍ଠାନ କମିଟିର ଅଧ୍ୟକ୍ଷ ଯୁଧିଷ୍ଠିର ରାଉଳ ପ୍ରମୁଖ ଶ୍ରମିକ ମାନଙ୍କ ସମସ୍ୟା ସମାଧାନ ବିଷୟରେ ଆଲୋଚନା କରିଛନ୍ତି। ସଂଘର ସଭାପତି ଓ ସାଧାରଣ ସମ୍ପାଦକ ସର୍ବଶ୍ରୀ ପ୍ରମୋଦ କୁମାର ମହାନ୍ତି ଓ ପ୍ରଦୀପ ପାଣ୍ଡିଆ ଆଲୋଚନା ବେଳେ କହିଥିଲେ ଯେ, ମୃତ ଶ୍ରମିକଙ୍କ ପରିବାରକୁ ଚାରି ମାସ ମଧ୍ୟରେ ଗ୍ରାଚ୍ୟୁଇଟି ପାଉଣା ଦେଇଦେବ ବୋଲି ମ୍ୟାନେଜମେଂଟ ଶ୍ରମ ବିଭାଗକୁ ୨୦୨୩ ମାର୍ଚ୍ଚ ୧୭ ତାରିଖରେ ଲେଖି ଜଣାଇଥିଲେ ସୁଦ୍ଧା ଆଜି ପର୍ଯ୍ୟନ୍ତ ମାତ୍ର କିଛି ଅଂଶ ଦେଇଛନ୍ତି। ଗ୍ରାଚ୍ୟୁଇଟି କେସ୍ ଫୈସଲା ପରେ ପାଉଣା ଦେବା ପାଇଁ ମ୍ୟାନେଜମେଂଟ ଟାଳଟୁଳ ନୀତି ଅବଲମ୍ବନ କରୁଛି । ସ୍ଥାୟୀ ଶ୍ରମିକ ମାନଙ୍କ ଦରମା ଆଜି ପର୍ଯ୍ୟନ୍ତ ଚାରି ମାସର ବାକି ରହିଛି, କାରଖାନା ଉତ୍ପାଦନ ବନ୍ଦ, ଅନ୍ୟ ଦିଗରେ ମ୍ୟାନେଜମେଂଟ ନିଜେ ଗଣମାଧ୍ୟମକୁ ଜଣାଇଛି ଯେ, ଚାରି ବର୍ଷ ଭିତରେ ୨୦୦ କୋଟି ଟଙ୍କା ଋଣ କରି ଲଗେଇଛି। ହେଲେ ଶ୍ରମିକ ମାନଙ୍କ ପାଉଣା କାହିଁକି ମିଳୁନି ଏବଂ କାରଖାନା କାହିଁକି ଚାଲୁନି । ଶ୍ରମିକ ମାନଙ୍କ ଦରମା କାଟି ଦିଆଯାଉଛି ଏବଂ ଚାକିରୀ ସର୍ତାବଳୀ ପରିବର୍ତନ କରାଯାଉଛି । ଏଥିପାଇଁ ତୁରନ୍ତ ମ୍ୟାନେଜମେଂଟକୁ ଡାକି ମିଳିତ ବୈଠକ କରି ସମସ୍ୟାର ସମାଧାନ ପାଇଁ ପଦକ୍ଷେପ ନେବାକୁ ସଂଘ ପକ୍ଷରୁ ଦାବି କରାଯାଇଛି । ଯୁଗ୍ମ ଶ୍ରମ କମିଶନର କହିଛନ୍ତି ଯେ, ଆଜି ମ୍ୟାନେଜମେଣ୍ଟକୁ ଡକେଇଛନ୍ତି ଏବଂ ସମସ୍ତ ଦାବି ଉପରେ ଆଲୋଚନା ପରେ ବୈଠକ ଡକାଯିବ । ଜୟପୁର କାର୍ଯ୍ୟାଳୟରେ ଆଉ ଜଣେ ଡିଏଲସି ଶୀଘ୍ର ନିଯୁକ୍ତି ପାଇବେ ଏବଂ ଗ୍ରାଚ୍ୟୁଇଟି କେସ୍ ସବୁ ତ୍ୱରାନ୍ୱିତ ହୋଇପାରିବ ବୋଲି ଯୁଗ୍ମ ଶ୍ରମ କମିଶନର ନରେନ୍ଦ୍ର ରାଇକା କହିଛନ୍ତି। ଆଲୋଚନା ବେଳେ ଡିଏଲଓ ଶ୍ରୀ ସେଠି ମଧ ଉପସ୍ଥିତ ଥିଲେ ।

ଆଜିର ଆଲୋଚନାରେ ସର୍ବଶ୍ରୀ ବସନ୍ତ ବେହେରା, ନାରାୟଣ ଦାଶ, ଅଲେଖ ପାତ୍ର ଓ ମୃତ ଶ୍ରମିକଙ୍କ ବିଧବା ପତ୍ନୀ ମାନେ ଉପସ୍ଥିତ ଥିଲେ ।

# ନାମଲେଖା ବେଳେ ପିଲା ଦେବେ ଘୋଷଣାନାମା: ପଢ଼ୁଥିବା ଯାଏ ନିଶା ଖାଇବୁନି

ଭୁବନେଶ୍ୱର, ୦୩/୧ (ନି.ପ୍ର): ବିଦ୍ୟାଳୟ, ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟରେ ନାମଲେଖା ସମୟରେ ଛାତ୍ରଛାତ୍ରୀ ନିଶା ଖାଇବେନି ବୋଲି ଏକ ଘୋଷଣାନାମାରେ ସ୍ୱାକ୍ଷର କରିବେ। ଯେଉଁଥିରେ ତମାଖୁ ଓ ମଦ୍ୟପାନ ସମେତ ଅନ୍ୟାନ୍ୟ ନିଶାଦ୍ରବ୍ୟର ଭୟବହତା ସମ୍ପର୍କରେ ଅବଗତ ଥିବା, କ୍ୟାମ୍ପସରେ କୌଣସି ପ୍ରକାର ନିଶାଦ୍ରବ୍ୟ ସେବନ ନ କରିବା, ଯଦି କ୍ୟାମ୍ପସର କୌଣସି ସ୍ଥାନରେ ନିଶାଦ୍ରବ୍ୟ ସମ୍ପର୍କିତ କାର୍ଯ୍ୟକଳାପ ହେଉଥିବା ନଜରକୁ ଆସେ ତେବେ ତୁରନ୍ତ କର୍ତ୍ତୃପକ୍ଷଙ୍କୁ ଜଣାଇବା ସହ ସମସ୍ତ ପ୍ରକାର ସହଯୋଗ ଯୋଗାଇବେ ବୋଲି ଉଲ୍ଲେଖ କରିବେ। ଘୋଷଣାନାମାରେ ସେମାନଙ୍କ ନାମ, ପିତାଙ୍କ ନାମ, କେଉଁ ପାଠ୍ୟକ୍ରମରେ ନାମ ଲେଖାଇଛନ୍ତି, କେତେ ବର୍ଷ ପାଇଁ ଶିକ୍ଷା ଗ୍ରହଣ କରିବେ ଆଦି ସମ୍ପର୍କରେ ଜଣାଇବେ। ନିଶା ମୁକ୍ତ ଭାରତ ଅଭିଯାନକୁ ସଫଳ କରିବାକୁ କେନ୍ଦ୍ର ଶିକ୍ଷା ମନ୍ତ୍ରଣାଳୟ ଅଧୀନ ଉଚ୍ଚଶିକ୍ଷା ବିଭାଗ ଓ କେନ୍ଦ୍ର ସାମାଜିକ ନ୍ୟାୟ ଓ ସଶକ୍ତିକରଣ ବିଭାଗ ଏଭଳି ନିଷ୍ପତ୍ତି ନେଇଛନ୍ତି। ଛାତ୍ରଛାତ୍ରୀଙ୍କୁ ନିଶା ବଳୟଠାରୁ ଦୂରେଇ ରଖିବାକୁ ନାମଲେଖା ସମୟରେ ଏଭଳି ଘୋଷଣାନାମା ଦେବାକୁ କେନ୍ଦ୍ର ସରକାରଙ୍କ ପକ୍ଷରୁ ସମସ୍ତ ରାଜ୍ୟ ଓ କେନ୍ଦ୍ର ଶାସିତ ଅଞ୍ଚଳର ମୁଖ୍ୟ ଶାସନ ସଚିବଙ୍କୁ ପତ୍ର ଲେଖାଯାଇଛି।

କେନ୍ଦ୍ରର ନିର୍ଦ୍ଦେଶ ପରେ ରାଜ୍ୟ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ଶସକ୍ତିକରଣ ସଚିବ ଉଚ୍ଚଶିକ୍ଷା, ବୈଷୟିକ ଶିକ୍ଷା ଓ ଗଣଶିକ୍ଷା ବିଭାଗକୁ ପତ୍ର ଲେଖି କ୍ୟାମ୍ପସକୁ ନିଶାମୁକ୍ତ କରିବାକୁ ଆହ୍ୱାନ ଦେଇଛନ୍ତି। କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବାରମ୍ବାର ଚିଠି, ତାଗିଦ୍ ପରେ ମଧ୍ୟ ଶିକ୍ଷାନୁଷ୍ଠାନଗୁଡ଼ିକ ନିଶାମୁକ୍ତ ହୋଇପାରି ନାହିଁ। ସବୁଠି ବେଧଡ଼କ ଭାବେ ନିଶା ସେବନ ଚାଲିଛି। ପ୍ରଫେସରଙ୍କଠାରୁ ଆରମ୍ଭ କରି ଛାତ୍ରଛାତ୍ରୀଙ୍କ ପର୍ଯ୍ୟନ୍ତ, ସମସ୍ତେ ନିଶା କବଳରେ ପଡ଼ୁଛନ୍ତି। ଆଗରୁ ଛାତ୍ରଛାତ୍ରୀ ତମାଖୁ ଓ ମଦ୍ୟପାନ ପରି ନିଶା ସହ ଅଭ୍ୟସ୍ତ ହେଉଥିବା ବେଳେ ଏବେ ଡ୍ରଗ୍ସ ମୋହରେ ପଡ଼ିଲେଣି। ବହୁ ଯୁବପିଢ଼ି ଏଭଳି ଖରାପ ରାସ୍ତାକୁ ଯିବା ଦ୍ୱାରା କ୍ୟାମ୍ପସରେ ଅପରାଧିକ କାର୍ଯ୍ୟକଳାପ ମଧ୍ୟ ବଢ଼ିବାରେ ଲାଗିଛି। ଏନେଇ ବିଭିନ୍ନ ସମୟରେ ସମୀକ୍ଷା ବୈଠକ କରାଯାଇ ବ୍ୟାପକ ଆଲୋଚନା ହେଉଥିଲେ ମଧ କିଛି ସୁଫଳ ମିଳି ପାରିନାହିଁ।



ଯେଉଁଥିପାଇଁ ଏବେ ଛାତ୍ରଛାତ୍ରୀଙ୍କ ଉପରେ ଚାପ ପକାଯାଇଛି। କ୍ୟାମ୍ପସକୁ ଡ୍ରଗ୍ସ, ତମାଖୁ ଓ ମଦ୍ୟପାନମୁକ୍ତ ସୁନିଶ୍ଚିତ କରିବାକୁ ଛାତ୍ରଛାତ୍ରୀ ଘୋଷଣା କରିବେ। କୋଟପା ଆଇନ-୨୦୦୩ ଅନୁଯାୟୀ ତମାଖୁମୁକ୍ତ ଶିକ୍ଷାନୁଷ୍ଠାନ ଗାଇଡ୍‌ଲାଇନ୍‌କୁ କଡ଼ାକଡ଼ି ଲାଗୁ କରିବାକୁ କୁହାଯାଇଛି। ଏ କ୍ଷେତ୍ରରେ ଜାତୀୟ ସେବା ଯୋଜନା(ଏନ୍‌ଏସ୍‌ଏସ୍) ସଦସ୍ୟ, ଛାତ୍ରଛାତ୍ରୀଙ୍କ କ୍ଲବ୍‌ମାନେ ପ୍ରମୁଖ ଭୂମିକା ଗ୍ରହଣ କରିବେ। ନିୟମିତ ବ୍ୟବଧାନରେ କ୍ୟାମ୍ପସରେ ହେଉଥିବା ବିଭିନ୍ନ କାର୍ଯ୍ୟକ୍ରମରେ ସାମିଲ ହେବେ। କ୍ୟାମ୍ପସକୁ ରାଗିଂ, ନିଶାମୁକ୍ତ ସମେତ ଅନ୍ୟାନ୍ୟ ସୁରକ୍ଷା ପାଇଁ ଶିକ୍ଷାନୁଷ୍ଠାନଗୁଡ଼ିକ ଏକକ କ୍ଲବ ଗଠନ କରିପାରିବେ।

ଏଭଳି କଟକଣା ପ୍ରଥମ ଘଟଣା ନୁହେଁ। ରାଜ୍ୟ ସରକାରଙ୍କ ଉଚ୍ଚଶିକ୍ଷା, ବୈଷୟିକ ଶିକ୍ଷା, ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ପୂର୍ବରୁ ମଧ ଶିକ୍ଷାନୁଷ୍ଠାନଗୁଡ଼ିକ ପାଇଁ ପୂର୍ବରୁ ଏକାଧିକ ନିର୍ଦ୍ଦେଶାବଳୀ ଜାରି ହୋଇଛି। ଯେଉଁଥିରେ ସ୍ଥାନୀୟ ଡାକ୍ତର, ସାମାଜିକ କର୍ମୀଙ୍କୁ ଡାକି କାର୍ଯ୍ୟକ୍ରମ କରିବା। ଡ୍ରଗ୍ସ, ତମାଖୁ ଓ ମଦ୍ୟପାନ କବଳରୁ ମୁକ୍ତ ହୋଇଥିବା ବ୍ୟକ୍ତିବିଶେଷଙ୍କୁ ସଚେତନତା କାର୍ଯ୍ୟକ୍ରମକୁ ନିମନ୍ତ୍ରଣ କରି ସେମାନେ କିଭଳି ନିଶା କବଳରୁ ମୁକ୍ତ ହେଲେ ସେ ସମ୍ପର୍କରେ ପିଲାଙ୍କୁ ଅବଗତ କରାଇବେ। ଯଦି କୌଣସି ଛାତ୍ରଛାତ୍ରୀ ଏଭଳି ବଦଭ୍ୟାସ ଛାଡ଼ିବାକୁ ଚାହୁଁଛନ୍ତି, ତେବେ ସେମାନଙ୍କ ଲାଗି କାଉନସେଲିଂ କରିବା ଦିଗରେ ଶିକ୍ଷାନୁଷ୍ଠାନ କର୍ତ୍ତୃପକ୍ଷ ପଦକ୍ଷେପ ଗ୍ରହଣ କରିବାକୁ କୁହାଯାଇଥିଲା।

# ସମ୍ବଲପୁର ଲୋକ-ମହୋତ୍ସବ ଆଜିଠୁ

ସମ୍ବଲପୁର, ୦୩/୧ (ନି.ପ୍ର): ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ସମ୍ବଲପୁର ଲୋକମହୋତ୍ସବ ୨୦୨୪ ପାଇଁ ଏକ ସାମ୍ବାଦିକ ସମ୍ମିଳନୀ ଆୟୋଜିତ ହୋଇଯାଇଛି। ଲୋକମହୋତ୍ସବର ମିଡିଆ ଉପସମିତିର ଆବାହକ ସାମ୍ବାଦିକ ସୁକାନ୍ତ କରଙ୍କ ସଂଯୋଜନାରେ ହୋଇଥିବା ଏହି ସଭାରେ ଲୋକ-ମହୋତ୍ସବ ଆୟୋଜନ ଉପରେ ଆଲୋଚନା କରାଯାଇଥିଲା। ଆସନ୍ତା ଜାନୁଆରି ୪,୫ ଓ ୬ ତିନିଦିନ ଧରି ପାଳିତ ହେବାକୁ ଥିବା ଏହି ସାଂସ୍କୃତିକ ମହାକୁମ୍ଭରେ ଛଅଟି ସ୍ଥାନୀୟ ଦଳ ସମେତ ଆଠଟି ରାଜ୍ୟସ୍ତରୀୟ ଓ ଛଅଟି ଜାତୀୟ ଲୋକନୃତ୍ୟ ଦଳ ତାଙ୍କ ନୃତ୍ୟ ପ୍ରଦର୍ଶନ କରିବାକୁ ଯାଉଛନ୍ତି। ଏତଦ୍ ବ୍ୟତିତ ଥାଇଲାଣ୍ଡରୁ ଏକ ଆନ୍ତର୍ଜାତୀୟ ଲୋକନୃତ୍ୟ ଦଳ ମଧ ତାଙ୍କ ନୃତ୍ୟ ପ୍ରଦର୍ଶନ କରିବେ। ପ୍ରଥମ ଦିନ ପୂର୍ବାହ୍ଣ ୧୦ଟାରୁ ବାଲିବନ୍ଧା ସୋମନାଥ ମନ୍ଦିର ନିକଟରୁ ମ୍ୟୁନିସିପାଲିଟି ଛକ ପର୍ଯ୍ୟନ୍ତ ଏକ ସାଂସ୍କୃତିକ ଶୋଭାଯାତ୍ରା ହେବ। ଏଥିରେ ତେରରୁ ଅଧିକ ଲୋକନୃତ୍ୟ ଦଳ ସାମିଲ ହେବାକୁ ଯାଉଛନ୍ତି ବୋଲି ସୂଚୀତ କରାଯାଇଛି। ଶୋଭାଯାତ୍ରା ପରେ ପିଏଚ୍ଡି ପଡିଆରେ ପ୍ରଦର୍ଶନୀ କଳାଗ୍ରାମ ଉଦଘାଟନୀ କାର୍ଯ୍ୟକ୍ରମ ରହିଥିବା ବେଳେ ସନ୍ଧ୍ୟାରେ ଫଟୋ,ଚିତ୍ରକଳା ପ୍ରଦର୍ଶନୀ ଓ ଲୋକମହୋତ୍ସବ ଉଦଘାଟନୀ କାର୍ଯ୍ୟକ୍ରମ ରଖାଯାଇଛି। ପ୍ରତିଦିନ ମଂଚ କାର୍ଯ୍ୟକ୍ରମ ପୂର୍ବରୁ ଦୁଇଟି ଲେଖାଏଁ ଅବଲୁପ୍ତ ପ୍ରାୟ ଲୋକବାଦ୍ୟ ପରିବେଷିତ ହେବାକୁ ଥିବାବେଳେ ଦ୍ୱିତୀୟ ଓ ତୃତୀୟ ଦିନ ଆଲୋଚନା ଚକ୍ର, କର୍ମଶାଳା ଓ ସମ୍ବଲପୁରୀ କବିତା ପାଠୋତ୍ସବ ଅନୁଷ୍ଠିତ ହେବ ବୋଲି ସମ୍ମିଳନୀରେ ସୂଚୀତ କରାଯାଇଥିଲା ।ଜିଲ୍ଲା ସଂସ୍କୃତି ପରିଷଦର ଅଧ୍ୟକ୍ଷା ତଥା ଜିଲ୍ଲାପାଳ ଅନନ୍ୟା ଦାସଙ୍କ ସମେତ ମୁଖ୍ୟ ସଂଯୋଜକ ଭୋଲା ଶଙ୍କର ମହଣ୍ଡମ,ମହାନଗର ନିଗମ କମିଶନର ତଥା ନୋଡାଲ ଅଧିକାରୀ ବେଦଭୂଷଣ,ଡେପୁଟୀ କଲେକ୍ଟର ତଥା ସହନୋଡାଲ ଅଧିକାରୀ ସୁଶାନ୍ତ କୁମାର ସାହୁ,ଜିଲ୍ଲା ସଂସ୍କୃତି ଅଧିକାରୀ ଫକୀର ମୋହନ ମାଝୀ, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ସଂଯୁକ୍ତା କୁଲୁ ପ୍ରମୁଖ ମଂଚରେ ଉପସ୍ଥିତ ରହି ଆଲୋଚନାରେ ଭାଗ ନେଇଥିଲେ ।ଶେଷରେ ସହ ସଂଯୋଜକ ଅନୁପ ତରିଆ ଧନ୍ୟବାଦ ଅର୍ପଣ କରିଥିଲେ । ସୂଚନାଯୋଗ୍ୟ ଆୟୋଜିତ ଲୋକ ମହୋତ୍ସବ ରେ ୧୫୦ ଟି ଷ୍ଟଲ ଓ ୧୫ଟି ଖାଦ୍ୟ ଷ୍ଟଲ ହେବ। ଷ୍ଟଲ ଗୁଡିକ ୩ ରୁ ୭ ତାରିଖ ତଥା ୫ ଦିନ ପାଇଁ ଖୋଲିବ ବୋଲି ସୂଚନା ଦିଆଯାଇଛି।

# ଭାରତ ବିକାଶ ପରିଷଦ ପୂର୍ବ ପ୍ରାନ୍ତର ଶ୍ରୀକ୍ଷେତ୍ର ଶାଖା ଏବଂ ଖୋର୍ଦ୍ଧା ବରୁଣେଇ ଶାଖା ଉଦଘାଟନ

ପୁରୀ, ୦୩/୧ (ନି.ପ୍ର): ସମୃଦ୍ଧ, ପ୍ରଗତିଶୀଳ ଭାରତ ବର୍ଷ ଗଠନ ପାଇଁ ସେବା, ସମନ୍ୱୟ ଓ ସମର୍ପଣ ଦରକାର। ବିକଶିତ ଭାରତ ପରିକଳ୍ପନା ଦିଗରେ ସମସ୍ତଙ୍କ ସହଭାଗିତା ଜରୁରୀ । ବିବିଧତା ଭରା ଭାରତବର୍ଷର ଏକତା, ସଂହତି ହେଉଛି ଏହାର ପରିଚୟ । ଭାରତ ଆଗାମୀ ୨୦୪୭ ସ୍ୱାଧିନତାର ଶତାବ୍ଦି ବର୍ଷରେ ପଦାର୍ପଣ କରିବେ । ନିଜ ମାଟି, ଗାଁ, ସହର, ପ୍ରଦେଶକୁ ବିକଶିତ କରିବାକୁ ହେବ । ବିଶ୍ୱବନ୍ଦନୀୟ ତଥା ବିକଶିତ ରାଷ୍ଟ୍ର ନିର୍ମାଣରେ ସମସ୍ତଙ୍କ ଆବଶ୍ୟକତା ରହିଛି ବୋଲି ଶ୍ରୀଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟ ପ୍ରାକ୍ତନ କୁଳପତି ପ୍ରଫେସର ହରିହର ହୋତା କହିଛନ୍ତି।

ପୁରୀ ବଡଶଙ୍ଖ ସ୍ଥିତ ତ୍ରିମୂର୍ତି ହାଇଟସ୍ ହୋଟେଲ ସମ୍ମିଳନୀ କକ୍ଷରେ ଭାରତ ବିକାଶ ପରିଷଦ ପୂର୍ବ ପ୍ରାନ୍ତର ଶ୍ରୀକ୍ଷେତ୍ର ଶାଖା ଏବଂ ଖୋର୍ଦ୍ଧା ବରୁଣେଇ ଶାଖା ଉଦଘାଟନ ହୋଇଯାଇଛି । ପୂର୍ବ ପ୍ରାନ୍ତ ରାଜ୍ୟ ସଭାପତି ଶିକ୍ଷାବିତ ସତ୍ୟବାଦୀ ଦାଶଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ପ୍ରାକ୍ତନ କୁଳପତି ହୋତା କହିଲେ ଯେ, ସେବା ପାଇଁ ସଂକଳ୍ପ ନେବାର ସମୟ ଆସିଛି । ନିଜ ସ୍ୱାର୍ଥ ଅପେକ୍ଷା ରାଷ୍ଟ୍ରର ସ୍ୱାର୍ଥକୁ ଗୁରୁତ୍ୱ ଦେବାକୁ ପରାମର୍ଶ ଦେଇଥିଲେ । ପରିଷଦର ପୂର୍ବକ୍ଷେତ୍ର ମହାସଚିବ ପୂର୍ଣଚନ୍ଦ୍ର ଝୁଟିଆ ଯୋଗଦେଇ କହିଲେ, ଲୋକଙ୍କ ନିକଟରେ ସେବାମୂଳକ କାର୍ଯ୍ୟ ପହଂଚାଇବା ଲକ୍ଷ୍ୟ ନେଇ ଅଧିକରୁ ଅଧିକ ଶାଖା ଖୋଲାଯିବାର ଉଦ୍ଦେଶ୍ୟ ରହିଛି। ସଂଗଠନ ସଚିବ ସୌମେନ୍ଦ୍ର ଦାସ କହିଲେ, ଭାରତ ବିକାଶ ପରିଷଦ ସମାଜରେ ସମ୍ପର୍କ, ସହଯୋଗ, ସଂସ୍କାର, ସେବା ଓ ସମର୍ପଣ ଭାବରେ କାର୍ଯ୍ୟ କରୁଛି । ୧୬ଟି ଜିଲାକୁ ନେଇ ଓଡ଼ିଶା ପୂର୍ବପ୍ରାନ୍ତ ଗଠିତ ହୋଇଛି। ଏହା ସମର୍ପିତ ଭାବରେ ରାଷ୍ଟ୍ରର ଜନକଲ୍ୟାଣ ଦିଗରେ ଅନବରତ କାର୍ଯ୍ୟ ଜାରି ରଖିଛି। ଏହି ଅବସରରେ ନୂତନ ଶାଖା କର୍ମକର୍ତାଙ୍କୁ ପ୍ରାନ୍ତୀୟ ଅଧ୍ୟକ୍ଷ ଶପଥପାଠ କରାଇଥିଲେ। ଶ୍ରୀକ୍ଷେତ୍ର ଶାଖାର ଅଧ୍ୟକ୍ଷ ଭାବେ ଡ. କମଳେଶ ପ୍ରଧାନ, ବିଶ୍ୱଶାନ୍ତି ତ୍ରିପାଠୀ ସମ୍ପାଦକ ଏବଂ ସୌରଭ ଦାସ ଅର୍ଥ ସଚିବ ଭାବେ ଦାୟିତ୍ୱ ଗ୍ରହଣ କରିଛନ୍ତି । ସେହିପରି ବରୁଣେଇ ଶାଖାର ସଭାପତି ପ୍ରାଧାପକ ଅଜୟ ମିଶ୍ର, ସଚିବ ଭାବେ ଅଧାପିକା ପ୍ରବୀଣା ପଟ୍ଟନାୟକ ଏବଂ ଅର୍ଥ ସଚିବ ଭାବେ ରୋଜାଲିନ ପଣ୍ଡାଙ୍କୁ ଦାୟିତ୍ୱ ଦିଆଯାଇଛି। ମହିଳା ଓ ବାଲ ସଂସ୍କାର ବିଭାଗ କ୍ଷେତ୍ରୀୟ ସଚିବ ସୁପ୍ରିତି ରଥ, ପ୍ରଫେସର ପ୍ୟାରିମୋହନ ପଟ୍ଟନାୟକ ଅତିଥି ଭାବେ ଯୋଗଦେଇଥିଲେ । ବରିଷ୍ଠ ସାମାଜିକ କର୍ମୀ ଜୟନ୍ତୀ ମହାପାତ୍ର, ନିମାଇ ଚରଣ ସାହୁ, ସନ୍ତୋଷ ମହାନ୍ତି, ପତିତପାବନ ସାମନ୍ତରାୟ, ତପସ୍ୱିନୀ ଦାସ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ଶେଷରେ ରାମଚନ୍ଦ୍ର ଦଳାଇ ଧନ୍ୟବାଦ ଅର୍ପଣ କରିଥିଲେ ।

# ହଇଜାସ୍ଥିତି ସମୀକ୍ଷା କଲେ କେନ୍ଦ୍ରୀୟ ଟିମ୍: ସଂଗ୍ରହ ହେଲାଣି ୭ ହଜାର ପାଣି ନମୁନା

ରାଉରକେଲା, ୦୩/୧ (ନି.ପ୍ର): ଆଜି ଦ୍ୱିତୀୟ ଦିନରେ ରାଉରକେଲାରେ ହଇଜା ସ୍ଥିତିର ସମୀକ୍ଷା କରିଛନ୍ତି ୫ ଜଣିଆ କେନ୍ଦ୍ରୀୟ ଟିମ୍। ନୂଆଦିଲ୍ଲୀସ୍ଥ ଏନ୍‌ସିଡିସିର ଡା. ଇରମ ତବସୁମ୍, ସ୍ୱାସ୍ଥ୍ୟ ବିଭାଗର ଆଞ୍ଚଳିକ ନିର୍ଦ୍ଦେଶକ ଡା. ଏନ.ଏମ. ସୋମାଲକର, ଏମ୍ସ (ଭୁବନେଶ୍ୱର)ର ମେଡିସିନ ବିଭାଗର ପ୍ରଫେସର ଡା. ଆଲୋକ ଚକ୍ରବର୍ତ୍ତୀ, କୋଲକାତାସ୍ଥ ନ୍ୟାସନାଲ ଇନଷ୍ଟିଚ୍ୟୁଟ୍ ଅଫ୍ କୋଲେରା ଆଣ୍ଡ୍ ଏଣ୍ଟେରିକ୍ ଡିଜିଜ୍‌ର କୋଲେରା ଫେଜ୍ ଲାବୋରେଟୋରୀର ଭାରପ୍ରାପ୍ତ ଅଧିକାରୀ ବୈଜ୍ଞାନିକ ଡା. ଆଲୋକ କୁମାର ଚକ୍ରବର୍ତ୍ତୀ ଓ ଏଆଇଆଇଏଚ୍‌ପିଏଚ୍‌ର ବିଶେଷଜ୍ଞ ଡା. ସୁମନ୍ତ ପାଲ ଆରଜିଏଚ୍‌ରେ ସମୀକ୍ଷା କରିଥିଲେ। ସମୀକ୍ଷା ବୈଠକରେ ଆରଜିଏଚ୍‌ର ନିର୍ଦ୍ଦେଶକ, ଉପ ଅଧୀକ୍ଷକଙ୍କ ସମେତ ହଇଜା ରୋଗୀଙ୍କୁ ଚିକିତ୍ସା କରୁଥିବା ଡାକ୍ତରମାନେ ଉପସ୍ଥିତ ଥିଲେ। ସମୀକ୍ଷା ବୈଠକ ପ୍ରାୟ ଦୁଇ ଘଣ୍ଟା ଧରି ଚାଲିଥିଲା। ଗତ ଡିସେମ୍ବର ୧୧ ତାରିଖରୁ ଆଜି ପର୍ଯ୍ୟନ୍ତ ରାଉରକେଲା ଓ ଏହାର ଆଖପାଖରୁ କେତେ ହଇଜା ରୋଗୀ ଆକ୍ରାନ୍ତ ହୋଇଛନ୍ତି ଆରଜିଏଚ୍ ସମେତ ବିଭିନ୍ନ ଗରୋଇ ହସ୍ପିଟାଲରେ ମୃତ୍ୟୁ ହୋଇଛନ୍ତି । ହଇଜା ନିୟନ୍ତ୍ରଣ ପାଇଁ ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ କି କି ପଦକ୍ଷେପ ନିଆଯାଇଛି ଆଦି ବିସ୍ତୃତ ଆଲୋଚନା ହୋଇଥିଲା। ପରେ ଦ୍ୱିତୀୟ ବୈଠକ ରାଉରକେଲା ମହାନଗର ନିଗମ (ଆରଏମ୍‌ସି) ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଥିଲା। କମିସନର ତଥା ଅତିରିକ୍ତ ଜିଲ୍ଲାପାଳ ଡାକ୍ତର ଶୁଭଙ୍କର ମହାପାତ୍ରଙ୍କ ସମେତ ବିଭିନ୍ନ ବିଭାଗର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ। କେନ୍ଦ୍ରୀୟ ବିଶେଷଜ୍ଞ ଟିମ୍ ସ୍ଥିତି ଅନୁଧ୍ୟାନ କରିବା ସହ କିଛି ପ୍ରସ୍ତାବ ଦେଇଥିଲେ। ଆସନ୍ତାକାଲି (ବୁଧବାର) ବିଭିନ୍ନ ଅଞ୍ଚଳ ପରିଦର୍ଶନରେ ଯିବେ। ବିଭିନ୍ନ ବସ୍ତି ଓ କଲୋନିରେ ସିଧାସଳଖ ଲୋକଙ୍କ ସହ ଯୋଗାଣ ହେଉଥିବା ପାଣିର ଗୁଣବତ୍ତା ସମ୍ପର୍କରେ ଆଲୋଚନା କରିବା ସହ ତଥ୍ୟ ସଂଗ୍ରହ କରିବେ। ଅତିରିକ୍ତ ଜିଲ୍ଲାପାଳ ଡାକ୍ତର ମହାପାତ୍ର କହିଛନ୍ତି, ଆରଏମ୍‌ଆରସି, ଏସ୍‌ଇବି ଓ ଆରଏମ୍‌ସି ଜଳସାଥୀ ପକ୍ଷରୁ ସଂଗୃହୀତ ବିସ୍ତୃତ ରିପୋର୍ଟ କେନ୍ଦ୍ରୀୟ ଟିମ୍‌କୁ ଦିଆଯାଇଛି। ବର୍ତ୍ତମାନ ସୁଦ୍ଧା ସହରର ବିଭିନ୍ନ ଅଞ୍ଚଳରେ ୱାଟ୍‌କୋ ପକ୍ଷରୁ ୭ ହଜାର ପାଣି ନମୁନା ସଂଗ୍ରହ କରି ପରୀକ୍ଷା ପାଇଁ ପଠାଯାଇଛି। ୱାଟ୍‌କୋର ୨୫ ଟିମ୍ ମରାମତି କାମରେ ଲାଗିଛନ୍ତି। ଡ୍ରେନ୍ ଭିତରେ ଯାଇଥିବା ପାଇପ୍ ଲାଇନ୍‌ଗୁଡ଼ିକୁ ଅନ୍ୟତ୍ର ସ୍ଥାନାନ୍ତର କରିବାକୁ ପ୍ରୟାସ ଜାରି ରହିଛି। ଆଜି ସଂଧ୍ୟା ସୁଦ୍ଧା ଆରଜିଏଚ୍‌ରେ ୮ ଓ ବିଭିନ୍ନ ଘରୋଇ ହସ୍ପିଟାଲରେ ୧୦ , ଏମିତି ମୋଟ ୧୮ ଜଣ ହଇଜା ରୋଗୀ ଚିକିତ୍ସିତ ହେଉଛନ୍ତି। ଖାଦ୍ୟ ଓ ପାଣି ଦ୍ୱାରା ହଇଜା ବ୍ୟାପିଲା ସ୍ପଷ୍ଟ ହୋଇ ନାହିଁ। ଆରଏମ୍‌ଆରସି ଓ ଏସ୍‌ଇବି ଟିମ୍ ପକ୍ଷରୁ ରିପୋର୍ଟ ଆସିବା ପରେ କେଉଁ କାରଣରୁ ହଇଜା ବ୍ୟାପିଲା ଜଣାପଡ଼ିବ ବୋଲି କହିଛନ୍ତି। ଡିସେମ୍ବର ୧୧ ତାରିଖରେ ପ୍ରଥମଥର ପାଇଁ ୨୮ ଜଣ ସଂକ୍ରମିତ ଆରଜିଏଚ୍‌ରେ ଭର୍ତ୍ତି ହୋଇଥିଲେ। ପରବର୍ତ୍ତୀ ସମୟରେ ସ୍ଥିତି ନିୟନ୍ତ୍ରଣ ବାହାରି ଚାଲିଯାଇଥିଲା। ଦୈନିକ ଶତାଧିକ ଲୋକ ସଂକ୍ରମିତ ହେବାସହ ଆରଜିଏଚ୍ ଓ ଅନ୍ୟାନ୍ୟ ବେସରକାରୀ ହସପିଟାଲରେ ଭର୍ତ୍ତି ହୋଇଥିଲେ। ଏମିତିକି ହଜାରେ ରୋଗୀ ମୃତ୍ୟୁବରଣ ମଧ କରିଥିଲେ। ପ୍ରଶାସନ ପକ୍ଷରୁ ୯ ଜଣଙ୍କ ମୃତ୍ୟୁ ହୋଇଥିବା କୁହାଯାଇଥିବାବେଳେ ବାସ୍ତବରେ ମୃତ୍ୟୁ ସଂଖ୍ୟା ୧୬କୁ ଛୁଇଁଥିବା ଜଣାପଡ଼ିଥିଲା। ସଂକ୍ରମିତଙ୍କ ସଂଖ୍ୟା ପ୍ରାୟ ହଜାରେ ହୋଇଥିଲା। ଦୂଷିତ ପାଣି ପାଇଁ ସଂକ୍ରମଣ ବ୍ୟାପିଥିବା ଆକଳନ କରାଯାଇଥିଲା।



# ତ୍ୱଚା ସମସ୍ୟା ଦୂର କରିବ କେଶ




**ଗବେଷଣାରୁ ଜଣାପଡ଼ିଛି, ଭିଟିଲିଗୋ ବା ଧବଳଛଉ ଓ ବର୍ଣ୍ଣ ଇଞ୍ଜୁରୀର ଉପଚାର କେଶକୂପ ତଥା ତ୍ୱଚାରୁ ସଂଗ୍ରହ କରାଯାଉଥିବା ଷ୍ଟେମସେଲ ଦ୍ୱାରା କରାଯାଇପାରିବ।**

ଭିଟିଲିଗୋ ବା ଧବଳ ଛଉ ଓ ବର୍ଣ୍ଣ ଉପଶମର ଏକ ଆଶା ସଞ୍ଚାର ହୋଇଛି। ବୈଜ୍ଞାନିକମାନେ କେଶକୂପ ଓ ତ୍ୱଚାରୁ ଷ୍ଟେମସେଲ ସଂଗ୍ରହ କରି ଏହାର ଚିକିତ୍ସା ବ୍ୟବସ୍ଥା କରିବାକୁ ସକ୍ଷମ ହୋଇଛନ୍ତି। ଅଲ୍ ଇଣ୍ଡିଆ ଇନଷ୍ଟିଚ୍ୟୁଟ ଅଫ ମେଡ଼ିକାଲ ସାଇନ୍ସ (ଏମସ)ର ଗବେଷକମାନେ ସେଠାରେ ଚିକିତ୍ସିତ ହେଉଥିବା ପୀଡ଼ିତମାନଙ୍କ କେଶକୂପ ଓ ତ୍ୱଚାର ସାମ୍ପଲ ସଂଗ୍ରହ କରି ତା' ଉପରେ ଗବେଷଣା କରିଛନ୍ତି। ତ୍ୱଚାର ଟିସୁ ସେଲ୍ ଥେରାପୀ ଲାଗି ଉପଯୁକ୍ତ ହେଉଥିବା ବେଳେ ଏହା ଷ୍ଟେମସେଲର ଏକ ପ୍ରମୁଖ ଉତ୍ସ ବୋଲି କହନ୍ତି ଏମସ ଷ୍ଟେମସେଲ ଫାସିଲିଟି ମୁଖ୍ୟ ଡ.ସୁଜାତା ମହାନ୍ତି। ସେ କହନ୍ତି, ବୋନମ୍ୟାରୋ ବ୍ୟତୀତ କେଶମୂଳ ଓ ତ୍ୱଚାର ଟିସ୍ୟୁ ହିଁ କେବଳ ବିଭିନ୍ନ ପ୍ରକାର ଷ୍ଟେମସେଲ ଧାରଣ କରିଥାଏ। ଏହି ଷ୍ଟେମସେଲଗୁଡ଼ିକ ହେଲା ମେଲୋନୋସାଇଟସ, କେରାଟିନୋସାଇଟ୍ ଓ ମେସେନଚିମାଲ ଷ୍ଟେମସେଲ।

ତ୍ୱଚାରେ ସବୁଠୁ ବେଶୀ କେରାଟିନୋସାଇଟ ଷ୍ଟେମସେଲ ରହିଛି। ଅନ୍ୟପ୍ରକାର ସେଲ୍ ଅପେକ୍ଷା ଏହାକୁ ବେଶୀ ସମୟ କଲଚର କରାଯାଇପାରିବ। ଏହାକୁ ବି କ୍ଲିନିକାଲ ସେଟଅପରେ ଅଧିକ ସମୟ ପର୍ଯ୍ୟନ୍ତ ରଖାଯାଇ ଧବଳ ଛଉ, ପୋଡ଼ାଦାଗ ଓ ଅନ୍ୟ ତ୍ୱଚା ସମ୍ପର୍କୀତ ସମସ୍ୟାର ମେଡ଼ିକାଲ ମ୍ୟାନେଜମେଣ୍ଟ ଲାଗି ବ୍ୟବହାର କରାଯାଇପାରିବ। କିନ୍ତୁ କେଶକୂପରେ ରହିଥିବା ଷ୍ଟେମସେଲ ଭିଟିଲିଗୋ ବା ଧବଳ ଛଉର ସେଲ୍ ବେସଡ଼ କ୍ଲିନିକାଲଥେରାପୀ ଲାଗି ଦରକାର। ତ୍ୱଚାରେ ପିଗ୍‌ମେଣ୍ଟ ପ୍ରସ୍ତୁତ କରଉଥିବା ମେଲାନୋସାଇଟ ସେଲ କ୍ଷୟ ହେବା କାରଣରୁ ଏହି ସମସ୍ୟା ଦେଖାଯାଏ।

ସେହିପରି ତ୍ୱଚାରୁ ସଂଗ୍ରହ କରାଯାଉଥିବା ଷ୍ଟେମସେଲ ଦ୍ୱାରା ବର୍ଣ୍ଣ ବା ପୋଡ଼ାଜଳାରେ ପୀଡ଼ିତାଙ୍କ ଉପଚାର କରାଯାଇ ପାରୁଛି। ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନ ପକ୍ଷରୁ କରାଯାଇଥିବା ସର୍ଭେ ରିପୋର୍ଟରେ ପ୍ରକାଶ କରାଯାଇଛି ଯେ, ଭାରତରେ ପ୍ରତିବର୍ଷ ୧ଲକ୍ଷ ଲୋକ ପୋଡ଼ିହୋଇ ଗୁରୁତର ଆହତ ହୋଇଛନ୍ତି। ଏଣୁ ଏହାର ଉପଚାର ଲାଗି ସାରା ଦେଶରେ ସ୍କିନ ବ୍ୟାଙ୍କ କରିବାକୁ ଲକ୍ଷ୍ୟ ରଖାଯାଇଛି। କିନ୍ତୁ ଦିଲ୍ଲୀର ସଫଦରଜଙ୍ଗରେ ରହିଥିବା ଏକମାତ୍ର ସ୍କିନ ବ୍ୟାଙ୍କରେ ୪ବର୍ଷ ମଧ୍ୟରେ ଜଣେ ବି ସ୍କିନ ଡୋନେଟ କରିନାହାନ୍ତି। ତ୍ୱଚାର



ଷ୍ଟେମସେଲରେ ବର୍ଣ୍ଣ ପୀଡ଼ିତମାନଙ୍କ ଉପଚାର ସହଜ ହେବାର ପଥ ରହିଥିଲେ ବି ସ୍କିନ ବ୍ୟାଙ୍କରେ ଡୋନେସନ ହୋଇନପାରିବା କ୍ଷୋଭର ବିଷୟ। ଷ୍ଟେମସେଲ ଥେରାପୀକୁ ଆଗକୁ ବଢ଼ାଇବାକୁ ହେଲେ ସ୍କିନ ଆବଶ୍ୟକ। ଷ୍ଟେମସେଲ ଉପରେ ଗବେଷଣା ସହ ଟିସ୍ୟୁ ଇଞ୍ଜିନିୟରିଂ ଡିଜେନେରେଟିଭ ଡିଜିଜ ଲାଗି ବେଶୀ ଦରକାରରେ ଆସିବା ସହ ନୂଆ ତ୍ୱଚା ସୃଷ୍ଟି କରିବାରେ ସହାୟକ ହୋଇପାରିବ। ଏହି ଚିକିତ୍ସାର ବହୁତ କମ୍ ପାର୍ଶ୍ୱପ୍ରତିକ୍ରିୟା ରହିଛି ଯାହା ସେପରି କିଛି କ୍ଷତି ପହଞ୍ଚାଇବ ନାହିଁ।

- ଏମସର ବାୟୋଟେକନୋଲୋଜି ବିଭାଗ ଦ୍ୱାରା ଏହି ପ୍ରୋଜେକ୍ଟରେ ତ୍ୱଚା ଓ କେଶକୂପରୁ ଷ୍ଟେମେସେଲ ସଂଗ୍ରହ କରାଯାଇଛି। ଏହି ଗବେଷଣା ଭିଟିଲିଗୋ ଓ ବର୍ଣ୍ଣ ଇଞ୍ଜୁରୀ ଲାଗି ଉଦ୍ଦିଷ୍ଟ।

- ଭିଟିଲିଗୋ ଲାଗି କେଶ କୂପରେ ଥିବା ଷ୍ଟେମସେଲ ବେଶୀ କାମରେ ଆସିବ।

ଭାରତରେ ୧୦ଲକ୍ଷ ଲୋକ ପ୍ରତିବର୍ଷ ପୋଡ଼ି ହୋଇ ଗୁରୁତର ଆହତ ହୁଅନ୍ତି।

- ସାରା ବିଶ୍ୱରେ ୬୫ଦ-୯୫ ମିଲିଅନ ଲୋକ ଭିଟିଲିଗୋରେ ଆକ୍ରାନ୍ତ। ଭାରତରେ ୦.୫-୨ପ୍ରତିଶତ ଲୋକ ଭିଟିଲିଗୋରେ ଆକ୍ରାନ୍ତ।

# ମଧୁମେହ ରୋଗୀଙ୍କୁ ଚେତାବନୀ: ମୋମୋସ୍ ବଢାଇଥାଏ ସୁଗାର ଲେବଲ୍

ଭାରତର ପ୍ରତ୍ୟେକ ଛକ ଏବଂ ବଜାରରେ ମୋମୋସ୍ ମିଳିଥାଏ। ହେଲେ ଏହା ଦେହ ପାଇଁ ବହୁତ ଖରାପ। ରୋଗୀଙ୍କ ପାଇଁ ବିଷ ଠାରୁ କମ୍ ନୁହେଁ। ବ୍ଲଡ ସୁଗାର ରୋଗୀଙ୍କ ପାଇଁ ମୋମୋସ୍ ବିପଜ୍ଜନକ ଅଟେ। ସ୍ୱାସ୍ଥ୍ୟ ବିଶେଷଜ୍ଞଙ୍କ ଅନୁଯାୟୀ, ମୋମୋସ୍ ଶୀଘ୍ର ମଧୁମେହ ସୃଷ୍ଟି କରେ ଏବଂ ରୋଗୀକୁ ଗୁରୁତର ଅବସ୍ଥାକୁ ଆଣିପାରେ। ଏନେଇ ସ୍ୱାସ୍ଥ୍ୟ ବିଶେଷଜ୍ଞମାନେ କହିଛନ୍ତି ଯେ ବଜାରରେ ବିକ୍ରି ହେଉଥିବା ଅଧିକାଂଶ ମୋମୋ ମଇଦାରୁ ତିଆରି। ଏଥିରେ ବ୍ୟବହୃତ ପନିପରିବା, ପନିର ଏବଂ ନନ୍ ଭେଜ୍ ସାମଗ୍ରୀର ଗୁଣ ଅତ୍ୟନ୍ତ ଖରାପ ଅଟେ। ବିଶେଷଜ୍ଞମାନେ କହିଛନ୍ତି ଯେ ମୋମୋକୁ ଧଳା ଏବଂ ନରମ କରିବା ପାଇଁ ଏଥିରେ ଅତି କମରେ ୩ ପ୍ରକାରର ରାସାୟନିକ ପଦାର୍ଥ ମିଶାଯାଇଥାଏ। ଯାହା ସ୍ୱାସ୍ଥ୍ୟ ପାଇଁ ଅତ୍ୟନ୍ତ କ୍ଷତିକାରକ। ଜଣେ ଡାକ୍ତର କହିଥିଲେ ମୋମୋକୁ ଧଳା ଏବଂ ନରମ କରିବା ପାଇଁ ବ୍ଲିଚ୍, କ୍ଲୋରାଇନ୍ ଏବଂ ବେନୋଜୋଏଲ୍ ପେରକ୍ସାଇଡ୍ ମିଶାଯାଏ। ମଧୁମେହ ରୋଗୀଙ୍କ ପାଇଁ ଏହି ତିନୋଟି ଜିନିଷ ଅତ୍ୟନ୍ତ ବିପଜ୍ଜନକ ଅଟେ। ଏହି ରାସାୟନିକ ପଦାର୍ଥ ଆମ ଶରୀରରେ ଇନସୁଲିନ୍ ଉତ୍ପାଦନକାରୀ କୋଷ ସହିତ ସମନ୍ୱୟ କରେ ନାହିଁ ଏବଂ ସୁଗାର ସ୍ତରକୁ ଟ୍ରିଗର କରିଥାଏ। ସେହି ସମୟରେ, ମନୋସୋଡିୟମ୍ ଗ୍ଲୁଟାମେଟ୍ ପରି ରାସାୟନିକ ପଦାର୍ଥ ମଧ୍ୟ ସୁଗନ୍ଧ ଏବଂ ସ୍ୱାଦକୁ ବଢାଇବା ପାଇଁ ମୋମୋସରେ ବ୍ୟବହୃତ ହୁଏ। ଯାହା ଆମ ପାଚନକ୍ରିୟା ଏବଂ କିଡନୀକୁ କ୍ଷତି ପହଞ୍ଚାଇପାରେ। ଆସନ୍ତୁ ଆପଣଙ୍କୁ କହିବା ଯେ ଏହା ଏକ ରାସାୟନିକ ପଦାର୍ଥ ଯାହା ମଧୁମେହ ଭଳି ଗୁରୁତର ରୋଗର କାରଣ ହୋଇପାରେ। ଏକ ରିପୋର୍ଟ ଅନୁଯାୟୀ, ଯଦି ଟାଇପ୍-୨ ମଧୁମେହ ରୋଗୀ ୩-୪ ସପ୍ତାହ ପର୍ଯ୍ୟନ୍ତ ମୋମୋସ୍ ଖାଏ, ତେବେ ଏହାର କୌଣସି ବିଶେଷ ପ୍ରଭାବ ପଡ଼ିବ ନାହିଁ, କିନ୍ତୁ ପ୍ରତିଦିନ ଅଧିକ ମୋମୋ ଖାଇବା ଦ୍ୱାରା ସୁଗାର ଲେବଲ୍‌କୁ ଶୀଘ୍ର ବଢ଼ାଇଥାଏ।



ମଧୁମେହ ରୋଗୀମାନେ ମୋମୋସ୍ ଖାଇଲେ ମଧ୍ୟ ସେମାନେ କେବଳ ଷ୍ଟିମ୍ ମୋମୋସ୍ ଖାଇବା ଉଚିତ୍। ଯଦି ଏହା ଅଟା, ବାଜରା ଇତ୍ୟାଦି ଜିନିଷରେ ତିଆରି ହୁଏ ତେବେ ଏହା ଭଲ। ଏହା ବ୍ୟତୀତ ଯେଉଁ ଲାଲ୍ ଚଟନି ସହିତ ମୋମୋସ୍ ଖିଆଯାଏ ତାହା ମଧ୍ୟ ସ୍ୱାସ୍ଥ୍ୟ ପାଇଁ ଅତ୍ୟନ୍ତ କ୍ଷତିକାରକ ଅଟେ। ଏଥିରେ ଲାଲ୍ ଚିଲି ସହିତ ରଙ୍ଗ ମଧ୍ୟ ବ୍ୟବହାର କରାଯାଏ। ଏହି ଚଟନିରୁ ପାଇଲସ୍ ଏବଂ ପେଟ ସମ୍ବନ୍ଧୀୟ ରୋଗ ସୃଷ୍ଟି ହୋଇଥାଏ। ଯେତେବେଳେ କି ମୋମୋସର ଧଳା ଚଟନିରେ ଭଲ ପରିମାଣର ତେଲ ଥାଏ, ଯାହା ହାର୍ଟ ରୋଗୀଙ୍କ ପାଇଁ ଆଦୌ ଭଲ ନୁହେଁ। ବିଶେଷକରି ମଧୁମେହ ରୋଗୀମାନେ ବାହାରେ ମୋମୋସ୍ ଠାରୁ ଦୂରେଇ ରହିବା ଉଚିତ୍। ସେମାନେ ଘରେ ତାଜା ପନିପରିବାରୁ ପ୍ରସ୍ତୁତ ମୋମୋ ଖାଇବାକୁ ଚେଷ୍ଟା କରିବା ଉଚିତ୍।

# ରସୁଣ

ରସୁଣ ପ୍ରତ୍ୟେକ ରୋଷେଇ ଘରେ ଉପଲବ୍ଧ ହେଉଥିବା ଏକ ସାଧାରଣ ଜିନିଷ। ଏହା କେବଳ ଖାଦ୍ୟକୁ ସ୍ୱାଦିଷ୍ଟ କରେନାହିଁ, ପ୍ରତିଦିନ ରସୁଣ ଖାଇବା ଶରୀରର ବିଭିନ୍ନ ରୋଗବ୍ୟାଧି ମୁକ୍ତ କରିଥାଏ।

ପ୍ରତିଦିନ ସକାଳେ ଖାଲିପଟେରେ ରସୁଣ ଖାଇବା ଏକାଧିକ ରୋଗର ନିରାକଣ କରିପାରେ। ଏପରି କରିବା ମଧ୍ୟ ଶରୀରର ଶକ୍ତି ବୃଦ୍ଧି ହୁଏ। ରସୁଣ ଏକ ପ୍ରାକୃତିକ ଆଣ୍ଟିବାୟୋଟିକ ଭଳି କାମକରେ।

ଆୟୁର୍ବେଦରେ ରସୁଣକୁ ଯୁବସୁଲଭ ସାମର୍ଥ୍ୟ ପାଇଁ ପ୍ରସ୍ତୁତ ଔଷଧରେ ବ୍ୟବହାର କରାଯାଏ। ଏହାମଧ୍ୟ ଗଣ୍ଠି ଦରଜ ପାଇଁ ଅବ୍ୟର୍ଥ ଔଷଧ। ଉଚ୍ଚ ରକ୍ତଚାପ ସମସ୍ୟାରୁ ବି ସୁରକ୍ଷା ଦେଇଥାଏ ରସୁଣ। ହାଇପରଟେନସନ ତଥା ମୁଣ୍ଡବ୍ୟଥା ଆଦି ଲକ୍ଷଣରୁ ମୁକ୍ତ କରେ ଏବଂ ରକ୍ତ ସଞ୍ଚାଳନ ଠିକ୍‌ଠାକ୍ କରାଇଥାଏ। ହୃତ ସମ୍ବନ୍ଧୀୟ ସମସ୍ୟାକୁ ଦୂର କରେ। ଲିଭର ଏବଂ ମୂତ୍ରାଶୟ ସୂଚାରୁ ରୂପେ କାମ କରିବାରେ ସହାୟକ ହୋଇଥାଏ।

ପେଟ ସମ୍ବନ୍ଧୀୟ ଯାବତୀୟ ସମସ୍ୟାର ଉପଚାର ଲାଗି ରସୁଣ ଖୁବ ଲାଭଦାୟକ। ଏହା ହଜମକ୍ରିୟା ଠିକ କରେ। ଭୋକ ବଢ଼ାଏ। ମଣିଷ ବ୍ୟସ୍ତ ତଥା ଚିନ୍ତିତ ଶୋଇପଡ଼ିଲେ ପେଟରେ ଏସିଡ଼ ସୃଷ୍ଟିହୁଏ। ଏପରି ଏସି ସୃଷ୍ଟିକୁ ରୋକିଥାଏ ରସୁଣ।

ଶରୀରରୁ ବିଷାକ୍ତ ତତ୍ତ୍ୱ ବାହାର କରିବା ବା ଡିଟକ୍ସିଫେକେସନ ଲାଗି ରସୁଣ ଠାରୁ ଭଲ ବିକଳ୍ପ ଆଉ କିଛି ନାହିଁ। ଏହା ଶରୀରକୁ ବିଭିନ୍ନ ସଂକ୍ରମଣରୁ ରକ୍ଷାକରେ।

ଶ୍ୱସନ ତନ୍ତ୍ର ପାଇଁ ବି ଏହା ଖୁବ ଲାଭଦାୟକ।



ଆଜମା, ନିମୋନିଆ, ଥଣ୍ଡା, ବ୍ରୋଙ୍କାଇଟିସ, ପୁରାତନ ସର୍ଦ୍ଦି, ଫୁସଫୁସରେ ଜମାଟ, କଫ ଆଦି ସମସ୍ୟାରେ ଲାଭଦାୟକ। ଟିବି ହୋଇଥିଲେ ମଧ୍ୟ ଦିନ ଭିତରେ ରସୁଣର ପୂରା ଗୋଟିଏ ବୁଦା ଖାଇ ଦେଖନ୍ତୁ ନିଶ୍ଚୟ ଲାଭ ମିଳିବ।

ବିଶେଷକରି ଶୀତଦିନେ ରସୁଣ ଖାଇବା ଲାଭଦାୟକ। ଏହା ଶରୀରର ଉଷ୍ମତା ପ୍ରଦାନକରେ, ରକ୍ତ ଜମାଟ ବାନ୍ଧିବାକୁ ଦିଏନାହିଁ ଏବଂ ହୃଦଘାତର ଆଶଙ୍କା କମାଇଥାଏ।

# ଅମାବାସ୍ୟାରେ ଅନିଷ୍ଟ ଶକ୍ତି ସକ୍ରିୟ ହୁଅନ୍ତି



ଅମାବାସ୍ୟା ଦିନ ରଜତମ ଶକ୍ତି ତୀବ୍ର କରିବା ଭଳି ଅନିଷ୍ଟକାରୀ ଶକ୍ତି, ଭୂତ, ପ୍ରେତ, ପିଶାଚ, କଳାଯାଦୁରେ ରହିଥିବା ବ୍ୟକ୍ତି, ରାଜସିକ ଓ ତାମସିକ ଗୁଣର ମଣିଷମାନେ ବେଶୀ ପ୍ରଭାବିତ ହୁଅନ୍ତି। ଅନିଷ୍ଟ ଶକ୍ତିମାନଙ୍କ କାର୍ଯ୍ୟ ଏହିଦିନ ଅନୁକୂଳ ହେଉଥିବାରୁ ଏହି ଦିନଟି ଶୁଭକାର୍ଯ୍ୟ ପାଇଁ କେବେବି ଉପଯୁକ୍ତ ନୁହେଁ।

ଚନ୍ଦ୍ରମାଙ୍କ ରଜ, ତମ କାରଣରୁ ମନ ପ୍ରଭାବିତ ହୋଇ ଘରୁ ପଳାଇବା, ଆତ୍ମହତ୍ୟା କିମ୍ବା ଭୂତ ପ୍ରବେଶ ହେବା ଘଟଣା ବେଶୀହୁଏ। ବିଶେଷକରି ରାତିରେ ଅଗ୍ନିତତ୍ତ୍ୱ ଯାହା ବ୍ରହ୍ମାଣ୍ଡର ମୂଳ, ରହୁନଥିବାରୁ ଅନିଷ୍ଟ ଶକ୍ତି ମଣିଷଙ୍କୁ ଅଧିକ କ୍ଷତି ପହଞ୍ଚାନ୍ତି। ଏହିଦିନ ସତର୍କ ରହିବା ଜରୁରୀ। ଜ୍ୟୋତିଷମାନେ ଚନ୍ଦ୍ରକୁ ମନର ଦେବତା ଭାବେ ମାନନ୍ତି। ଅମାବାସ୍ୟାରେ ଚନ୍ଦ୍ର ଅନୁପସ୍ଥିତ ହେତୁ ଲୋକାମନେ ଭାବୁକ ହୋଇଯାନ୍ତି। ଆଧ୍ୟାତ୍ମିକ ବ୍ୟକ୍ତିମାନେ ବି କହନ୍ତି ଯେ, ଅମାବାସ୍ୟା ଓ ପୂର୍ଣ୍ଣମୀ ତିଥିରେ ମନୁଷ୍ୟ ଉପରେ ରହୁଥିବା ପ୍ରଭାବରେ ବିଶେଷ କିଛି ପାର୍ଥକ୍ୟ ନଥାଏ। ପୂର୍ଣ୍ଣମାରେ ଚନ୍ଦ୍ରର ପ୍ରତିକୂଳ ପରିଣାମ ସ୍ଥୁଳ ଶରୀର ଉପରେ ରହୁଥିବା ବେଳେ ଅମାବାସ୍ୟାରେ ଚନ୍ଦ୍ରର ପରିଣାମ ମନ ଉପରେ ରହେ। ଏହି ହାନିକାରକ ପ୍ରଭାବରୁ ମୁକ୍ତି ପାଇବାର ଏକମାତ୍ର ଉପାୟ ଆଧ୍ୟାତ୍ମିକ ସାଧନା ଓ ଉପଚାର। ବ୍ୟବସାୟିକ ଦୃଷ୍ଟିରୁ ଏହିଦିନ କିଣାବିକା କରିବା ମନା। କାରଣ, ଅନିଷ୍ଟ ବ୍ୟକ୍ତି ଏହାଦ୍ୱାରା ପ୍ରଭାବ ବିସ୍ତାର କରିବାର ସୁଯୋଗ ପାଆନ୍ତି।

ପୂର୍ଣ୍ଣିମା ବା ଅମାବାସ୍ୟାରେ ୨ଦିନ ପୂର୍ବରୁ ତଥା ୨ଦିନ ପରେ ଆଧ୍ୟାତ୍ମିକ ସାଧନାରେ ସଂଖ୍ୟାତ୍ମକ ଓ ଗୁଣାତ୍ମକ ବୃଦ୍ଧି କରନ୍ତୁ। ନାମ ଜପ (ଗୁରୁଦତ୍ତ) କରନ୍ତୁ। ଅମାବାସ୍ୟା ବ୍ରତ ନିରାହର ରହି ପାଳନ କରନ୍ତୁ। ଏହିଦିନ ସାଂସାରିକ ମାୟାଠୁ ଦୂରେଇ ରହି ପ୍ରଭୁଙ୍କ ପାଖରେ ମନକୁ ଲଗାଇବା ଦରକାର। ଏଥିଲାଗି ଆବାସ୍ୟାରେ ଉପବାସ ପାଳନ କରିବା ସବୁଠୁ ଭଲ। କାରଣ, ସୂର୍ଯ୍ୟ ଓ ଚନ୍ଦ୍ରମା ଉଭୟ ଅମାବାସ୍ୟା ଦିନ ଗୋଟିଏ ରାଶିରେ ରହନ୍ତି। ଚନ୍ଦ୍ରମା ସୂର୍ଯ୍ୟଙ୍କ ସାମ୍ନାରେ ନିସ୍ତେଜ ହୋଇଯାଏ। ଏଣୁ ଘୋର ଅନ୍ଧାର ବିରାଜମାନ କରେ। ଚନ୍ଦ୍ରମା ବି ସବୁ ଔଷଧୀୟ ରସ ପ୍ରଦାନ କରିଥାନ୍ତି ସ ସେହିଦିନ ଏହା ନିସ୍ତେଜ ହେବା କାରଣରୁ ସବୁ ଔଷଧ ବି ନିସ୍ତେଜ ହୋଇଥାଏ। ଏଣୁ ବଳ, ବୀର୍ଯ୍ୟ, ବୁଦ୍ଧି ଆଦି ମଳିନ ହୋଇଯାନ୍ତି। ଅମାବାସ୍ୟାରେ ତେଣୁ ଖାଦ୍ୟ ନିଷେଧ କରାଯାଇ ଉପବାସ ବିଧିର ବିଧାନ କରାଯାଇଛି। ବେଦରେ ବର୍ଣ୍ଣନା କରାଯାଇଛି 'ବର୍ଷ ପୌର୍ଣ୍ଣମାସ୍ୟାୟାଂ ଯକେ୍। ଅର୍ଥାତ୍ ଅମାବାସ୍ୟା ଓ ପୂର୍ଣ୍ଣମୀରେ ଯଜ୍ଞ କରନ୍ତୁ। ବେଦରେ ଅମାବାସ୍ୟାର ମହତ୍ତ୍ୱ ସମ୍ପର୍କରେ କୁହାଯାଇଛି। ଏହିଦିନ ଜଳ କରିବା, ମାଟି ଖୋଳିବା ଆଦି କାର୍ଯ୍ୟ ମନା। ଏହିଦିନଟି ହିଁ କେବଳ ପରମାତ୍ମାଙ୍କ ଭଜନର ଦିନ।

# ଜିନ୍ସକୁ ଦିଅନ୍ତୁ ନୂଆ ଲୁକ୍

**ନାମୀଦାମୀ ବ୍ରାଣ୍ଡ ବା ଡିଜାଇନ୍‌ର ପୋଷାକ ନହେଲେ ଫ୍ୟାଶନ୍ ଷ୍ଟେଟମେ[ ଜମିବ ନାହିଁ- ଏଇ ଧାରଣାଟି ଠିକ୍ ନୁହେଁ। ସାଧାସିଧା ଜିନ୍ସକୁ ଟିକେ ଷ୍ଟାଇଲାଇକ୍ କରିପାରିଲେ ଆପଣ ବି ହୋଇପାରିବେ ଫ୍ୟାଶନ ଡିଜାଇନ।**



- ଜିନ୍ସକୁ ଷ୍ଟାଇଲାଇଜ୍ କରିବାର ସବୁଠୁ ସହଜ ମାଧ୍ୟମ ହେଲା ଏହାର ତଳ ଆଡୁ ଟିକେ କାଇଦା କରି କାଟିନେବା। କାଟିବା ପରେ ଗୋଟିଏ ଫୋଲ୍ଡ କରି ପାଦ ଉପରକୁ ଟିକେ ଉଠାଇ ଆଣନ୍ତୁ। ଗୋଇଠିର ଉପର ଅଂଶ ଯେପରି କିଛିଟା ଉନ୍ମୁକ୍ତ ହୋଇ ରହିପାରିବ। ଏହାପରେ ନିଜ ପସନ୍ଦ ମୁତାବକ ଆଙ୍କଲେଟ ପିନ୍ଧିପାରିବେ। ରଙ୍ଗୀନ ଫ୍ଲିପ୍‌ଫ୍ଲପ ବା ଫ୍ଲାଟ ସାଣ୍ଡାଲ ମଧ୍ୟ ପିନ୍ଧିପାରିବେ। ଜୋତା ସହିତ ଟିକେ ରଙ୍ଗ ମ୍ୟାଚ କରି ବ୍ରାଇଟ୍ ଶେଡ଼ର କୌଣସି ଡ୍ରେସି ଟପ୍ ବା ଲଙ୍ଗ ଜ୍ୟାକେଟ ପିନ୍ଧିପାରନ୍ତି।

- ଆଜିକାଲି ବଜାରରେ ବୟଫ୍ରେଣ୍ଡ ଜିନ୍ସ ମିଳୁଛି। ବୟଫ୍ରେଣ୍ଡ ଜିନ୍ସ ସହିତ କାଜୁଆଲ ଟି ସାର୍ଟ ପିନ୍ଧିବା ପରିବର୍ତ୍ତେ ଉପରୋକ୍ତ ଷ୍ଟାଇଲ ଟିପସ ମାନିବାକୁ ଚେଷ୍ଟା କରନ୍ତୁ। ଦେଖିବେ ଫ୍ୟାଶନେବଲ ଲାଗୁଛନ୍ତି।

ଅଫିସରେ ସେମିତି ବିଶେଷ ଡ୍ରେସକୋଡ଼୍ ଲାଗୁ ହୋଇନଥିଲେ ବୟଫ୍ରେଣ୍ଡ ଜିନ୍ସ ସହିତ ବେଷ୍ଟ ଏବଂ ଫିଟେଡ଼ ଜ୍ୟାକେଟ ଟାଇ-ଅପ କରିପାରିବେ। ଆଉ ପାଦ ପାଇଁ ସ୍ନିକର୍ସ ବା ଲୋଫରସ ନୁହେଁ, ବରଂ ଷ୍ଟିଲେଟୋ ବାଛି ନିଅନ୍ତୁ। ଏମିତି ଷ୍ଟାଇଲରେ ଆପଣ ଟିକେ ସ୍ମାର୍ଟ କିନ୍ତୁ ଫେମିନିନ୍ ଲୁକ୍ ପାଇପାରିବେ।

- ସତୁରି ଦଶକର ଫ୍ଲେୟାର୍ଡ଼ ଡେନିମ ଷ୍ଟାଇଲ ପୁଣି ଥରେ ଫ୍ୟାଶନକୁ ଫେରିଆସିଛି। ଫ୍ଲେୟାର୍ଡ଼ ହେନିମ ସହିତ ଫର୍ମାଲ ବ୍ଲେଜର ବି ଟିମ୍ ଅପ୍ କରିପାରିବେ। ଇଚ୍ଛା ହେଲ ଅଫିସ ବା କୌଣସି ଇନଫର୍ମାଲ ଗ୍ୟାଦରିଂରେ ମଧ୍ୟ ଫ୍ଲେୟାର୍ଡ଼ ଡେନିମ ଆପଣଙ୍କ ଫ୍ୟାନ ଷ୍ଟେଟମେଣ୍ଟ ହୋଇପାରିବ। ହାଇ ୱେଷ୍ଟେଡ୍ ଫ୍ଲେୟାର୍ଡ଼ ଡେନିମ ସହିତ ଷ୍ଟ୍ରାଇପଡ୍ ସାର୍ଟ ଇନ କରି ପିନ୍ଧି ପାରିବେ। ଆପଣ ନିଃସନ୍ଦେହରେ ସ୍ମାର୍ଟ ଲାଗିବେ। ଏହାବ୍ୟତୀତ ଅଣ୍ଟା ପାଖରେ ଅତିରିକ୍ତ ମେଦକୁ ମଧ୍ୟ କେମୋଫ୍ଲେଜ କରାଯାଇପାରିବ। ଅନେକେ ରିପଡ଼ ଜିନ୍ସ ପିନ୍ଧିବାକୁ ପସନ୍ଦ କରନ୍ତି। ରିପଡ଼ ଜିନ୍ସ ସହିତ ଫ୍ରଣ୍ଟ ଓପନ ଜ୍ୟାକେଟ ଏବଂ ହାଇ ହିଲ୍ ଷ୍ଟାଇଲାଇଜ କରିପାରନ୍ତି।

- ଯେଉଁ ଧରଣର ଜିନ୍ସ ହେଉ ନା କାହିଁକି, ଧଳା ରଙ୍ଗର ଟପ୍ସ ବା କୁର୍ତ୍ତି ପିନ୍ଧିଲେ ଆପଣଙ୍କ ଲୁକରେ ଏକ କ୍ଲାସି ଟଚ୍ ନିଶ୍ଚିତ ଭାବେ ଆସିବ। ତେଣୁ ଜିନ୍ସ ସହିତ କ'ଣ ମ୍ୟାଚ କରି ପିନ୍ଧିବେ ବୋଲି ଚିନ୍ତା କରୁଥିଲେ ବିକଳ୍ପ ଭାବେ ଏକ ଧଳା ରଂଗର ଟପ୍ ବାଛିନିଅନ୍ତୁ।

- ସାଧାରଣ ଜିନ୍ସ ସହିତ ସାଧାସିଧା କାଜୁଆଲ ଜୋତା ନ ପିନ୍ଧି ଟିକେ ଫିମି ଲୁକ ଦେଉଥିବା ଜୋତା ବାଛିନିଅନ୍ତୁ। ହାଇ ହିଲ୍ ଜୋତା ହୋଇଥିଲେ ତ ଆହୁରି ଭଲ। ନି-ଲେନଥ ବୁଟ ବି ପନ୍ଧିପାରନ୍ତି। ଆଙ୍କଲ୍ଲେଟ, ବ୍ରେସଲେଟ ତ ଚଳିବ।



# ଧ୍ୱନି ପ୍ରତିଧ୍ୱନି

ବାଲେଶ୍ୱର

୦୪ଜାନୁଆରୀ ୨୦୨୪, ଗୁରୁବାର




## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

## ରାମରାଜ୍ୟର ରାସ୍ତା...

ବର୍ଷଟିଏ ଆରମ୍ଭ ହେଲେ ତା' ସହିତ ଆରମ୍ଭ ହୋଇଥାଏ ଅନେକ କଳ୍ପନାର ; ଅନେକ ଯୋଜନାର । ଠିକ୍ ସେମିତି ୨୦୨୪କୁ ନେଇ ନେତାଙ୍କଠାରୁ ଆରମ୍ଭ କରି ଜନତାଙ୍କ ମନରେ ଅନେକ କଳ୍ପନା, ଅନେକ ଯୋଜନା ରହିଛି । ତେବେ ଏଇ ବର୍ଷରେ ଆଗାମୀ ଦିନରେ ଦେଶରେ ଏ ଦୁଇଟିକୁ ଭିତ୍ତିକରି ଯେଉଁ ପ୍ରମୁଖ କଳ୍ପନା ଓ ଯୋଜନା ରହିବ, ସେ ବିଷୟରେ ପୂର୍ବାନୁମାନ କରିବା ସେତେଟା କଷ୍ଟକର ବ୍ୟାପାର ନୁହେଁ । ଏହା ଉଭୟ ଦେଶ ଏବଂ ଏହାର ଲୋକମାନଙ୍କ ପାଇଁ ତିନିଗୋଟି ପ୍ରମୁଖ ଆବଶ୍ୟକତାର ଅନ୍ୱେଷଣ ଏବଂ ପୂରଣ ଦ୍ୱାରା ପରିଭାଷିତ ହେବା ଏକ ପ୍ରକାର ନିଶ୍ଚିତ । ଏ ତିନୋଟି ହେଉଛି- ଭଗବାନ ଶ୍ରୀରାମ, ଶାନ୍ତି ଏବଂ କର୍ମନିଯୁକ୍ତି ବା ଚାକିରି। ଗୋଟିଏ ଦୃଷ୍ଟିରୁ ଦେଖିଲେ ଏହା ଜୀବନର ତିନିଗୋଟି ଦିଗର ସମ୍ମିଶ୍ରଣ- ଆଧାତ୍ମିକ ଓ ସଭ୍ୟତାଗତ, ରାଜନୀତିକ ଓ ସାମାଜିକ, ଏବଂ ବ୍ୟକ୍ତିକ ଓ ଅର୍ଥନୀତିକ– ଏକ ପରମ୍ପରା ସମ୍ମିଶ୍ରଣ ବା ନୈସର୍ଗିକ ଏବଂ ସ୍ୱଳ୍ପକାଳିକତାର ଯୋଗ, ଯାହା ଆମ ସମ୍ମୁଖରେ ବର୍ଷର ବଡ଼ ବିଷୟବସ୍ତୁ ଭାବରେ ସଂଘଟିତ ବା କାର୍ଯ୍ୟକାରୀ ହେବ । ଅଯୋଧ୍ୟା, ଯାହା ଭଗବାନ ଶ୍ରୀରାମଙ୍କ ଜନ୍ମସ୍ଥଳୀ- ସେହି ପବିତ୍ର ଭୂମି, ଯେଉଁଠି ତାଙ୍କ ଉଦ୍ଦେଶ୍ୟରେ ନିର୍ମିତ ଏକ ମନ୍ଦିର ଶହ ଶହ ବର୍ଷ ଧରି ବିଦ୍ୟମାନ ଥିଲା ଜଣେ ଅସହିଷ୍ଣୁ ଆକ୍ରମଣକାରୀଙ୍କ ଦ୍ୱାରା ଧ୍ୱଂସପ୍ରାପ୍ତ ହେବା ପର୍ଯ୍ୟନ୍ତ ଏବଂ ସାମାଜିକ, ରାଜନୀତିକ ଓ ଆଇନଗତ ଭାବରେ ତା'ର ପୁନରୁଦ୍ଧାର ପାଇଁ ଏକ ଦୀର୍ଘ ସମୟ ନେଲା ଏବଂ ଯାହା ସ୍ୱାଧୀନ ଭାରତର ଅନ୍ୟତମ ସର୍ବାଧିକ ଅବସୋସମୂଳକ ଏବଂ ବିବାଦୀୟ ପ୍ରସଙ୍ଗ, ସେଠାରେ ତାଙ୍କ ଉଦ୍ଦେଶ୍ୟରେ ନିର୍ମିତ ମନ୍ଦିରର ଚଳିତ ବର୍ଷ ପ୍ରାରମ୍ଭରେ ଉଦ୍‌ଘାଟନ ହୋଇ ଏହି ପ୍ରସଙ୍ଗର ପରିସମାପ୍ତି ଘଟାଇବ । ଏହା ଦେଶର ସିଂହଭାଗ ଲୋକଙ୍କର ଆଶା ଓ ଆକାଂକ୍ଷାକୁ ପୂରଣ କରିବ, ଆଉ ଏହା ହେବାକୁ ଯାଉଛି ଶାରୀରିକ ବଳ ପ୍ରୟୋଗ ଦ୍ୱାରା ବା ବ୍ୟବସ୍ଥାପିକାର ଶକ୍ତି ଦ୍ୱାରା ନୁହେଁ, ବରଂ ଏକ ନ୍ୟାୟିକ ବିଚାରର ପ୍ରକ୍ରିୟା ଓ ଦୀର୍ଘ କାଳ ଆଇନ କାନୁନ୍‌ର ନିଷ୍କର୍ଷ ପରେ, ଯାହା ଫଳରେ ସଂଖ୍ୟାଗରିଷ୍ଠମାନଙ୍କର ଅଧିକାରର ବିଜୟ ହୋଇଛି । ସମଗ୍ର ଭାରତବର୍ଷ ଚଳିତ ମାସ ଅର୍ଥାତ୍ ଜାନୁଆରୀ ୨୨ ତାରିଖକୁ ଚାହିଁ ରହିବ, ସମ୍ଭବତଃ ସେଇ ସମାନ ଉତ୍ସାହ, ସମାନ ଆଶାବାଦ ଏବଂ ସମାନ ଐତିହାସିକ ଭାବାବେଗ ସହିତ, ଯେମିତି ଦେଖା ଦେଇଥିଲା ଦେଶ ସ୍ୱାଧୀନ ହେବାର ଦିବସ ଅଗଷ୍ଟ ୧୫,୧୯୪୭କୁ ନେଇ। ଚଳିତ ବର୍ଷ ଗୋଟିଏ ସ୍ତରରେ ଭଗବାନ ଶ୍ରୀରାମଙ୍କ ବର୍ଷ ଭାବରେ ଇତିହାସ ବକ୍ଷରେ ସ୍ଥାନ ପାଇବ ବୋଲି କୁହାଯାଇପାରେ। ତେବେ ଆଧାତ୍ମିକତାର ଏଇ ଶୋଷ ଅନ୍ୟ ଏକ ଶୋଷକୁ, ଯାହା ମଧ୍ୟ ଏକ ଐତିହାସିକ ଶୋଷ, ତାକୁ ନ ମେଣ୍ଟାଇ କ୍ୱଚିତ୍ ପୂରଣ ହୋଇ ପାରିବ । ଏଇ ଶୋଷ ହେଉଛି ସମ୍ପ୍ରଦାୟ ଏବଂ ସମାଜମାନଙ୍କ ଭିତରେ ଶାନ୍ତି ପ୍ରତିଷ୍ଠା। ସାମ୍ପ୍ରତିକ ସମୟରେ ସମଗ୍ର ବିଶ୍ୱ ବିଭାଜିତ ଏବଂ ସଂଘର୍ଷରତ- ରୁଷିଆ ଓ ୟୁକ୍ରେନ୍ ଭିତରେ ଯୁଦ୍ଧ ଚାଲିଛି; ପୁଣି ଯୁଦ୍ଧ ବି ଚାଲିଛି ଗାଜା ପଟିରେ ଇସ୍ରାଏଲ ଏବଂ ହାମାସ୍ ମଧ୍ୟରେ। ଏହା ବାଦ୍ ରହିଛି ଆହୁରି କେତେକ ବିସ୍ଫୋରକ ସ୍ଥାନ, ଯେଉଁଠି ସବୁ ରାଜନୀତିକ ଆଗ୍ନେୟଗିରିଗୁଡ଼ିକ ସୁପ୍ତ ଅବସ୍ଥାରେ ରହି ଅପେକ୍ଷା କରୁଛନ୍ତି ଗୋଟିଏ ମାତ୍ର ମୁହୂର୍ତ୍ତକୁ ଯେତେବେଳେ କି ସେସବୁ ଫାଟି ପଡ଼ିବେ। ଭାରତ ନିଜ ପାଇଁ, ନିଜର ଲୋକମାନଙ୍କ ପାଇଁ ଏବଂ ସମ୍ଭବତଃ ଏକ ଉଦାହରଣ ଭାବରେ ଆଶ୍ୱାସନାଦାୟୀ ସ୍ପର୍ଶ ସହିତ ସ୍ଥଳ ଭାଗ ଓ ଜଳ ଭାଗ ଅତିକ୍ରମ କରି ଶାନ୍ତିର ବାର୍ତ୍ତା ପ୍ରସାର କରିବାକୁ ସୁନିଶ୍ଚିତ କରାଇବା ଉଚିତ । ଏସବୁ ବାଦ୍ କିନ୍ତୁ ଚଳିତ ବର୍ଷ ମଧ୍ୟ ଏମିତି ଏକ ବର୍ଷ ହେବା ଆବଶ୍ୟକ, ଯେତେବେଳେ କି ବିଶ୍ୱର ଯୁବ ବର୍ଗଙ୍କ ଦେଶ ଭାବରେ ପରିଚିତ ହେଉଥିବା ଏହି ଦେଶ ଏହାର ଅଭିବୃଦ୍ଧି ଏବଂ ଅର୍ଥନୀତିକୁ ୫ ଟ୍ରିଲିଅନ୍ ବା ତା'ଠୁ ଅଧିକ ଡଲାରର ଆକାରକୁ ବୃଦ୍ଧି କରିବା ପାଇଁ ଉଦ୍ୟମ କରିବ। ଆଉ ଏହା ବାଦ୍ ବଡ଼କଥା ହେଉଛି, ଅଧୈର୍ଯ୍ୟ ଭାବରେ ଅପେକ୍ଷା କରୁଥିବା ଯୁବ ବର୍ଗଙ୍କ ଚାକିରି ଆଶାକୁ ପୂରଣ କରିବା ନିମନ୍ତେ କାର୍ଯ୍ୟ କରିବ । କାରଣ, ଭୋକରେ ରହୁଥିବା ଲୋକଟିଏ ନା ତ ଜ୍ଞାନୀ ହେବା ଆଶା କରାଯାଇ ପାରିବ, ନା ଆଶା କରାଯିବ ଏକ ସନ୍ତୁଷ୍ଟ ବ୍ୟକ୍ତି ହୋଇଥିବାର । ଦେଶକୁ ବଢ଼ିବାକୁ ପଡ଼ିବ ଏବଂ ଏଥିପାଇଁ ଦେଶର ଯୁବ ବର୍ଗଙ୍କୁ କର୍ମନିଯୁକ୍ତି ଓ ଚାକିରି ଯୋଗାଇ ଦେବାକୁ ହେବ- ପୂର୍ବର ସବୁ ସମୟ ଅପେକ୍ଷା ଅଧିକରୁ ଅଧିକ ଚାକିରି ସୃଷ୍ଟି କରି । ଆଉ କୃତ୍ରିମ ଧୀମତ୍ତା, ରୋବୋଟିକ୍ ତଥା ସ୍ୱୟଂଚାଳିତ ନିର୍ମାଣ ଓ ବିଗ୍ ଡାଟାର ଯୁଗରେ ଏ କାର୍ଯ୍ୟ ଆଦୌ ସହଜସାଧ୍ୟ ନୁହେଁ। ମୋଟାମୋଟି ମୁଣ୍ଡ ଓ ହାତକୁ କାମରେ ଲଗାଇବା, ହୃଦୟକୁ ସ୍ନେହ, ପ୍ରେମ ଓ ଭ୍ରାତୃଭାବରେ ଭରିଦେବା ଏବଂ ଆତ୍ମାକୁ ଅସୀମ ଓ ତା' ବାହାରକୁ ଉଡ଼ିଯିବା ପାଇଁ ସୁଯୋଗ ଦେବାର ପଥ ଉନ୍ମୋଚନ କରିବା– ଏସବୁ ହିଁ ଆବଶ୍ୟକ ଏବଂ ଏହା ଯଦି ଭାରତର ସମୁଦାୟ ଜନସଂଖ୍ୟାଙ୍କ ପାଇଁ କରାଯାଇପାରେ, ତା'ହେଲେ ଏହି ବର୍ଷ ହେବ ବାସ୍ତବରେ ଭାରତବର୍ଷ ପାଇଁ ଉତ୍କୃଷ୍ଟ ବର୍ଷ । ଆଶା କରାଯାଉ, ସାଧାରଣ ନିର୍ବାଚନୀ ବର୍ଷରେ ଆମର ନେତାମାନେ ଏସବୁ କରିବା ପାଇଁ ଶପଥ ନେବେ ଓ କାମରେ କରିବେ, କାରଣ ଏହା ହିଁ ରାମରାଜ୍ୟ ପାଇଁ ରାସ୍ତା।

# ବିମାନ ବନ୍ଦର ଟର୍ମିନାଲ୍‌ରେ ଅଠର ବର୍ଷର ସଂଗ୍ରାମ



**ବିଷ୍ଣୁ ପ୍ରସାଦ ଦାସ**

ସାଧାରଣତଃ ଯାତ୍ରୀ ମାନେ ବିମାନ ବନ୍ଦର ଟର୍ମିନାଲ ରେ ନିଜ ଗନ୍ତବ୍ୟ ସ୍ଥାନକୁ ଯିବାପାଇଁ କିଛି ସମୟ ଅପେକ୍ଷା କରିବାର ନଜିର ଅଛି, ସମୟ ସମୟରେ ଯଦି କୌଣସି ଆପାତ କାଳୀନ ପରିସ୍ଥିତି ହୁଏ ତେବେ ଦିନେ ଦୁଇ ଦିନ ମଧ୍ୟ ଯାତ୍ରୀ ଟର୍ମିନାଲ ରେ ଅପେକ୍ଷା କରିବାର ନଜିର ଅଛି । ତେବେ ଏଠାରେ ଏପରି ଜଣେ ବ୍ୟକ୍ତିଙ୍କ କଥା କୁହା ଯାଇଛି ଯେ, ସେହି ବ୍ୟକ୍ତି ଦୀର୍ଘ ଅଠର ବର୍ଷ ଧରି ଫ୍ରାନ୍ସ ଦେଶର ପ୍ୟାରିସ୍ ଠାରେ ଥିବା ଚାର୍ଲସ୍ ଡ଼ି ଗାଲ ବିମାନ ବନ୍ଦର ପ୍ରସ୍ଥାନ ଟର୍ମିନାଲ-୧ ଠାରେ ନିଜ ଜୀବନ କାଳର ଅଠର ବର୍ଷ ବିତାଇ ଶେଷରେ ସେହିଠାରେ ପ୍ରାଣ ତ୍ୟାଗ କରିଛନ୍ତି । ତେବେ ଏହି ବ୍ୟକ୍ତି କିଏ ? ତାଙ୍କର ପରିଚୟ କ'ଣ ? ତାଙ୍କର ଉଦ୍ଦେଶ୍ୟ କ'ଣ? ତାଙ୍କ ବିଷୟରେ ଚାଲନ୍ତୁ କିଛି ଜାଣି ନେବା ।

ମେହେରାନ୍ କରିମ୍ ନସେରୀ ବା ସାର୍ ଅର୍ଲଫ୍ରେଡ୍ ମେହେରାନ୍ ନାମକ ଜଣେ ଇରାନ ଦେଶର ନାଗରିକ ୧୯୭୭ ମସିହାରେ ଇରାନ ଦେଶର ଶାସନ ମୁଖ୍ୟ ମହମ୍ମଦ ରେଜା ଶାହାଙ୍କ ବିରୁଦ୍ଧରେ ରାଜନୈତିକ ବିରୋଧ କରିବା ଅପରାଧରେ ତାଙ୍କୁ ଇରାନ ଦେଶରୁ ବହିଷ୍କାର କରା ଯାଇଥିଲା । ସେ ସେଥି ପାଇଁ ଅନେକ ବିରୋଧ କରି ବିଫଳ ହେବା ପରେ ସେ ଅନେକ ଗୁଡିଏ ଦେଶରେ ଶରଣାର୍ଥୀ ଭାବେ ରହିବା ପାଇଁ ଆବେଦନ କରିଥିଲେ ଶେଷରେ ମିଳିତ ଜାତିସଂଘର ଉଚ୍ଚାୟୁକ୍ତ ଙ୍କ ହସ୍ତକ୍ଷେପ ପରେ ତାଙ୍କୁ ବେଲ୍ଜିୟମ୍ ଦେଶରେ ଶରଣାର୍ଥୀ ମାନ୍ୟତା ପ୍ରଦାନ କରି ବେଲ୍ଜିୟମ୍ ଦେଶରେ ଅବସ୍ଥାପିତ କରା ଯାଇଥିଲା, ଏହାଦ୍ୱାରା ତାଙ୍କର ଅନେକ ୟୁରୋପୀୟ ଦେଶକୁ ଯାଇ ପାରିବାର ସୁଯୋଗ ଥିଲା ବୋଲି କୁହା ଯାଉଛି । ତେବେ ଅନେକେ କହୁଛନ୍ତି ଯେ, ତାଙ୍କୁ ଆଦୌ ଇରାନ ଦେଶରୁ ବହିଷ୍କାର କରାଯାଇ ନ'ଥିଲା, ଏହା ଆଜି ପର୍ଯ୍ୟନ୍ତ ଏକ ବିବାଦୀୟ ବିଷୟ ହୋଇ ରହିଛି ।

ସେ ଅନାୟାସରେ ବ୍ରିଟେନ୍ ଏବଂ ଫ୍ରାନ୍ସ ମଧ୍ୟରେ ଯାତାୟାତ କରି ପାରୁଥିଲେ, କିନ୍ତୁ ୧୯୮୮ ମସିହାରେ ଯେତେବେଳେ ତାଙ୍କର ବ୍ରିଫ୍ କେଶ ଚୋରି ହୋଇଗଲା ବୋଲି ଏକ ଏକ ଅଭିଯୋଗ ହୋଇ ଥିଲା ଏବଂ ସେଥିରେ ତାଙ୍କର ଗୁରୁତ୍ୱ ପୂର୍ଣ୍ଣ କାଗଜ ପତ୍ର ଥିଲା ଯେଉଁଥିରେ କି ତାଙ୍କର ଶରଣାର୍ଥୀ ହେବାର ପ୍ରମାଣ ପତ୍ର ଇତ୍ୟାଦି କାଗଜ ରହି ଥିଲା । ବିଶ୍ୱସ୍ତ ସୂତ୍ରରୁ ଜଣାପଡେ ଯେ ସେ, ସେ ବ୍ରିଟେନକୁ ଏକ ଜାହାଜରେ ଯାଉଥିବା ସମୟରେ ନିଜର ଗୁରୁତ୍ୱପୂର୍ଣ୍ଣ କାଗଜ ପତ୍ର ଗୁଡିକ ଇ: ମେଲ ଜରିଆରେ ବ୍ରୁସେଲସ୍ ପଠାଇ ଦେଇଥିଲେ, ହୁଏତ ସେ ଜାଣିଶୁଣି ନିଜର କାଗଜପତ୍ର ନଷ୍ଟ କରି ଦେଇ ଥାଇ ପାରନ୍ତି କିମ୍ବା ଜାହାଜରୁ ବ୍ରିଫ୍ କେଶଟିକୁ ସମୁଦ୍ର ବକ୍ଷରେ ନିକ୍ଷେପ କରିଦେଇ ଥାଇ ପାରନ୍ତି ବୋଲି ସନ୍ଦେହ କରା ଯାଉଛି । ସେ ଲଣ୍ଡନ ବନ୍ଦରରେ ପହଂଚିବା ପରେ ବ୍ରିଟିଶ ଇମିଗ୍ରେସନ୍ ବିଭାଗ ତାଙ୍କୁ ବୈଧ କାଗଜପତ୍ର ମାଗିଥିଲେ କିନ୍ତୁ ସେ କାଗଜପତ୍ର, ପାସ୍ପୋର୍ଟ ଦେବାକୁ ଅସମର୍ଥ ହେବାରୁ ବାଧ ହୋଇ ଇମିଗ୍ରେସନ୍ ଅଧିକାରୀ ତାଙ୍କୁ ବ୍ରିଟେନ୍ ମଧ୍ୟରେ ପ୍ରବେଶ ଅନୁମତି ଦେଇ ନ'ଥିଲେ ତଥା ତାଙ୍କୁ ବିମାନ ଯୋଗେ ଫ୍ରାନ୍ସ ର ପ୍ୟାରିସ୍ ବିମାନ ବନ୍ଦରକୁ ପଠାଇ ଦେଇଥିଲେ । ପ୍ୟାରିସ୍ ବିମାନ ବନ୍ଦରରେ ସେ ନିଜର ପରିଚୟ, ପାସ୍ପୋର୍ଟ କିମ୍ବା ଶରଣାର୍ଥୀ ଚିହ୍ନଟ କାଗଜ ପତ୍ର ଦେଖାଇ ବାକୁ ଅସମର୍ଥ ହେବାରୁ ତାଙ୍କୁ ଚାର୍ଲସ୍ ଡ଼ି ଗାଲ ବିମାନ ବନ୍ଦର ଟର୍ମିନାଲ୍ ଠାରେ ଅଟକ ରଖା ଯାଇଥିଲା ।

ପରବର୍ତ୍ତୀ ସମୟରେ ଫ୍ରାନ୍ସର ମାନବାଧିକାର ଓକିଲ ଖ୍ରୀଷ୍ଟିଆନ ବୋର୍ଜେଟଙ୍କ ଦ୍ୱାରା ତାଙ୍କ କେସ୍ ସରକାରଙ୍କ ଠାରେ ଉପସ୍ଥାପିତ କରା ଯାଇଥିଲା, ଏହାପରେ ବେଲ୍ଜିୟମ୍‌ରୁ ନୂତନ କାଗଜ ପତ୍ର ଜାରି କରିବାକୁ ବେଲ୍ଜିୟମ୍ ସରକାରଙ୍କୁ ଅନୁରୋଧ ମଧ୍ୟ କରା ଯାଇଥିଲା । ବେଲ୍ଜିୟମ୍ କର୍ତ୍ତୃପକ୍ଷ ତାଙ୍କୁ ବ୍ୟକ୍ତିଗତ ଭାବେ ହାଜିର ହେବାକୁ ନିର୍ଦ୍ଦେଶ ଦେଇ ଥିଲେ । କିନ୍ତୁ କାଳକ୍ଷେପଣ ନୀତି ଯୋଗୁ ସମୟ ଗଡି ଗଡି ଚାଲି ଥିଲା ଏବଂ ମେହେରାନ୍ ନସେରୀ ବିମାନ ବନ୍ଦର ଛାଡି ଅନ୍ୟ କେଉଁଠାକୁ ଯିବାପାଇଁ ରାଜି ନ'ହେବାରୁ ବାଧ ହୋଇ କର୍ତ୍ତୃପକ୍ଷ ତାଙ୍କୁ ଚାର୍ଲସ୍ ଡ଼ି ଗୁଲ ବିମାନ ବନ୍ଦର ଟର୍ମିନାଲ-୧ ଠାରେ ଅସ୍ଥାୟୀ ଭାବେ ରହିବାକୁ ଅନୁମତି ଦେଇଥିଲେ । ତାଙ୍କ ପରି ଜଣେ ବିବାଦୀୟ ବ୍ୟକ୍ତିଙ୍କ ପାଇଁ ଫ୍ରାନ୍ସ ସରକାର ମଧ୍ୟ ଅଡୁଆରେ ପଡି ଯାଇଥିଲେ । ୧୯୯୫ ମସିହାରେ ବେଲ୍ଜିୟମ୍ ସରକାର ଗୋଟିଏ ସର୍ତ୍ତରେ ମେହେରାନ୍‌ଙ୍କୁ ବେଲ୍ଜିୟମ୍ ପ୍ରବେଶ ଅନୁମତି ଦେଇଥିଲେ, ତାହା ଏହିପରି ଥିଲା ଯେ, ମେହେରାନ୍ ଯେତେଦିନ ବେଲ୍ଜିୟମ୍ ରେ ରହିବେ ସେତେଦିନ ଜଣେ ସାମାଜିକ କର୍ମୀ ତାଙ୍କ ସହିତ ରହିବେ । ମେହେରାନ୍‌ଙ୍କ ଉଦ୍ଦେଶ୍ୟ ଥିଲା ସେ ଯେକୌଣସି ଉପାୟରେ ବ୍ରିଟେନରେ ପ୍ରବେଶ କରିବେ ତେଣୁ ସେ ବେଲ୍ଜିୟମ୍ ସରକାରଙ୍କ ସର୍ତ୍ତକୁ ଅସ୍ୱୀକାର କରିଥିଲେ । ପରବର୍ତ୍ତୀ ସମୟରେ ଫ୍ରାନ୍ସ ଏବଂ ବ୍ରିଟେନ୍ ତାଙ୍କୁ ଇରାନୀୟ ଶରଣାର୍ଥୀ ଭାବେ ତାଲିକା ଭୁକ୍ତ କରିଥିଲେ ସେଥିରେ ସେ କ୍ଷୁବ୍ଧ ହୋଇ ଥିଲେ, କାରଣ ସେ ବ୍ରିଟିଶ ହେବାକୁ ଚାହୁଁଥିଲେ ତଥା ତାଙ୍କ ନାମ ସରକାରୀ ଦସ୍ତାବିଜରେ 'ସାର୍ ଆଲଫ୍ରେଡ୍ ମେହେରାନ' ଲେଖାଯାଇ ନ'ଥିବାରୁ ସେ କୌଣସି ଦସ୍ତାବିଜରେ ନିଜର ଦସ୍ତଖତ୍ ଦେବାକୁ ମନା କରି ଦେଇଥିଲେ, ଫଳରେ ତାଙ୍କ ଓକିଲ ବୁର୍ଜେଟଙ୍କ ହତାଶାର କାରଣ ହୋଇଥିଲା। ଚାରୋଟି ଦେଶର ମୁଣ୍ଡ ବିନ୍ଧାର କାରଣ ମେହେରାନ୍ କିନ୍ତୁ ନିଶ୍ଚିନ୍ତରେ ଚାର୍ଲସ୍ ଡ଼ି ଗୁଲେ ବିମାନ ବନ୍ଦରର ଟର୍ମିନାଲ-୧ ଠାରେ ପୂର୍ବବତ୍ ଅବସ୍ଥାନ କରୁଥିଲେ । ଯେତେ ବେଳେ ନାସେରୀଙ୍କ ଅବସ୍ଥା ବିଷୟରେ ତାଙ୍କ ପରିବାର ସହିତ ଯୋଗାଯୋଗ କରା ଯାଇଥିଲା । ତାଙ୍କ ପରିବାର କହିଥିଲେ ଯେ, ସେ ଚାହୁଁଥିବା ଜୀବନ ବିତାଉଛନ୍ତି ସେଥିରେ ସେମାନଙ୍କର କିଛି କହିବାର ନାହିଁ କିମ୍ବା ଆପତ୍ତି କରିବାର ନାହିଁ । ବିଚିତ୍ର ବ୍ୟକ୍ତି ଏବଂ ବିଚିତ୍ର ତାଙ୍କ ପରିବାର ଲୋକଙ୍କ ଉତ୍ତର ।

ବିମାନ ବନ୍ଦରରେ ନାସେରୀ ଙ୍କର ୧୮ ବର୍ଷ ରହଣି ଜୁଲାଇ ୨୦୦୬ ମସିହାରେ ସମାପ୍ତ ହୋଇଥିଲା, ଏହାର କାରଣ ସେ ଅସୁସ୍ଥ ହୋଇ ପଡ଼ିଥିଲେ ତାଙ୍କୁ ହସ୍ପିଟାଲରେ ଭର୍ତ୍ତି କରା ଯାଇଥିଲା ଏବଂ ଚାର୍ଲସ୍ ଡ଼ି ଗୁଲେ ବିମାନ ବନ୍ଦର ଟର୍ମିନାଲ -୧ ଠାରେ ତାଙ୍କ ବସିବା ସ୍ଥାନକୁ ଭାଙ୍ଗି ଦିଆ ଯାଇଥିଲା । ୨୦୦୭ ମସିହା ଜାନୁଆରୀ ଶେଷ ସପ୍ତାହରେ ସେ ହାସ୍ପାତାଳରୁ ବାହାରିବା ପରେ ଫ୍ରାନ୍ସ ରେଡକ୍ରସ୍ ବିମାନ ବନ୍ଦର ଶାଖା ତାଙ୍କର ତତ୍ତ୍ୱାବଧାନ ନେଉ ଥିଲେ । ପରବର୍ତ୍ତୀ ସମୟରେ ସେ କିଛିଦିନ ବିମାନ ବନ୍ଦର ହୋଟେଲ୍ ଠାରେ ଅବସ୍ଥାନ କରୁଥିଲେ, ୦୬ ମାର୍ଚ୍ଚ ୨୦୦୭ ମସିହାରେ ଦିନ ତାଙ୍କୁ ପ୍ୟାରିସ୍‌ର ୨୦ତମ ଆରେଣ୍ଡିସମେଣ୍ଟରେ ଏକ ଏମାଉସ୍ ଚାରିଟି ରିସେପ୍ସନ୍ ସେଣ୍ଟରକୁ ସ୍ଥାନାନ୍ତର କରା ଯାଇଥିଲା । ୨୦୦୮ ମସିହା ପର୍ଯ୍ୟନ୍ତ ସେ ପ୍ୟାରିସ୍ ଆଶ୍ରୟ ସ୍ଥଳୀରେ ରହୁଥିଲେ । ଆସୋସିଏଟେଡ୍ ପ୍ରେସ ରିପୋର୍ଟ ଅନୁଯାୟୀ ତାଙ୍କର ଦେହାନ୍ତ ହେବା ପୂର୍ବରୁ ସେ ପୁନଶ୍ଚ ବିମାନ ବନ୍ଦର ଫେରି ଆସିଥିଲେ ଏବଂ ୧୨ ନଭେମ୍ବର ୨୦୨୨ ମସିହାରେ ବିମାନ ବନ୍ଦର ଠାରେ ତାଙ୍କର ପ୍ରାଣବାୟୁ ଉଡି ଯାଇଥିଲା । ସେତେ ବେଳେ ତାଙ୍କୁ ୭୭ ବର୍ଷ ହୋଇଥିଲା । ଏକ ବିବାଦୀୟ ବ୍ୟକ୍ତିଙ୍କ ମୃତ୍ୟୁ ତଥା ସରକାଙ୍କ ମୁଣ୍ଡ ବିନ୍ଧାର ସମାପ୍ତି ଘଟିଲା ବୋଲି କୁହା ଯାଇ ପାରେ । ଖବର ମିଳେ ତାଙ୍କ ନାମରେ କୋଟି କୋଟି ଟଙ୍କାର କିଛି ଚଳଚିତ୍ର ମଧ୍ୟ ନିର୍ମାଣ ହୋଇଛି । ସେ ଯାହା ହେଉନା କାହିଁକି ଏହିପରି ଧର୍ଯ୍ୟଶୀଳ, ନିଜ ପାଇଁ ଲଢ଼ି ପାରୁଥିବା, ସ୍ୱାଭିମାନୀ, ନିଜ ଜିଦ ରେ ଅଟଳ ଥିବା ବ୍ୟକ୍ତି ଦେଖିବା ବିରଳ ।


ବରିଷ୍ଠ ନାଗରିକ
ସ୍ନେହ କୁଟୀର
ଝାଞ୍ଜିରୀ ମଙ୍ଗଳା, କଟକ
୭୫୩୦୦୯
ମୋ: ୯୯୩୭୧୭୪୦୯୭


# ପୂର୍ବତନ ନୌସେନା ଅଧିକାରୀଙ୍କୁ ଆଶ୍ୱସ୍ତି



**ସୌଭାଗ୍ୟ ରଂଜନ ମହାନ୍ତି**

୮ଜଣ ପୂର୍ବତନ ଭାରତୀୟ ନୌସେନା ଅଧିକାରୀଙ୍କ ମୃତ୍ୟୁ ଦଣ୍ଡ ଦେଶକୁ ବଜାରର ଅପିଲ କୋର୍ଟ କୋହଳ କରିବା ନିଷ୍ପତି କେବଳ ସେମାନଙ୍କ ପାଇଁ ଏବଂ ସେମାନଙ୍କ ପରିବାର ବର୍ଗଙ୍କ ପାଇଁ ଆଶ୍ୱସ୍ତିର କାରଣ ହୋଇନାହିଁ। ଏହି ଘଟଣାରେ ସେମାନଙ୍କୁ କ୍ଷମା ପ୍ରଦାନ ପାଇଁ କୁଟନୈତିକ ସ୍ତରରେ ପ୍ରୟାସ ଜାରି ରଖିଥିବା ଭାରତ ସରକାରଙ୍କ ପାଇଁ ମଧ୍ୟ ଆଶ୍ୱସ୍ତିର କାରଣ ହୋଇଛି। ଉଲ୍ଲେଖଯୋଗ୍ୟ ଯେ, ଗୁପ୍ତରେ ବୃତି ଅଭିଯୋଗରେ ୮ଜଣ ପୂର୍ବତନ ଭାରତୀୟ ନୌସେନା ଅଧିକାରୀଙ୍କୁ ବଜାରର ଏକ ଅଦାଲତ ଦୋଷୀ ସାବ୍ୟସ୍ତ କରିବା ସହ ମୃତ୍ୟୁଦଣ୍ଡାଦେଶ ଦେଇଛନ୍ତି। ଅଦାଲତର ଏହି ନିଷ୍ପତି ବିରୁଦ୍ଧରେ ଭାରତ ସରକାର ସେମାନଙ୍କୁ କ୍ଷମା ପ୍ରଦାନ ପାଇଁ କୁଟନୈତିକ ସ୍ତରରେ ଉଦ୍ୟମ ଜାରି ରଖିଥିବାବେଳେ ଅଭିଯୁକ୍ତଙ୍କ ପରିବାର ଉପର କୋର୍ଟରେ ଅପିଲ କରିଥିଲେ। କହିବା ବାହୁଲ୍ୟ ଯେ, ୮ଜଣ ପୂର୍ବତନ ନୌସେନା ଅଧିକାରୀଙ୍କ ବିରୁଦ୍ଧରେ ହୋଇଥିବା ଅଭିଯୋଗ, ସେମାନଙ୍କୁ ଗିରଫ କରାଯାଇ ଜେଲରେ ରଖାଯିବା ଏବଂ ଅପିଲ କୋର୍ଟ ରାୟ ସଂକ୍ରାନ୍ତୀୟ ବିବରଣୀ ବର୍ତ୍ତମାନ ସୁଦ୍ଧା ସାର୍ବଜନୀନ ହୋଇନଥିବା ବେଳେ ସେମାନଙ୍କୁ ଆଜୀବନ କାରାଦଣ୍ଡ ଦେବା ନିଶ୍ଚିତ ଭାବେ ନୈରାଶ୍ୟଜନକ। ତେବେ ସେମାନଙ୍କ ପରିବାର ଆଇନଗତ ଲଢେଇ ଜାରି ରଖିବା ସହ ସେମାନେ ନିର୍ଦ୍ଦେଶର ପ୍ରମାଣ ସହ ଏକ ରିଭ୍ୟୁ ପିଟିସନ କତାରର ସର୍ବୋଚ୍ଚ ଅଦାଲତରେ ଦାୟର କରିବା ଜରୁରୀ। କେବଳ ଏତିକି ନୁହେଁ, କତାରର ବିଚାର ବ୍ୟବସ୍ଥାରେ ସମସ୍ତ ମାର୍ଗକୁ ମଧ୍ୟ ପରିବାର ବର୍ଗ ଆଧାର କରିବା ଆବଶ୍ୟକ। ପ୍ରଥମତଃ କତାରର ସର୍ବୋଚ୍ଚ ଶାସକ ଶେଖ ତାମିମ ବିନ୍ ହମାଦ ଅଲ-ଆନିଙ୍କ ନିକଟରେ ଦଣ୍ଡାଦେଶ ବିରୁଦ୍ଧରେ ରିଭ୍ୟୁ ପିଟିସନ ଆବେଦନ କରିବା ଉଚିତ। ଏହା ଯଦି ବିଫଳ ହୁଏ, ତେବେ କ୍ଷମା ପ୍ରାର୍ଥନା କରିବା ଜରୁରୀ । ଅତୀତରେ ବହୁଘଟଣାରେ ସର୍ବୋଚ୍ଚ ଶାସକ କ୍ଷମା ପ୍ରଦାନ କରିଥିବାର ନଜିର ରହିଛି । ଆହୁରି ମଧ୍ୟ ୨୦୧୫ ମସିହାରେ ଭାରତ-କତାର ମଧ୍ୟରେ ସ୍ୱାକ୍ଷରିତ ଦ୍ୱିପାକ୍ଷିକ ରାଜିନାମା ଅନୁଯାୟୀ ସେମାନଙ୍କୁ ସ୍ୱଦେଶକୁ ପ୍ରତାର୍ପଣ କରାଯାଇପାରିବ। କୁହାଯାଇଛି ଯେ, କୋପ୍-୨୮ ସମ୍ମିଳନୀ ଅବସରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କତାରର ସର୍ବୋଚ୍ଚ ଶାସକଙ୍କ ସାକ୍ଷାତ ଆଲୋଚନାର ଫଳ ସ୍ୱରୂପ ସେମାନଙ୍କ ଦଣ୍ଡାଦେଶ କୋହଳ ହୋଇଛି। ଏଥିରେ ଦୁବାଇ ବିଶେଷ ସହାୟତା କରିଥିବା କୁହାଯାଏ। ଯଦି ଭାରତ ସରକାର ସେମାନଙ୍କୁ ୨୦୨୨ ଅଗଷ୍ଟରେ ଗିରଫ କରାଯିବା ପରେ କୁଟନୈତିକ ସ୍ତରରେ ପ୍ରୟାସ ଜାରି ରଖିଥାନ୍ତେ । ତେବେ ପରିସ୍ଥିତି ବୋଧହୁଏ ଏପରି ହୋଇନଥାନ୍ତା। କିନ୍ତୁ ଏବେ ଇସ୍ରାଏଲ-ହମାସ ମଧ୍ୟରେ ଲାଗିଥିବା ଯୁଦ୍ଧର ଏହା ପ୍ରତିଫଳନ ହୋଇଥିବା ଆଶଙ୍କାକୁ ଅସ୍ୱୀକାର କରାଯାଇନପାରେ। କହିବା ବାହୁଲ୍ୟ ଯେ, ୨୦୨୨ ଅଗଷ୍ଟରେ ସେମାନଙ୍କୁ ଗିରଫ କରାଯାଇଥିଲା ବେଳେ ଅଦାଲତ ମାମଲାର ଶୁଣାଣୀ କରି ୨୦୨୩ ଅକ୍ଟୋବର ୨୭ରେ ରାୟ ଘୋଷଣା କରିଥିଲେ। ଏହା ପୂର୍ବରୁ ଅକ୍ଟୋବର ୭ତାରିଖ ଦିନଠାରୁ ଇସ୍ରାଏଲ-ହମାସ ମଧ୍ୟରେ ଯୁଦ୍ଧ ଆରମ୍ଭ ହୋଇଯାଇଥିଲା। ଇସ୍ରାଏଲ ସହ ଭାରତର ସମ୍ପର୍କ ନିବିଡ ହୋଇଥିବାବେଳେ କତାର ହମାସର ରାଜନୈତିକ ନେତୃତ୍ୱକୁ ସମର୍ଥନ ଦେଇଆସୁଛି। ହମାସର ଆକ୍ରମଣକୁ ଭାରତ ଦୃଢ ବିରୋଧ କରିବା କରିଥିବାବେଳେ ଜାତିସଂଘର ଇସ୍ରାଏଲର ଗାଜା ଉପରେ ଆକ୍ରମଣକୁ ନିନ୍ଦା ପ୍ରସ୍ତାବରେ ମତଦାନରୁ ବିରତ ରହିଥିଲା। ଇସ୍ରାଏଲ-ହମାସ ଯୁଦ୍ଧରେ ୮ଜଣ ପୂର୍ବତନ ଭାରତୀୟ ନୌସେନା ଅଧିକାରୀଙ୍କ ଜୀବନ ବାଜିରେ ଲାଗିଯାଇଥିବା ଆଶଙ୍କାକୁ ଅଣଦେଖା କରାଯାଇନପାରେ। ତେବେ ସବୁଠାରୁ ଉଦବେଗର ପ୍ରସଙ୍ଗ ହେଉଛି । ପଶ୍ଚିମ ଏସୀଆ ଏବଂ କତାର ମଧ୍ୟରେ ସମ୍ପର୍କ। କତାରରେ ଏବେ ୮ଲକ୍ଷରୁ ଅଧିକ ଭାରତୀୟ ବାସ କରିବା ସହ ବିଭିନ୍ନ ସଂସ୍ଥାରେ କାର୍ଯ୍ୟ କରୁଛନ୍ତି। ଇସ୍ରାଏଲ ହମାସ ଯୁଦ୍ଧ ପରିପ୍ରେକ୍ଷୀରେ ଭାରତୀୟଙ୍କ ଜୀବନ ଆଶଙ୍କା ମଧ୍ୟରେ ରହିଛି। ନିକଟରେ ହୁଥି ଆତଙ୍କବାଦୀ ସଂଗଠନ ଭାରତୀୟ ନାବିକମାନଙ୍କୁ ଟାର୍ଗେଟ କରିଥିଲେ। ଏହିଭଳି ଘଟଣା ଆଗକୁ ବଢିବା ଆଶଙ୍କାକୁ ମଧ୍ୟ ଏଡାଇ ଦିଆଯାଇନପାରେ। ବିଦେଶ ମାଟିରେ ଗୁପ୍ତଚର ବୃତ୍ତିରେ ପୂର୍ବତନ ଭାରତୀୟ ନୌସେନା ଅଧିକାରୀ ମୃତ୍ୟୁଦଣ୍ଡାଦେଶ ପାଇବା ଏହା ପ୍ରଥମ ଘଟଣା ନୁହେଁ। ପୂର୍ବରୁ ପାକିସ୍ଥାନର ସାମରିକ ଅଦାଲତ ନୌସେନାର ଜଣେ ପୂର୍ବତନ ଅଧିକାରୀଙ୍କୁ ଫାଶୀଦଣ୍ଡାଦେଶ ଦେଇଥିଲା। ଯାହା ବିରୁଦ୍ଧରେ ଭାରତ ବିଶ୍ୱ ଅଦାଲତରେ ଲଢେଇ ଜାରି ରଖିଛି ବିଶ୍ୱ ଅଦାଲତ ଫାଶୀ ଦଣ୍ଡାଦେଶକୁ ରଦ୍ଦ କରିଦେଇଥିଲେ ମଧ୍ୟ ସେ ଏବେ ବି ପାକିସ୍ଥାନ ଜେଲରେ ରହିଛନ୍ତି। ଏହା ନିଶ୍ଚିତ ଯେ, ପ୍ରତ୍ୟେକ ଭାରତୀୟ ନାଗରିକଙ୍କ ଜୀବନ ମୂଲ୍ୟବାନ ତେବେ ସେନା ସହ ଜଡିତ ରହିଥିବା ଭାରତୀୟ ଯବାନଙ୍କ ଜୀବନର ମୂଲ୍ୟ ଅଧିକ, ଏଥିରେ ସନ୍ଦେହ ନାହିଁ। ଏଭଳି ସ୍ଥିତିରେ ଅବସର ଗ୍ରହଣ କରିଥିବା କୌଣସି ଯବାନ କିମ୍ବା ସେନା ଅଧିକାରୀ ଅନ୍ୟ କୌଣସି ଦେଶର କମ୍ପାନୀ ବା ସଂସ୍ଥାରେ କାର୍ଯ୍ୟ କରିବା ଉଚିତ ନୁହେଁ। ଏଭଳି କମ୍ପାନୀ ସହ କାର୍ଯ୍ୟ କରିବା ଉଚିତ, ଯେଉଁମାନେ ଭାରତୀୟ ମୂଲ୍ୟବୋଧ ପ୍ରତି ଜଡିତ ଥିବେ। ସେହିପରି ପୂର୍ବତନ ଭାରତୀୟ ସେନା ଅଧିକାରୀମାନେ ଏଭଳି କୌଣସି କାର୍ଯ୍ୟ କରିବା ଉଚିତ ନୁହେଁ, ଯାହା ଦେଶର ସମ୍ମାନ ହାନୀ କରିବ। ଆହୁରି ମଧ୍ୟ ଭାରତ ପ୍ରତି ବିଦ୍ୱେଷ ରଖିଥିବା ଅଫିସର କିମ୍ବା ବିଚାରପତି ବିଶ୍ୱରେ ଅଭାବ ନାହାଁନ୍ତି, କତାର ଓ ପାକିସ୍ଥାନ ଘଟଣା ସଂକେତ ପ୍ରଦାନ କରେ। ଏଣୁ ଭାରତୀୟଙ୍କୁ ବିଶ୍ୱର କୌଣସି ସ୍ଥାନରେ ସହଜରେ ନ୍ୟାୟ ମିଳିପାରିବ ଏହା ଆଶାକରିବା ବୃଥା। ବିଦେଶ ମାଟିରେ ନ୍ୟାୟ ପାଇଁ ସଂଘର୍ଷ ଜାରି ରଖିବା ଦୋହା ଘଟଣା ଆମକୁ ସନ୍ଦେଶ ଦେଇଛି, ଏହା ନିସନ୍ଦେହ।


ସମ୍ମାନ ଭବନ,
ପ୍ଲଟ ନଂ-୫୮/୩୫୮୧,
ଗାଙ୍ଗୋତ୍ରୀ ନଗର,
ରୋଡ ନଂ-୩, ଶିଶୁପାଳଗଡ,-
୭୫୧୦୦୨
ମୋ:୯୪୩୭୯୯୪୩୭୯





## ନେତ୍ର ସ୍ୱୟମ୍ବର

**ସତ୍ୟ ସିଂ ବାଗ**



ଅଭୁଲା ପ୍ରେମର ପ୍ରତାରଣା ଭରା
ସ୍ୱପନେ ହୋଇଥାଏ ପାଗଳ
ସ୍ଥିର ନୁହେଁ ଏ ମନର ଭାବନା
ଆସି ବାନ୍ଧେ ନୂଆ ନୂଆ କାଳ !
ସ୍ୱାର୍ଥତାରେ ଚାଲେ ଏ ଦୁନିଆ
କାମ ପୂରଣ ହେଲେ କିଏ କାହାର
ଦେଖାଣିଆ ପ୍ରେମଭାବନା ରେ ହୁଏ
ନେତ୍ର ସ୍ୱୟମ୍ବର....

ପୂର୍ବ ଦିଗର ରବି ପଶ୍ଚିମ ଆକାଶେ
ରବି ର ପ୍ରକାଶ କିରଣ ଅସ୍ତମୟ
ଏମିତି ବନ୍ଧୁତ୍ୱର ଯାଏ ବିଚ୍ଛୁଡ଼ି
ସଂମ୍ପର୍କ ଅଧା ଦିନେ ହୁଏ ଲୟ !
ରାତି ସ୍ୱପ୍ନରେ ଯଦି ଘର ସାଜିବୁ ତୁ
ନିଦ ଭାଙ୍ଗି ଗଲେ ହୋଇବ ଚୁନା
ନିଶ୍ଚିତ ରୂପେ କିଛି ନାହିଁ ସ୍ଥିର ଏଠି
ସବୁ ମନଗଢ଼ା ଅହଂଙ୍କାର ଭାବନା !

ସ୍ୱାର୍ଥତାରେ ଚାଲେ ଏ ଦୁନିଆ
କାମ ପୂରଣ ହେଲେ କିଏ କାହାର
ଦେଖାଣିଆ ପ୍ରେମଭାବନାରେ ହୁଏ
ନେତ୍ର ସ୍ୱୟମ୍ବର....

ଜୀବନ ଧାରଣାରେ ଏହି
ମାୟା ସଂସାର ଗତି ଆଗମନ
କେବେ କିଟି କିଟିଆ ଅନ୍ଧାର ତ
କେବେ ନିର୍ମଳ ପାଣିର ଛିଞ୍ଚନ !
ଆଖିରେ ଯାହା ଦେଖୁ ସବୁ ଠକ
ପ୍ରଲୋଭନର ଅନେକ ବାହାନା

ଯିଏ ସତ୍ୟତା ରୂପେ ଭଲ ସମ୍ପର୍କ
ତୁଲାଏ ତାହାର ଖରାପ ଜୀନା !
ସ୍ୱାର୍ଥତା ରେ ହିଁ ଚାଲେ ଏ ଦୁନିଆ
କାମ ପୂରଣ ହେଲେ କିଏ କାହାର
ଦେଖାଣିଆ ପ୍ରେମଭାବନାରେ ହୁଏ
ନେତ୍ର ସ୍ୱୟମ୍ବର...

ବରଷା ଆଗରୁ ମେଘ ଦେଖା ଯାଏ
ଧୂଶଳିଆ ତାହାର ନିଜ ଛବି ପ୍ରତି
କେଉଁ ମେଘ ବରଷେ କେଉଁ ମେଘ
ଜମା ବରଷେ ନାହିଁ ଆକାଂକ୍ଷା ବାଦି !
ପୁନେଇଁ ଜହ୍ନର ସୁନ୍ଦରତା କେତେ
ଅନ୍ଧାର ରାତିର ଉଜ୍ୱଳତା ଆଲୋକ
ଦିନରେ ରବି କିରଣେ ନଦେଖାଦିଏ
କାରଣ ରବି କିରଣ ହିଁ ତା ସହକ !
ସ୍ୱାର୍ଥତାରେ ହିଁ ଚାଲେ ଏ ଦୁନିଆ
କାମ ପୂରଣ ହେଲେ କିଏ କାହାର
ଦେଖାଣିଆ ପ୍ରେମଭାବନାରେ ହୁଏ
ନେତ୍ର ସ୍ୱୟମ୍ବର.....


ଗ୍ରା /ପୋ -ତେରେସିଂହା
ଭାୟା - ରିଷିଡା
ଜି : କଳାହାଣ୍ଡି
ପିନ - ୭୬୬୦୩୧
ମୋ : ୬୩୫୩୩୭୪୫୦୯


## ହେ ଈଶ୍ୱର

**ଦିନେଶ ମେହେର**



ଜାଣିନି ତମେ କେଉଁଠି ?
ହୁଏତ ସ୍ୱପ୍ନରେ କେତେବେଳେ
ଆସିଥିଲ,
ଏଇ ଆଖି ସାମ୍ନାରେ ଠିଆ
ହେଇଥିଲ,
ମୁଁ ଜାଣେନା !

ବର୍ତ୍ତମାନ ମୁଁ ନିଜେ ଜଣେ
ପଥଭ୍ରାନ୍ତ ବାଟୋଇ,
ମଝି ଦରିଆ ରେ ବୁଡ଼ି ଯାଉଥିବା
ଗୋଟେ ଅସହାୟ !
ହଠାତ୍ ସେଇଠି,
ତୁମ ଆବିର୍ଭାବ ଚକିତ କରେ
ମୋ ସମଗ୍ର ବର୍ତ୍ତମାନକୁ !
ମୁଁ ତ ଆବାକ୍ ହେଇଯାଏ
ତୁମ ଦିବ୍ୟରୂପକୁ ଦର୍ଶନ କରି,
ସ୍ୱପ୍ନରେ।

ମୁଁ ଜାଣି ନଥିଲି
ତମେ ଏତେ ବେଦରଦୀ,
ପ୍ରାଣଢ଼ଙ୍ଗା କହି ଅତଳ ଜଳଧିରେ
ବୁଡେଇ ଦେଇଯାଅ ବୋଲି
ମୁଁ ବେଶ୍ ଅଜଣା !
ହଁ, ତାହା ଥିଲା ଏକ ସ୍ୱପ୍ନ !

ହେଲେ ସତରେ
ବର୍ତ୍ତମାନ ତ ମୁଁ ମଝି ଦରିଆ ରେ
ଭାସି ଚାଲିଛି, ଚାଲୁଛି
କେଜାଣି କେତେଦିନ ଏଇମିତି
ଚାଲୁଥିବି
ନିଜେ ବି ଜାଣେନା,
ଦିଗହରା ନକ୍ଷତ୍ର ଟେ ଭଳି
ହଜି ଯାଇଛି କୁହୁକିନୀ ଅନ୍ଧାରର
ଗର୍ଭରେ !

ଆଉ ପାରୁନି ବନ୍ଧୁ,
ଥରେ ତ ଦେଖେଇ ଦିଅ
କାଣିଚାଏ ଆଲୁଅ,
ଥରେ ବତେଇ ଦିଅ ବାଟ
ତାହେଲେ ତରି ଯିବି
ଏଇ ମାୟାବିନି ଅନ୍ଧାରର
ମାୟାଜାଳରୁ !


ପଳାସ, କଳାହାଣ୍ଡି


## ଆସ ମାଆ ପଦ୍ମାଳୟା

**ନଳିନୀ ଦାଶ**



ଆମ୍ବ ତୋରଣ ମୁଁ ଦେଇଛି ଲଗେଇ
ଝୋଟିରେ ଭରିଛି ଘର
ରାଜ ମହଲଟେ ଜତନେ ତୋଳିଛି
ଆସମାଆ ଲକ୍ଷ୍ମୀ ମୋର ।
ଗେଣ୍ଡୁଫୁଲ ମାଳ ଗୁନ୍ଥି ମୁଁ ରଖିଛି
ସୋରିଷ ଫୁଲକୁ ତୋଳି
ଆନନ୍ଦ ମନରେ ବଜାଉଛି ଶଙ୍ଖ
ପକାଉଛି ହୁଳହୁଳି ।
ଆସ ପଦ୍ମାଳୟା ଦୁଃଖ ବିନାଶିନୀ
ଏତିକି ମୋହର ଅଳି
ତୁମ ପାଦ ଥାପି ମୋ ଦୁଃଖ ସଂସାରୁ
ବିପଦକୁ ଦିଅ ଟାଳି ।
ପଦ୍ମଫୁଲ ରଖି ଖଟୁଳି ସଜାଇ
ଆଙ୍କି ଦେଇଅଛି ଚିତା
ତୁମକୁ ପୂଜିବି ଭକତି ଚିତ୍ତରେ
ଆସ ମାଆ ସିନ୍ଧୁସୁତା ।
ତୁମର ଆଶିଷେ ପଙ୍ଗୁ ଲଂଘେ ଗିରି
ଗରିବର ପେଟ ଭରେ
ଅନ୍ଧ ପାଏ ଆଖି କୁଟୀର ହୁଅଇ
ପରିଣତ ମହଲରେ ।
ନୈବେଦ୍ୟ ସଜାଡି ରଖିଅଛି ମାଆ
ପାଟର ଓଢଣୀ ଟାଣି
ଦୟାମୟୀ ମାଆ ହୁଅ ବାରେ ସାହା
ଏତିକି ମୋର ମାଗୁଣି ।
ସାଗର ଦୁଲ୍ଲଣୀ ବିଷ୍ଣୁ ପାଟରାଣୀ
ସୁଖ ସମ୍ପଦରେ ଭର
ତୁମର ଚରଣେ ସ୍ଥାନ ଦିଅ ମାଆ
ହସୁଥାଉ ମୋ ସଂସାର ।


+ ଭିକାରିପଡା, ଶରଣକୁଳ,
ନୟାଗଡ଼।
ମୋ: ୬୩୭୦୦୯୫୨୪୧





# ବିଷାଦର ଫାଟକ



## ଅନୀତା ପଟ୍ଟନାୟକ



ମୁଁ ସମୁଦ୍ରରେ ଏକ ଜାହାଜରେ ଯାଉଥିବା ସମୟରେ ଜାହାଜଟି ଏକ ଦୁର୍ବିପାକର ସମ୍ମୁଖୀନ ହେଲା। ମୁଁ ଭାସି ଭାସି ଆସି ଏକ ଦେଶରେ ଲାଗିଲି। ଲୋକଙ୍କୁ ପଚାରିବାରେ ଲୋକମାନେ ସେ ଦେଶ 'ଭାରତ' ବୋଲି କହିଲେ। ଦେଖିଲି ସେ ପୁରା ଦେଶଟି ଗୋଟିଏ ସାଜସଜ୍ଜା ପୂର୍ଣ୍ଣ ରାଜମହଲ। ପଚାରିବାରେ ଲୋକ କହିଲେ ଏହାକୁ ଗୀତା ରାଜପ୍ରସାଦ ବୋଲି କୁହାଯାଏ। ସ୍ୱର୍ଣ୍ଣ ଅଳଙ୍କାର ଖଚିତ ଏକ ଦ୍ୱାରର ଉପଦେଶରେ 'ବିଷାଦ' ଲେଖାଯାଇଥିବା ଦେଖିଲି। ମୁଁ ଦ୍ୱାରପାଳକୁ ପଚାରିଲି 'ଭାଇ ଏଠାରେ ଯେଉଁ ବିଷାଦ ଶବ୍ଦ - ଲେଖାଯାଇଛି ତାର ଅର୍ଥ କଣ ? ସେ କହିଲେ 'ଇନ୍ଦ୍ରିୟ ସୁଖର ଅସାରତା ଉପଲବ୍ଧି କଲେ ହିଁ ବିଷାଦତାର ଦ୍ୱାର ଖୋଲିଯାଏ। ଏହି ଦ୍ୱାର ଦେଇ ଯେଉଁମାନେ ପ୍ରବେଶ କରନ୍ତି ସେମାନେ ଅଧିକ ସାରବତ୍ତାପୂର୍ଣ୍ଣ ଓ ଅଧିକ ଆନନ୍ଦ ପ୍ରଦାନକାରୀ ବିଷୟକୁ ଅନ୍ୱେଷଣ କରିବାକୁ ଯାଆନ୍ତି। ମୁଁ କହିଲି ସର୍ବୋଚ୍ଚ ପୁରୁଷକୁ ଲାଭ କରିବା ବା ପୁରୁଷୋତ୍ତମ ପ୍ରାପ୍ତି ହେଉଛି ଏ ବିଷାଦ ଏହା ହିଁ ମନୁଷ୍ୟର ସର୍ବଶ୍ରେଷ୍ଠ ଲାଭ।

ଦ୍ୱାରପାଳ କହିଲେ ଏହି ପୁରରେ ବାସ କରୁଥିବା ପୁରୁଷ ହେଉଛନ୍ତି ପୁରୁଷୋତ୍ତମ। ଲୋକେ ଏହି ପୁରୁଷୋତ୍ତମ କ୍ଷେତ୍ରକୁ ଆସନ୍ତି ପୁରୁଷୋତ୍ତମଙ୍କୁ ଦର୍ଶନ କଲି ବୋଲି ଡିଣ୍ଡିମ ପିଟନ୍ତି। ପ୍ରକୃତପକ୍ଷେ ସେମାନେ ସମୁଦ୍ରକୂଳରେ ଡଙ୍ଗା ଉପରେ ବସି ଏପରି ବାହସ୍ଫୋଟ ମାରିଥାନ୍ତି। ପ୍ରକୃତ ପକ୍ଷେ ପୁର ହେଉଛି ମନୁଷ୍ୟର ଶରୀର। ପ୍ରଭୁ ଜଗନ୍ନାଥ ଶରୀର ରୂପକ ବିଶ୍ୱ ବ୍ରହ୍ମାଣ୍ଡରେ ବାସ କରନ୍ତି। ସେ ସର୍ବୋତ୍ତମ ବା ପୁରୁଷୋତ୍ତମ। ମନୁଷ୍ୟ ଚାଲୁଥିବା ସମୟରେ ଜଡାଟିର ଅନୁଭୂତି ମଧ୍ୟ ତାଙ୍କ ଦୟାରୁ ଲାଭ ହୁଏ। ଅନ୍ୟପକ୍ଷରେ କହିବାକୁଗଲେ ଜଗନ୍ନାଥ ବା ପରମ ପୁରୁଷଙ୍କର ଚେତନଶୀଳତା ସମସ୍ତ ଶରୀରରେ ପରିବ୍ୟାପ୍ତ। ତାଙ୍କର ବିଶ୍ୱ ବ୍ରହ୍ମାଣ୍ଡ ରୂପକ ଶରୀରଟିକୁ ଏହି ଚେତନଶୀଳତା ବଳରେ ସେ ସକ୍ରିୟ ଓ ପରିପୂର୍ଣ୍ଣ ରଖନ୍ତି। ମୁଁ କହିଲି ଆପଣଙ୍କ କଥାରୁ ପ୍ରତୀୟମାନ ହେଉଛି ଜଗନ୍ନାଥ ଦେବ ପୁରୁଷୋତ୍ତମ ହେଉଛନ୍ତି ଏକ ବିଶାଳ ବନାନୀ। ବ୍ୟକ୍ତି ହେଉଛି ସେ ବନର ଏକ ବୃକ୍ଷ। ତେବେ ଜୀବ ହେଉଛି ବ୍ୟକ୍ତି ଓ ଜଗନ୍ନାଥ ହେଉଛନ୍ତି ସମଷ୍ଟି।

ମୁଁ ପଚାରିଲି ମହଲରେ ଥିବା ପୁରୁଷୋତ୍ତମଙ୍କୁ ମୁଁ ଦର୍ଶନ କରିପାରେ କି ? ଦ୍ୱାରପାଳ କହିଲେ ପୁରୁଷକୁ ପୁରୁଷୋତ୍ତମରେ ପରିଣତ ହେବାକୁ ହେଲେ ଯୋଗ ହେଉଛି ଏକ ମାର୍ଗ। ଜ୍ଞାନ, ଭକ୍ତି ଓ କର୍ମ ମାର୍ଗରେ ମଧ୍ୟ ଏହି ଦର୍ଶନ ସମ୍ଭବ ହୋଇପାରିଥାଏ। ମୁଁ କହିଲି ଭାଇ ମୋର ପଞ୍ଚ ଇନ୍ଦ୍ରିୟ ମତେ ପାଞ୍ଚଟି ପୃଥକ ପୃଥକ ଦିଗରେ ଆକର୍ଷିତ କରୁଛନ୍ତି। ଦ୍ୱାରପାଳ କହିଲେ ଠିକ କହିଛ। ପାଞ୍ଚଟି ଯାକ ଇନ୍ଦ୍ରିୟ ପୁରୁଷର କ୍ଷତି ସାଧନା କରନ୍ତି। କିନ୍ତୁ ଇନ୍ଦ୍ରିୟ ଗୁଡ଼ିକ ଗୋଟିଏ ପରିବାରର ସଦସ୍ୟ ଅଟନ୍ତି। ଇନ୍ଦ୍ରିୟ ଗୁଡ଼ିକୁ ସାଧନା ଦ୍ୱାରା ତାଲିମ ଦିଆଯାଇପାରେ। ମଣିଷର ବୁଦ୍ଧି ବେଳେ ବେଳେ ଶତ୍ରୁପରି କାମ କରିଥାଏ। ବୁଦ୍ଧି ଛଳନା ସୃଷ୍ଟି କରେ। ଦେଖାଇ ହେବା ଭଳି ପ୍ରତିଯୋଗୀ ମନଭାବ ସୃଷ୍ଟି କରେ। ଦ୍ୱାରପାଳ କହିଲେ ହେ ଆଗନ୍ତୁକ ବ୍ୟବହାର ଓ ଅଭ୍ୟାସ ହିଁ ଗୁରୁତ୍ୱପୂର୍ଣ୍ଣ। ଧର୍ମ ଓ ସାଧନା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। କାର୍ଯ୍ୟ ଆଚରଣ ଓ ବ୍ୟବହାର ଦ୍ୱାରା ପ୍ରକାଶ ପାଉଥିବା ସ୍ୱଭାବରୁ ମନୁଷ୍ୟକୁ ବିଚାର କରାଯାଏ। ଏପରି ବ୍ୟକ୍ତିର ମୂଲ୍ୟାୟନ ପାଇଁ କୌଣସି ସାକ୍ଷୀ ପ୍ରମାଣର ପ୍ରୟୋଜନ ହୁଏନାହିଁ। ଅର୍ଜ୍ଜୁନଙ୍କ ବିଷାଦ ତାଙ୍କ ଭିତରେ ଲୁଚି ରହିଥିବା ଅହମିକାକୁ ଛଦ୍ମରୂପରେ ପ୍ରକାଶ କରିଥିଲା। ଏହା ତାଙ୍କ ଚରିତ୍ରର ଏକ ଦୁର୍ବଳତା ଥିଲା। ସେ ପୂର୍ବରୁ ବୀର ସ୍ୱଭାବର ଥିଲେ କିନ୍ତୁ ଯୁଦ୍ଧକ୍ଷେତ୍ରରେ ଭୀରୁତା ଦର୍ଶାଇଥିଲେ। ମୁଁ ଓ ମୋର ଭାବ ପ୍ରକାଶ ପାଇଲା। ଅର୍ଜ୍ଜୁନ କୃଷ୍ଣଙ୍କୁ କହିଥିଲେ ମୁଁ ପଛେ ନର୍କକୁ ଯିବି ଭିକ୍ଷା ମାଗିବି ମୁଁ ମୋର ଗୁରୁଜନ ଓ ଭାଇ ମାନଙ୍କ ସହ ଯୁଦ୍ଧ କରିବି ନାହିଁ। ଦ୍ୱାରପାଳ କହିଲେ 'ମୁ' ଓ 'ମୋର' ଭାବନା ଦୁଇଟି ବିଷ ବୃକ୍ଷ ସଦୃଶ। ହେ ଆଗନ୍ତୁକ ତୁମେ ନିଜକୁ ଅକ୍ଷତ ରଖିବାକ ହେଲେ ତୁମକୁ ଏ ବିଷର ମୂଳୋତ୍ପାଟନ କରିବାକୁ ହେବ। ଆଶ୍ଚର୍ଯ୍ୟର ବିଷୟ ମରଣାନ୍ତକ ଯନ୍ତ୍ରଣା ପାଉଥିବା ବ୍ୟକ୍ତିମାନେ ଅତୀତରେ ମୃତ୍ୟୁବରଣ କରିଥିବା ଲୋକଙ୍କ ପାଇଁ କାନ୍ଦୁଛନ୍ତି। ଅର୍ଜ୍ଜୁନ ଯୁଦ୍ଧ କ୍ଷେତ୍ରରେ ତାହା ହିଁ କରିଥିଲେ। ତାଙ୍କର ମୂର୍ଖତା ବିଷାଦର ଛଦ୍ମବେଶର ଭାଷା ମଧ୍ୟରେ ଲୁଚି ରହିଥିଲା। ଯୁଦ୍ଧକ୍ଷେତ୍ର ପ୍ରକୃତ ପ୍ରଶ୍ନ ନଥିଲା। କିଏ କାହାର ଆତ୍ମୀୟ ସ୍ୱଜନ, କିଏ ଭୁଲ ଠିକ କରୁଛି ତାହା ପ୍ରକୃତ ପ୍ରଶ୍ନ ନଥିଲା। ନ୍ୟାୟ ପାଇଁ ସଂଗ୍ରାମ, ସତ୍ୟର ପ୍ରତିଷ୍ଠା ପାଇଁ ସଂଗ୍ରାମ, କ୍ଷତ୍ରୀୟ ଚିତ କର୍ତ୍ତବ୍ୟ ଓ ଫଳାଫଳକୁ ସର୍ବୋମୟ କର୍ତ୍ତାଙ୍କ ନିକଟରେ ସମର୍ପଣ କରିବା ହିଁ ଉଚିତ ମାର୍ଗ ଥିଲା। ପୁରୁଷୋତ୍ତମ କହିଥିଲେ ଆଶ୍ଚର୍ଯ୍ୟ ଲାଗୁଛି ଅର୍ଜ୍ଜୁନ ଯୁଦ୍ଧ କ୍ଷେତ୍ରରେ ତୁମେ କାନ୍ଦୁଛ। ତୁମେ ଗୁଡ଼ାକେଶ ତୁମେ ନିଦ୍ରା ଓ ଧଜ୍ଞାନକୁ ଜୟ କରିଥିବା ବ୍ୟକ୍ତି ତୁମେ କାହାକୁ ହତ୍ୟା କରୁନାହିଁ। ତୁମର ଗ୍ଲାନି ରହିବା ଉଚିତ ନୁହେଁ କେହି ମୃତ୍ୟୁ ମୁଖରେ ପଡ଼ୁନାହାଁନ୍ତି। ସେମାନଙ୍କର ଅନେକ କାମ କରିବାର ଅଛି। ସେମାନେ ମଧ୍ୟ ମୃତ୍ୟୁହୀନ। ମୁଁ ସେମାନଙ୍କ ପାଇଁ ମୃତ୍ୟୁଦଣ୍ଡ ଘୋଷଣା କରିସାରିଛି ଏ ଆଦେଶ ତୁମକୁ ମାନିବାକୁ ହେବ। ଅର୍ଜ୍ଜୁନ ସେଦିନ ଅନୁଭବ କରିଥିଲେ ସେ ଈଶ୍ୱରଙ୍କ ହସ୍ତରେ ସେ ଏକ ଆୟୁଧ ମାତ୍ର। ଦ୍ୱାରପାଳ କହିଲେ ହେ ଆଗନ୍ତୁକ ! ତୁମେ ଏ ଦୀକ୍ଷାରେ ଦୀକ୍ଷିତ ହେବ କି ? ନହେଲେ ଯନ୍ତ୍ରଣାରୁ ମୁକ୍ତି ନାହିଁ। ତମସୋ ମା ଜ୍ୟୋର୍ତିଗମୟ। ଅହଂକାର ହିଁ ତମସ ବା ଅନ୍ଧକାର ଶରଣାଗତି ହିଁ ଜ୍ୟୋତି। ମୁଁ ଦେଖିଲି ଦ୍ୱାରପାଳ ମୋ ପାଇଁ ବିଷାଦର ଫାଟକ ଖୋଲି ଦେଇଛନ୍ତି। ଚର୍ତୁଦିଗ ଆଲୋକ ହିଁ ଆଲୋକ ପୁରୁଷୋତ୍ତମ ପ୍ରଭୁ ଜଗନ୍ନାଥ ମୋ ସମ୍ମୁଖରେ ଦଣ୍ଡାୟମାନ।


+ଅବସରପ୍ରାପ୍ତ ପ୍ରଧାପିକା, ସିଡିଏ,
ସେକ୍ଟର-୧୦, କଟକ,
ମୋ : ୯୬୯୨୯୮୦୦୨୬




ଧାରାବାହିକ ଉପନ୍ୟାସ

(ପୂର୍ବ ପ୍ରକାଶିତ ଉତ୍ତାରୁ)

# ତ୍ରିପାଦମେଦିନୀ

## ଜ୍ୟୋତ୍ସ୍ନାମୟୀ ପଣ୍ଡା



॥ ଭାଗ-୨୮ ॥
(ପୂର୍ବ ପ୍ରକାଶିତ ଉତ୍ତାରୁ)

ଶ୍ରୀମଦ୍ ଭାଗବତ ଏକ ପ୍ରଶ୍ନ ନୁହେଁ, ଏହା ସମସ୍ତ ପ୍ରଶ୍ନ ମାନଙ୍କର ଏକ ଉତ୍ତର ଅଟେ। କିନ୍ତୁ ମନରେ ଯେ ପର୍ଯ୍ୟନ୍ତ ପ୍ରଶ୍ନ ସୃଷ୍ଟି ହୋଇନାହିଁ, ସେହି ପର୍ଯ୍ୟନ୍ତ ପ୍ରଶ୍ନର ଉତ୍ତର ମିଳେନାହିଁ। ମନ ରେ ଜିଜ୍ଞାସା ରଖି ଉତ୍ତର ଅନୁସନ୍ଧାନ କଲେ, ଉତ୍ତର ମଧ ମିଳିଯାଏ। ତେଣୁ ମୁନି ମାନେ ବାରମ୍ବାର ପ୍ରଶ୍ନ କରି ଘଟଣା ର ଅନୁସନ୍ଧାନ କରିଥାନ୍ତି। ତାହାର ସଂକେତ ସ୍ୱରୂପ ଭାଗବତର ଗୋଟିଏ ପଦ,' ସହସ୍ର ସହସ୍ର ପ୍ରକାର, ପ୍ରଶ୍ନ ଯେ ଅଛି ଏ ସଂସାର'' ଏତିକି ହିଁ ପାଠକ ପାଇଁ ଯଥେଷ୍ଟ। ଅବଶ୍ୟ ପ୍ରଶ୍ନକର୍ତ୍ତା ଏବଂ ଉତ୍ତର ଦାତାଙ୍କ ମସ୍ତିସ୍କ ସମାନ ସ୍ତରର ହେବା ଉଚିତ୍।

ବ୍ରହ୍ମା ଦେଖିଲେ, ଚତୁର୍ଭୁଜରେ ଶଙ୍ଖ, ଚକ୍ର, ଗଦା, ପଦ୍ମ ଧାରୀ ଏକ ଜ୍ୟୋତିର୍ମୟ ବରାହ ମୂର୍ତ୍ତି ତାଙ୍କ ସମ୍ମୁଖ ରେ ଉଭା ହୋଇଛନ୍ତି। ତାଙ୍କର ଅବୟବ ମାନବ ସଦୃଶ, ମୁଖ ବରାହ ସଦୃଶ। ପୁନଶ୍ଚ ସେ ଯୋଗ ଶ୍ରୁତିରେ ଶ୍ରବଣ କରିବାରେ ଲାଗିଲେ, ' ହେ ଯଜ୍ଞେଶ୍ୱର ବ୍ରହ୍ମା, ଦେବତା ମାନେ ରାକ୍ଷସ ମାନଙ୍କୁ ଦୂର ସମୁଦ୍ର ମଧ୍ୟସ୍ଥ ଦ୍ୱୀପ ମାନଙ୍କରେ ନିର୍ବାସନ ଦଣ୍ଡ ଦେଉଛନ୍ତି। ଅନେକ ଆର୍ଯ୍ୟ ରାଜନ୍ ମଧ ଜନବସତିରୁ ନିର୍ବାସିତ ହୋଇଛନ୍ତି। ସେହି ଉଷର ଭୂମି ରେ ଶସ୍ୟ ଉତ୍ପନ୍ନ ହୋଇ ନାହିଁ। ବୃକ୍ଷ ମାନେ ଖୁବ୍ ଉଚ୍ଚ। ତେଣୁ ସେମାନେ ସେଠାରେ ମତ୍ସ୍ୟ ଆଦି ଭୋଜନ କରି, ନଗ୍ନ ହୋଇ ଦୂର୍ବହ ଅରଣ୍ୟ ଜୀବନ ଜାପନ କରୁଅଛନ୍ତି। ସେମାନଙ୍କର ଅଶାନ୍ତ ଆତ୍ମା ଅଦୃଶ୍ୟ ଜଗତ ଉପରେ ପ୍ରଭାବ ପକାଉଛି। ତେଣୁ ଉତ୍ତର ମହା ସାଗରରେ ତୁହିନ ଖଣ୍ଡ ମାନ ତରଳି ଯାଉଛି। ଅବିରତ ବର୍ଷା ହେଉଛି। ଦୀର୍ଘ ଦୁଇ ହଜାର ବର୍ଷ ଧରିବାୟୁ ମଣ୍ଡଳର ଉତ୍ତାପ ବଢ଼ି ଯିବାରୁ ସୁବର୍ଣ୍ଣ ଗିରିର ବରଫ ତରଳି ଯାଇ ଗଙ୍ଗା, ବ୍ରହ୍ମ ପୁତ୍ର, ସିନ୍ଧୁ ଆଦି ନଦୀରେ ବନ୍ୟା ଆସିଛି। ସମୁଦ୍ରର ଜଳ ପତ୍ତନ ବଢ଼ି ଯାଇଛି। ସମୁଦ୍ର ମଧ ରେ ବାରମ୍ବାର ବିରାଟ ଭୂମି କମ୍ପ ମାନ ହେବାରୁ ସମୁଦ୍ରର ଜୁଆର ମାଡି ଶ୍ୱେତ ସାଗର ଉପରେ ପ୍ରବାହିତ ହୋଇ ନିକଟ ବର୍ତ୍ତୀ ଦ୍ୱୀପମାନଙ୍କୁ ଛିନ୍ନଛତ୍ର, ବିଚ୍ଛିନ୍ନ ଓ ଜଳ ମଗ୍ନ କରି ଦେଇଛି। ହିରଣ୍ୟ କଶିପୁ କ୍ରୋଧାନ୍ଧ ହୋଇ ଦେବତା ମାନଙ୍କର ବିନାଶ କରିବା ପାଇଁ ସିନ୍ଧୁ ଓ ବିପାସା ନଦୀରେ ଘାଇ ସୃଷ୍ଟି କରିବାରୁ ପ୍ରବଳ ଜଳ ସ୍ରୋତ ପ୍ରବାହିତ ହୋଇ ଚାରିଆଡ ଜଳାର୍ଣ୍ଣବ କରି ଦେଇଛି। ସେହି ଜଳରାଶିମଧରେ ପୃଥିବୀ ଲୀନ ହୋଇ ଯାଇଅଛି।

ପ୍ରାଣୀ ମାନେ ଏହି ଜଳାର୍ଣ୍ଣବ୍ ମଧରେ କ୍ଷୁଧିତ ହୋଇ ଖାଦ୍ୟ ଅନ୍ୱେଷଣରେ ଇତଃସ୍ତତ ଘୁରି ବୁଲୁଛନ୍ତି।

ବ୍ରହ୍ମା ବିହ୍ୱଳ ହୋଇ ପ୍ରଶ୍ନ କଲେ, 'ହେ ଦିବ୍ୟ ପୁରୁଷ, ଆପଣ କିଏ ? ଆପଣଙ୍କର ଶରୀର ମାନବ ସଦୃଶ ଓ ମୁଖ ବରାହ ସଦୃଶ ଆକୃତି ହୋଇଅଛି କାହିଁକି ? ? ଆପଣ ଚତୁର୍ଭୁଜ ରେ ଏହି ଶଙ୍ଖ, ଚକ୍ର, ଗଦା ଓ ପଦ୍ମ କାହିଁକି ଧାରଣ କରି ଅଛନ୍ତି ? ?'

ବରାହଙ୍କର ମୁଖାଗ୍ରରେ ଶୋଭା ପାଉଥିଲା ଦ୍ୱିତୀୟା ଚନ୍ଦ୍ର ସମାନ ଉଜ୍ଜ୍ୱଳ ଅସ୍ତ୍ର ରୂପେ ଏକ ତୀକ୍ଷଣ ଦନ୍ତ। ସେ କହିଲେ  ହେ ବ୍ରହ୍ମା ! ଏହି ପଦ୍ମ ହେଉଛି ଏକ ପଦ୍ମ କଳ୍ପ ସମୟ। ଏହି ସମୟ ମଧରେ ପୃଥିବୀରେ ଜୀବ ଜଗତର ସୃଷ୍ଟି ହୋଇଥିଲା। ଏବେ ଅନନ୍ତ ଜୀବନ ଭଗବାନ ବିଷ୍ଣୁ ପୁଷ୍କର ଦ୍ୱୀପରେ ବାସ କରୁଛନ୍ତି। ଏହି ପଦ୍ମ ସେହି ଅନନ୍ତ ଜୀବନ ସମୟ ଅଟେ। ଏହି ଗଦା ବା ସ୍ତୁପ( ଉଚ୍ଚତା) ବା ବର୍ତ୍ତମାନ ଶକ୍ତିର ପ୍ରତୀକ ଅଟେ। ଏହି ଶଙ୍ଖ ସତ୍ୟର ସ୍ୱରୂପ ଅଟେ। ଏବଂ ଏହି ଚକ୍ର ଅନନ୍ତ ଗଗନ ସହ ସଂଯୁକ୍ତ ଜୀବନ ଚକ୍ର ଅଟେ। ଏହି ମାନଙ୍କର ସହାୟତାରେ ଐଶ୍ୱରୀୟ ଶକ୍ତି ବଳରେ ମୁଁ ହିରଣକ୍ଷ ଦାନବକୁ ବିନାଶ କରି ଦେବତା ମାନଙ୍କୁ ରକ୍ଷା କରିବି।'

' କିନ୍ତୁ, ହେ ଦିବ୍ୟ ପୁରୁଷ, ଆପଣ ଏପରି ମାନବର ଶରୀର ଏବଂ ବରାହର ଅବୟବ ଧାରଣ କରିଛନ୍ତି କାହିଁକି ?'

' ତାହାର ଉତ୍ତର ପାଇବାକୁ ହେଲେ ହେ, ବ୍ରହ୍ମା, ତୁମକୁ ବର୍ତ୍ତମାନର ସମୟଠାରୁ ଦୀର୍ଘ ଛ କୋଟି ବର୍ଷ ପୂର୍ବକୁ ଫେରି ଯିବାକୁ ପଡ଼ିବ। ତୁମେ ଏବେ ଦୃଢ଼ ଚିତ୍ତ ରେ ଯୋଗାସନରେ ବସି ପ୍ରସ୍ତୁତ ହୋଇଯାଅ। ମୁଁ ତୁମକୁ ସେହି ସମୟକୁ ନେଇଯିବି।'

(କ୍ରମଶଃ)


+ବାଲିଝରି, କାନପୁର, ବଡ଼ମ୍ବା, କଟକ


# ବୃଦ୍ଧ ବାପା, ମା ବୋଝ ନୁହନ୍ତି

## ସମ୍ପର୍କର ରଙ୍ଗ

## ଶ୍ୱେତା ରାଉତ୍



ଅନେକଙ୍କ ପରିବାରରେ ବାପା ମାଆଙ୍କର ତିନି ଚାରୋଟି ପୁଅ ଥାଆନ୍ତି। ଜଣେ ମା ତା'ର ସବୁ ପୁଅଙ୍କୁ ସମାନ ସ୍ନେହଶ୍ରଦ୍ଧା ଦେଇ ବଡ କରେ। ବିବାହ ନହେବା ପର୍ଯ୍ୟନ୍ତ ଭାଇ ଭାଇ ଭିତରେ ମଧୁର ସମ୍ପର୍କ ଥାଏ, ପରସ୍ପର ପ୍ରତି ଅନାବିଳ ଭଲପାଇବା ଥାଏ, ଜଣେ ଅନ୍ୟ ଜଣକୁ ଉପରକୁ ଉଠିବାକୁ ସାହାଯ୍ୟ କରନ୍ତି। ପିଲାମାନଙ୍କର ଏଭଳି ବ୍ୟବହାର ବାପା ମାଆଙ୍କୁ ଖୁବ୍ ଆନନ୍ଦ ଦିଏ। କିନ୍ତୁ ଯେତେବେଳ ପୁଅମାନେ ଭିନ୍ନ ଭିନ୍ନ ସ୍ଥାନ, କୂଳ, ପରିବାରର ଝିଅମାନଙ୍କୁ ବାହାହୋଇ ଘରକୁ ଆଣନ୍ତି, ପିଲାଛୁଆର ସଂସାର କରନ୍ତି, ଧିରେ ଧିରେ ସେମାନଙ୍କ ମନଭିତରେ ଆତ୍ମସ୍ୱାର୍ଥ ଜନ୍ମନିଏ। ଯେଉଁଠି ଭାଇଟିଏ ତା ଅନ୍ୟ ଭାଇମାନଙ୍କୁ ନେଇ ଗୋଟେ ପରିବାର କହୁଥାଏ, ସେଇ ଭାଇ ପୁଣି ଯୌଥ ପରିବାରରେ ରହି ମଧ ନିଜ ସ୍ତ୍ରୀ ପିଲାଙ୍କୁ ସର୍ବସ୍ୱ ଭାବି କେବଳ ନିଜ ସୁଖ ଶାନ୍ତି କଥା ଚିନ୍ତା କରିଥାଏ।ଚାକିରି ଆଳରେ ସ୍ତ୍ରୀ ପିଲାଙ୍କୁ ଧରି ପରିବାରଠୁ ଦୂରରେ ରହିବାକୁ ପସନ୍ଦ କରେ।

ଯଦିବା ସମସ୍ତେ ଏକତ୍ର ରହନ୍ତି କାହାର କାହା ସହିତ ମନ ମିଶୁନଥାଏ ତ କାହାକୁ କାହାର ଆଚାର ବ୍ୟବହାର ଭଲ ଲାଗୁନଥାଏ। ପରସ୍ପର ପ୍ରତି ଆରୋପ ପ୍ରତ୍ୟାରୋପ ସ୍ତ୍ରୀମାନଙ୍କଠୁ ଆରମ୍ଭ ହୋଇ ମିଳିମିଶି ରହୁଥିବା ଭାଇମାନଙ୍କ ମଧ୍ୟରେ ବିବାଦର ରୂପ ନେଇଥାଏ। ସମସ୍ତେ ନିଜକୁ ଠିକ୍ ଓ ଅନ୍ୟକୁ ଭୁଲ୍ ପ୍ରମାଣ କରିବାରେ ଲାଗିପଡନ୍ତି। ମୁରବୀ ହିସାବରେ ଯଦି ବାପା ମାଆ ହସ୍ତକ୍ଷେପ କରନ୍ତି, ସେମାନଙ୍କୁ ମଧ ଅପଦସ୍ତ ହେବାକୁ ପଡେ। ଆଜିକାଲି ବାପା ମାଆଙ୍କ କଥା ମାନିବା ତ ଦୂରର କଥା ପୁଅ ବୋହୂମାନେ ବାପାମାଆଙ୍କ ଦୁଃଖ ଶୁଣିବାକୁ ବି ପ୍ରସ୍ତୁତ ନୁହନ୍ତି। ପିଲାମାନଙ୍କ ଭିତରେ କେବେ ପକ୍ଷପାତ କରିନଥିବା ବାପା ମାଆ, ପୁଅବୋହୂଙ୍କ ପାଇଁ ବୋଝ ପାଲଟି ଯାଆନ୍ତି। ଭାଗ ବଖରାର ପାଳି ଜୀବନ ବଞ୍ଚି ବଞ୍ଚି ଅସହ୍ୟ ହୋଇପଡନ୍ତି, ଭୟରେ କାହାକୁ କିଛି କହି ନପାରି ଧିରେ ଧିରେ ମୁକ ଭଳି ରହିବାକୁ ବାଧ ହୋଇଯାଆନ୍ତି। ଅନ୍ୟାୟ ଦେଖି ମଧ ପାଟି ଖୋଲି କହିବାର ସାହସ ଜୁଟାଇ ପାରନ୍ତିନି। ଜଣଙ୍କୁ ଠିକ୍ ବୋଲି କହିଲେ ଅନ୍ୟ ଜଣଙ୍କ ଆକ୍ରୋଶ ସହିବାକୁ ପଡେ, ଜଣଙ୍କୁ ଶ୍ରଦ୍ଧା କରିଦେଲେ ଅନ୍ୟ ଜଣଙ୍କଠୁ ଭର୍ତ୍ସନା ମିଳେ, ଜଣଙ୍କୁ ଆଦର କରିଦେଲେ ଅନ୍ୟଜଣଙ୍କଠୁ ହତାଦର ମିଳେ। ବୃଦ୍ଧାବସ୍ଥାରେ ଏକପ୍ରକାର ଭୟଭୀତ ଜୀବନ ବଞ୍ଚନ୍ତି ସେମାନେ।

ଆମ ମୁରବୀମାନେ ଆମଠୁ କେବଳ ବୟସରେ ବଡ ନୁହନ୍ତି, ଅଭିଜ୍ଞତାରେ ମଧ ବହୁତ ବଡ। ସେମାନେ ଆମଠୁ ଅଧିକ ଦୁନିଆକୁ ବୁଝନ୍ତି, ଜାଣନ୍ତି ଏବଂ ସମସ୍ତଙ୍କୁ ସମାନ ଆଚରଣ କରନ୍ତି। ପରିବାରରେ ଯଦି କାହାକୁ ଟିକେ ଅଧିକ ଶ୍ରଦ୍ଧା କରିଦେଲେ, ଅନ୍ୟମାନେ ପକ୍ଷପାତ କରୁଛନ୍ତି କହି ଆକ୍ରୋଶମୂଳକ ଭାବେ ଅବ୍ୟବହାର କରିବା ଠିକ୍ ନୁହେଁ। ଶ୍ରଦ୍ଧା କେବେ ମାଗିଲେ ମିଳେନାହିଁ, ଯୋର କରି ଛଡେଇ ନେଇହୁଏନି। ଏସବୁ ତ ସମ୍ବେଦନର କଥା, ଶ୍ରଦ୍ଧା ପାଇବାକୁ ହେଲେ ଶ୍ରଦ୍ଧା ଦେବାକୁ ପଡେ। ଆମକୁ ବି ସେତିକି ଭଲପାଇବା ଦେବା ଦରକାର, ଆମ କର୍ତ୍ତବ୍ୟ ନିସ୍ୱାର୍ଥ ହେବା ଦରକାର, ଆମ ସ୍ନେହ ଅନାବିଳ ହେବା ଦରକାର। ବୃଦ୍ଧାବସ୍ଥାରେ ସେମାନେ ଟିକେ ଆଦର ତ ଚାହାନ୍ତି ! ଯୋଉଠୁ ଆଦର ପାଇଲେ ତାକୁ ହିଁ ଆଦରି ଯାଆନ୍ତି। ଏଥିରେ ପରିବାର ଅନ୍ୟ ସଦସ୍ୟମାନେ ଈର୍ଷା ଅସୂୟା ରଖିବା ଆଦୌ ଉଚିତ୍ ନୁହେଁ।

ଚାଲନ୍ତୁ ସେମାନଙ୍କୁ ଟିକେ ମୁକ୍ତ ଭାବେ ବଞ୍ଚିବାକୁ ଦେବା, ମୁକ୍ତ ଭାବରେ ହସିବାକୁ ଦେବା, ମୁକ୍ତ ଭାବରେ ନିର୍ଣ୍ଣୟ ନେବାକୁ ଦେବା। ଆମକୁ ଦୁନିଆ ଦେଖାଇଥିବା ଆମ ମୁରବୀମାନଙ୍କୁ ମାନସିକ ଭାବେ ବନ୍ଦୀ କରିବା ନାହିଁ। ଆମକୁ ଉଡାଣ ଶିଖାଇଥିବା ଆମ ବାପାମାଆଙ୍କର ଆମେ ଡେଣା କାଟିବା ନାହିଁ। ଜୀବନ ସାରା ଭୋକ ଶୋଷ ଭୁଲି ଆମର ବୋଝ ବୋହିଥିବା ଆମ ବାପାମାଆଙ୍କୁ ଆମେ ବୋଝ ଭାବିବାନାହିଁ। ସେମାନେ ହସିଲେ ଆମ ଦୁନିଆ ହସିବ। ସେମାନଙ୍କ ଆଶୀର୍ବାଦ ଆମର ରକ୍ଷାକବଚ।


+ରାଉତ କମ୍ପ୍ଲେକ୍ସ, କଟକ ରୋଡ, ଲକ୍ଷ୍ମୀସାଗର, ଭୁବନେଶ୍ୱର
ମୋ:୯୪୩୯୭୨୬୦୬୦


## ଆଜିର କବିତା

### ଅତଏବ

### ବିଜୟଲକ୍ଷ୍ମୀ ପାଣିଗ୍ରାହି



ଜହ୍ନରେ ପାଦଥାପିବା ଭଳି ଚାଖଣ୍ଡେ
ଚମତ୍କାରିତା
ଉଚ୍ଚପଦସ୍ଥଙ୍କ ଘରେ କଳା ଟଙ୍କାର
ପାହାଡ଼ ଭଳି
ମେଞ୍ଚାଏ ଘୃଣ୍ୟତା
ଅର୍ଚ୍ଚନା ନାଗଙ୍କ ହନିଟ୍ରାପ ଭଳି
ଫେଡାଏ କଳାଦାଗ
ବିଶ୍ୱକପର ବିଫଳତା ଭଳି
ହତବାକ ହତୋତ୍ସାହିତତା
ଖଣି ଉଦ୍ଧୃତ ଜୀବନମାନଙ୍କର
ଚିରୁଡ଼ାଏ ଅଲିଭା ଅନୁଭୂତି
ବାହାନଗାର ବାହୁନା ଗୀତ ଭଳି
କେରାଏ କାରୁଣ୍ୟ
ରୁଷ ୟୁକ୍ରେନର ଭୟାବହତା ଭଳି
ଅମାପ ଅମାନୁଷିକତା
ଯାହା ହୃଦୟରେ ମନ ମସ୍ତିଷ୍କରେ
ରେଖାପାତ କରିଛି
ଏସବୁକୁ ବାଦ ଦେଲେ
ସମୟ ସୁଅରେ ଯାହା ବହମାନ
ତାକୁ କ'ଣ ବନ୍ଧ ବାନ୍ଧି ହେବ ?
ନା ଅଟକିବ ଡିସେମ୍ବର
ନା ସଜ ରହିଥିବ ଡିସେମ୍ବରି ଫୁଲ।

ଯିବା ଆସିବା ... ଆସିବା ଯିବା
ଭିତରେ
ସେକେଣ୍ଡ କଣ୍ଟା ବି ହାର ମାନେ
ମାଛ ପାଟିର ଶବ୍ଦରେ।

ଶିଖିବାକୁ ଅଛି ଅନେକ
ଶିଖାଇବାକୁ ମଧ
ସମୟ ଆଗକୁ ଯାଉଛି
କି ପୁନଶ୍ଚ ଫେରୁଛି
ଟିକେ ରଙ୍ଗ ବଦଳାଇ
ତା'ହା ତ ଚେତନାର ଏକ ମାନସାଙ୍କ।
ଏବେ ଏମିତି ଲାଗୁଛି
କରୋନାର କଳଙ୍କିତ ଇତିହାସ ପରେ
ଝାଉଁବଣ ସହ ସନ୍ଧି କରି
ଲେଖା ହେଉଛି ଖରାଛାଇର ଉଷ୍ମ କବିତା।
ଆଗାମୀ ଭବିଷ୍ୟତ ହୃଦୟରେ
ଅଙ୍କା ହେଉଛି
ଶ୍ରୀରାମଙ୍କ ସ୍କେଚ୍
ସମ୍ଭାବନାର ରଙ୍ଗ ତୁଳୀରେ...
ମଥାପରେ ଝଟକୁଛି
ଆଧାତ୍ମିକତାର ଚନ୍ଦନ ତିଳକ
ଅତଏବ
ମୁଣ୍ଡର ପଗଡ଼ି କହୁଛି
ଯୁଗ କଡଲେଉଟାଉଛି।


+ଶିକ୍ଷୟିତ୍ରୀ
ଜୟପୁର, କୋରାପୁଟ
ମୋ-୮୨୪୯୪୫୦୦୫୦

# ବର୍ଷ ପ୍ରାରମ୍ଭରୁ ଲୋକଙ୍କ ପାଖରେ ପହଂଚିଲେ ନରସିଂହ: ଗାଁର ବିଭିନ୍ନ ସମସ୍ୟା ଉପରେ ହେଲା ଆଲୋଚନା

ବଲାଙ୍ଗିର, ୦୩/୧ (ନି.ପ୍ର): ବର୍ଷ ପ୍ରାରମ୍ଭରୁ ବଲାଙ୍ଗିର ବିଧାୟକ ନରସିଂହ ମିଶ୍ର ଦେଓଗାଁ ଓ ବଲାଙ୍ଗିର ସଦର ବ୍ଲକର ବିଭିନ୍ନ ଗାଁ ବୁଲି ଲୋକଙ୍କ ସହିତ ତାଙ୍କ ସମସ୍ୟାକୁ ନେଇ ଆଲୋଚନା କରିଥିଲେ । ଏହି କ୍ରମରେ ସେ ଦେଓଗାଁ ବ୍ଲକର ସତିଘାଟ, ଦେଷଣ୍ଡ ବଲାଙ୍ଗିର ବ୍ଲକର ଡଙ୍ଗାଘାଟ, ରାଣୀପାଲି ଗାଁରେ ଛୋଟ ଛୋଟ ଗ୍ରାମସଭା କରି ଲୋକଙ୍କ ଆପତି ଅଭିଯୋଗ ଶୁଣିଥିଲେ । ସତିଘାଟ ଠାରେ ମହିଳାମାନେ ପିଇବା ପାଣି ତଥା ଗାଁ ପୋଖରୀର ପାଣି ଦୂଷିତ ଥିବାର ଅଭିଯୋଗ କରିଥିଲେ । ଆହୁରି ମଧ ସେଠାରେ ବିଜୁଳି, ରାସ୍ତାକୁ ନେଇ ମଧ ଗାଁ ଲୋକେ ତାଙ୍କ ସମସ୍ୟା ଜଣାଇଥିଲେ । ଏ ସବୁକୁ ନେଇ ବ୍ଲକ ଅଧିକାରୀଙ୍କ ସହ ଫୋନ ଯୋଗେ ଏ ସମସ୍ୟା ଗୁଡିକର ସମାଧାନ ଯେପରି ଶିଘ୍ର ହୋଇପାରିବ ସେ ଉପରେ ତୁରନ୍ତ ପଦକ୍ଷେପ ନେବାକୁ ବିଧାୟକ ଶ୍ରୀ ମିଶ୍ର ନିର୍ଦ୍ଦେଶ ଦେଇଥିଲେ । ତା ସହ ସେ ଏହା ମଧ କହିଥିଲେ ଯେ, ଗାଁ ଲୋକେ ପ୍ରତ୍ୟେକ ସମସ୍ୟାକୁ ନେଇ ତାଙ୍କ ସହ ଯୋଗାଯୋଗ ରଖନ୍ତୁ ଏପରି ହେଲେ ସମସ୍ୟା ଗୁଡିକର ସମାଧାନ ତ୍ୱରିତ ହୋଇପାରିବ । ପରେ ବଲାଙ୍ଗିର ବ୍ଲକ ଅନ୍ତର୍ଗତ ଡଙ୍ଗାଘାଟ ଠାରେ ଆୟୋଜିତ ଭାଗବତ ସଭାରେ ବିଧାୟକ ଶ୍ରୀ ମିଶ୍ର ଯୋଗଦାନ କରିବା ସହ ସେଠାକାର ଉପସ୍ଥିତ ଲୋକଙ୍କୁ ନୂଆବର୍ଷର ଶୁଭେଚ୍ଛା ଜଣାଇଥିଲେ । ସେଠାରେ ମଧ ଅଂଚଳର ବିଭିନ୍ନ ସମସ୍ୟା ଉପରେ ଆଲୋଚନା ହୋଇଥିଲା । ପରେ ପରେ ରାଣୀପାଲି ଠାରେ ଆୟୋଜିତ ଏକ ସଭାରେ ବର୍ତମାନ ରାଜନୀତି ପରିସ୍ଥିତିକୁ ନେଇ ଲୋକଙ୍କୁ ଏକତାବଦ୍ଧ ହେବାକୁ କହିଥିଲେ । ଲୋକେ ଯେତେ ଏକତ୍ରିତ ହୋଇ ନିଜ ହକ୍ ପାଇଁ ଲଢେଇ କରିବେ ଅଂଚଳର ବିକାଶ ସେତେ ଦୃତ ବେଗରେ ହେବ ବୋଲି ବିଧାୟକ ଶ୍ରୀ ମିଶ୍ର କହିଥିଲେ । ସନ୍ଧ୍ୟାରେ ଦେଷଣ୍ଡ ଠାରେ ସ୍ଥାନୀୟ ନେତୃମଣ୍ଡଳିଙ୍କ ସହ ଚାନ୍ଦଲି ପାହାଡକୁ ଏକ ଉଚ୍ଚକୋଟିର ପର୍ଯ୍ୟଟନସ୍ଥଳିର ରୂପରେଖ ଦେବା ପାଇଁ ଆଲୋଚନା ହୋଇଥିଲା । ସେଠାକୁ ଆସିଥିବା ଅନୁଦାନର ସଠିକ୍ ପରିଚାଳନା ସହ ଆଗାମୀ ଦିନରେ ସେଠାକୁ ଆହୁରି କିପରି ଅଧିକ ଅନୁଦାନ ଅଣାଯିବ ଏବଂ ଏହି ପର୍ଯ୍ୟଟନସ୍ଥଳିକୁ ଜିଲ୍ଲାରେ ଏକ ପ୍ରମୁଖ ପର୍ଯ୍ୟଟନ ସ୍ଥଳିରେ ପରିଣତ କରାଯିବ ସେ ଉପରେ ଆଲୋଚନା ହୋଇଥିଲା ।

ଏହି କାର୍ଯ୍ୟକ୍ରମ ମାନଙ୍କରେ ବିଡିସିସି ବ୍ୟାଙ୍କ ସଭାପତି ସ୍ମାରକ ରଂଜନ ମିଶ୍ର, ବ୍ଲକ କଂଗ୍ରେସ ସଭାପତି ରାମଜୀ ଚୌଧୁରୀ, ସେବାଦଳ ମୁଖ୍ୟ ଅସିତ ମିଶ୍ର, ଲୋକନାଥ କୁମୁରା, ସଂକିର୍ତନ ବାଗ, ଯୋଗେଶ୍ୱର ସାହୁ, ବୃଷଭ ସାହୁ, ନୟନ ମିର୍ଦ୍ଧା, ରାଏଧର ଗଡତ୍ୟା, ଜଳିନ୍ଦ୍ର କଳେତ, ସରପଂଚ ଯଶୋଦା ମେହେର, ଭକ୍ତ ଧରୁଆ, ଦିନ ମେହେର, ବିରଂଚି ଧରୁଆ, ଯଶୋବନ୍ତୀ ବଘାର, ସୁଶିଲ ମହାକୁର, ଲୁଠା ମନହିରା ପ୍ରମୁଖ ଉପସ୍ଥିତ ଥିଲେ ।

## ବିଦ୍ୟାଳୟରେ ଚୋରି: ଥାନାରେ ଅଭିଯୋଗ

ଜୟପୁର, ୦୩/୧ (ନି.ପ୍ର): ଜୟପୁର ସହରର ହରିଜନ ସାହି ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଚୋରି ହୋଇଛି । ଏନେଇ ଜୟପୁର ଟାଉନ ଥାନାରେ ବିଦ୍ୟାଳୟ ତରଫରୁ ମଙ୍ଗଳବାର ଅଭିଯୋଗ କରାଯାଇଛି । ବିଦ୍ୟାଳୟର ପ୍ରଧାନଶିକ୍ଷୟତ୍ରୀ ଅନିମା ମିଶ୍ର ଅଭିଯୋଗ କରିଛନ୍ତି ଯେ, ଏକ୍ସ ମାସ ଛୁଟି ସମୟରେ ବିଦ୍ୟାଳୟ ବନ୍ଦ ଥିଲା । ଏହି ସମୟରେ ବିଦ୍ୟାଳୟର ଏକ ଶ୍ରେଣୀ କକ୍ଷରେ ଦୁର୍ବୃତ ମାନେ ତାଲା ଭାଙ୍ଗି ଚୋରି କରି ନେଇଛନ୍ତି । ଆଜି ବିଦ୍ୟାଳୟ ଖୋଲା ହୋଇଥିଲା । ତାଲା ଖୋଲି ଦେଖିବା ବେଳେ ଲୁହା କବାଟର ତାଲା ଭାଙ୍ଗି ଦୁର୍ବୃତ ମାନେ କମ୍ପୁଟର, ଚୌକି, ଟେବୁଲ, ଷ୍ଟିଲ ଫ୍ରେମ, ପୁରୁଣା ନଥିପତ୍ର ସହ ବିଭିନ୍ନ ସରଞ୍ଜାମ ଚୋରି କରିଥିବା ଜଣାପଡିଥିଲା। ଏନେଇ ଥାନାରେ ଲିଖିତ ଅଭିଯୋଗ ହୋଇଛି । ଅଭିଯୋଗକୁ ଗୁରୁତ୍ୱର ସହ ନେଇ ଜୟପୁର ଟାଉନ ପୋଲିସ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି ।

# ଟିପିଡବ୍ଲ୍ୟୁଓଡିଏଲ୍ ପକ୍ଷରୁ ଜାନୁୟାରୀ ମାସର ବିବାଦୀୟ ବିଦ୍ୟୁତ ବିଲ ସମାଧାନ ପାଇଁ ବିଶେଷ ଅଭିଯାନ

ବଲାଙ୍ଗିର, ୦୩/୧ (ନି.ପ୍ର): ଟିପିଡବ୍ଲୁଓଡିଏଲ୍ ତରଫରୁ ଚଳିତ ବର୍ଷ ଜାନୁୟାରୀ ମାସର ବଲାଙ୍ଗିର ଏବଂ ସୋନପୁର ଜିଲ୍ଲାର ବିଭିନ୍ନ ଅଂଚଳର ବିଦ୍ୟୁତ ଉପରଭୋକ୍ତାଙ୍କ ସୁବିଧା ଦୃଷ୍ଟିରୁ ବିବାଦୀୟ ବିଦ୍ୟୁତ ବିଲ ର ସମାଧାନ ପାଇଁ ବିଶେଷ ଅଭିଯୋଗ ପ୍ରତିବିଧାନ ପୀଠର ଆୟାଜନ କରାଯାଉଅଛି । ବଲାଙ୍ଗିର ଜିଲ୍ଲାର ଖପ୍ରାଖୋଲ ଏବଂ ଧାଣ୍ଡମୁଣ୍ଡା ଠାରେ ଆସନ୍ତା ୪ ତାରିଖ ଦିନ, ଅଗଲପୁର ଓ ଭାରସୁଜା ଠାରେ ୯ ତାରିଖ ଦିନ, ଟିଟିଲାଗଡ଼ ଡିଭିଜନ ଅନ୍ତର୍ଗତ ବଙ୍ଗୋମୁଣ୍ଡା ଓ ଭାଲୁ ମୁଣ୍ଡା ଠାରେ ୧୦ ତାରିଖ ଦିନ, ବେଲଗାଁ ଓ ସଇଁନ୍ତଲା ଠାରେ ୧୭ ତାରିଖ ଦିନ ଅଭିଯୋଗ ପ୍ରତିବିଧାନ ପୀଠର ଆୟାଜନ କରାଯାଉଅଛି । ସେହିପରି ବଲାଙ୍ଗୀର ଟାଉନ୍ ସେକ୍ସନ-୩ ଠାରେ ୧୨ ତାରିଖ ଦିନ ଏବଂ ବାରପଡ୍ଡଗିଆ ଓ ଚୁଡ଼ାପାଲି ଠାରେ ୨୦ ତାରିଖ ଦିନ ଅଭିଯୋଗ ପ୍ରତିବିଧାନ ପୀଠର ଆୟାଜନ କରାଯାଉଅଛି । ସେହିପରି ସୋନପୁର ଜିଲ୍ଲାର ଭଇଁବାହାଲି ଏବ୍‌ଂ ଚେରୁପାଲ୍ଲୀ ଠାରେ ୫ ତାରିଖ ଦିନ ଏବଂ ଉଲୁଣ୍ଡାଏବଂ କୋଟ ସମଲେଇ ଠାରେ ୧୯ ତାରିଖ ଦିନ ଅଭିଯୋଗ ପ୍ରତିବିଧାନ ପୀଠର ଆୟାଜନ ହେବ। ଏଣୁ ସମସ୍ତ ବିଦ୍ୟୁତ୍ ଉପଭୋକ୍ତା ମାନଙ୍କୁ ଅନୁରୋଧ ସେମାନେ ନିମ୍ନଲିଖିତ ଅନୁଯାୟୀ ନିଜ ଅଂଚଳରେ ଉପସ୍ଥିତି ରହି ନିଜର ଅଭିଯୋଗ ପଞ୍ଜିକୃତ ତଥା ସମାଧାନ କରିପାରିବେ ବୋଲି ମୁଖ୍ୟ କର୍ପୋରେଟ ଯୋଗାଯୋଗ ଏବଂ ସରକାରୀ ସମ୍ପର୍କ ଟାଟା ପାୱାର କର୍ପୋରେସନ ବୁର୍ଲା ତରଫରୁ ସୂଚନା ଦିଆଯାଇଛି।

# ସ୍ୱଦେଶ ଯୋଜନାରେ ସାମିଲ ଦୁଇ କ୍ଷେତ୍ର ପାଇଁ ବିଧାୟକଙ୍କ କୃତଜ୍ଞତା

ସମ୍ବଲପୁର , ୦୩/୧ (ନି.ପ୍ର): ଡେବ୍ରିଗଡ ଓ ବୀର ସୁରେନ୍ଦ୍ର ସାଏ ଙ୍କ ଜନ୍ମଭୂମି ଖିଣ୍ଡା କୁ ସ୍ୱଦେଶ ଦର୍ଶନ ଯୋଜନା ରେ ସାମିଲ କରିଥିବାରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ ଧନ୍ୟବାଦ ସହ କୃତଜ୍ଞତା ଜଣାଇଛନ୍ତି ରେଙ୍ଗାଲି ବିଧାୟକ ନାଉରୀ ନାଏକ । କ୍ଷେତ୍ରୀୟ ଗଣମାଧ୍ୟମ ସଂଯୋଜକ ମାନସ ରଞ୍ଜନ ବକ୍ସିଙ୍କ ଜରିଆରେ ଦେଇଥିବା ପ୍ରେସ ବିବୃତ୍ତି ରେ ଶ୍ରୀ ନାୟକ କହିଛନ୍ତି ଯେ'' ବୀର ସୁରେନ୍ଦ୍ର ସାଏଙ୍କ ଜନ୍ମସ୍ଥାନ ପବିତ୍ର ଖିଣ୍ଡା ମାଟି କୁ ସ୍ୱାଧୀନତା ର ପୁଣ୍ୟ ପବିତ୍ର ତୀର୍ଥକ୍ଷେତ୍ର ହିସାବ ରେ ଗଢି ତୋଳିବା ର ମୋର ବହୁତ ଦିନ ର ସ୍ୱପ୍ନ ସାକାର ହେବାକୁ ଯାଉଛି ।

# କଲେକ୍ଟୋରେଟ୍ ଷ୍ଟାଫ୍ କମିଟିର ବାର୍ଷିକ ଉତ୍ସବ ପାଳିତ

କେନ୍ଦ୍ରାପଡ଼ା, ୦୩/୧ (ନି.ପ୍ର): ସ୍ଥାନୀୟ ସଂସ୍କୃତି ଭବନଠାରେ କଲେକ୍ଟୋରେଟ୍ ଷ୍ଟାଫ୍ କମିଟି ପକ୍ଷରୁ ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି । ଏହି ଉତ୍ସବକୁ ଆନୁଷ୍ଠାନିକଭାବେ ଉଦ୍‌ଘାଟନ କରିଥିଲେ ଜିଲ୍ଲାପାଳ ଅମ୍ରିତ୍ ଋତୁରାଜ। କଲେକ୍ଟୋରେଟ୍ ଷ୍ଟାଫ୍ କମିଟିର ସଭାପତି ଦିବାକର ମହାନ୍ତିଙ୍କ ସଭାପତିତ୍ୱରେ ଆୟୋଜିତ ଏହି ଉତ୍ସବରେ ଅତିରିକ୍ତ ଜିଲ୍ଲାପାଳ(ରାଜସ୍ୱ) ଶ୍ରୀ ନିଲୁ ମହାପାତ୍ର, ଅତିରିକ୍ତ ଜିଲ୍ଲାପାଳ(ସାଧାରଣ) ପୀତାମ୍ବର ସାମଲ, କେନ୍ଦ୍ରାପଡ଼ା ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ରାଜେନ୍ଦ୍ର କୁମାର ପଣ୍ଡା, ଉପଜିଲ୍ଲାପାଳ ରବିନ୍ଦ୍ର କୁମାର ପ୍ରଧାନ, ପୂର୍ବତନ ଉପଜିଲ୍ଲାପାଳ ନିରଞ୍ଜନ ବେହେରା, ସମସ୍ତ ବ୍ଲକ୍‌ର ବିଡିଓ, ତହସିଲ୍‌ଦାର, ସିଡିପିଓ, ଜିଲ୍ଲାସ୍ତରୀୟ ଅଧିକାରୀ, ବିଭିନ୍ନ ଲାଇନ୍ ଡିପାର୍ଟମେଂଟ୍‌ର ଅଧିକାରୀ, ବିଭିନ୍ନ ଗଣମାଧ୍ୟମର ପ୍ରତିନିଧି ଉପସ୍ଥିତ ଥିଲେ। ସୁକାନ୍ତ କୁମାର ଜେନା, ପ୍ରଦୀପ କୁମାର ଦାସ, ସୌଭାଗ୍ୟ ରଞ୍ଜନ ଦାସ, ଚିତରଞ୍ଜନ ବେହେରା, ଦିଲିପ କୁମାର ଖଟୁଆ, ରୁଦ୍ର ପ୍ରସାଦ ସାହୁ, ଉମେଶ ଚନ୍ଦ୍ର ବେହେରା, ପୂର୍ବତନ ସାଧାରଣ ସମ୍ପାଦକ ପ୍ରସନ୍ନ କୁମାର ମହାନ୍ତି ଏହି କାର୍ଯ୍ୟକ୍ରମକୁ ସଫଳ କରାଇବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥଲେ। କାର୍ଯ୍ୟକ୍ରମ ଶେଷରେ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ଅନୁଷ୍ଠାନର ସାଧାରଣ ସମ୍ପାଦକ ଶୈଳେନ୍ଦ୍ର ନାରାୟଣ ପ୍ରଧାନ। ଏହି ଅବସରରେ ଗୋକୁଳ ଚନ୍ଦ୍ର ସଙ୍ଗୀତ ସଦନ ଓ ନ୍ୟୁ ଷ୍ଟାର ଏକାଡେମିର କଳାକାରମାନେ ନୃତ୍ୟ ପରିବେଷଣ କରିଥିବା ବେଳେ ଭାବଗ୍ରାହୀ କଳାନିକେତନର କଳାକାରମାନେ ସଙ୍ଗୀତ ପରିବେଷଣ କରିଥିଲେ। କଲେକ୍ଟୋରେଟ୍‌ରେ କାର୍ଯ୍ୟରତ କର୍ମଚାରୀମାନଙ୍କ ଦ୍ୱାରା ମଂଚସ୍ଥ ହୋଇଥିଲା ନାଟକ 'ଶେଷ ଠିକଣା।' ଯେଉଁ ପିତାମାତାଙ୍କୁ ଜୀବନ୍ତ ଈଶ୍ୱରଭାବେ ପୂଜା କରାଯାଏ, ସେ ସମ୍ପ୍ରତି ଅଲୋଡ଼ା ଶିକ୍ଷିତ ପୁଅ ବୋହୂଙ୍କ ପାଖରେ। ତାଙ୍କର ଠିକଣା କେବେ ଜରାଶ୍ରମ ତ କେବେ ବଡ଼ଦାଣ୍ଡ। ଉଗ୍ର ଆଧୁନିକତାର ଅଳନ୍ଧୁ ଭିତରେ କିପରି ହଜିଯାଉଛି ମଣିଷପଣିଆ, ବନ୍ଧା ପଡୁଛି ମାନବିକତା; ତାକୁ ନେଇ ଗତିଶୀଳ ହୁଏ ନାଟକ 'ଶେଷ ଠିକଣା'। ମାତ୍ର ଜୀବନର ତିକ୍ତ ଅନୁଭୂତି ହିଁ ପରିଶେଷରେ ଦର୍ଶାଇ ଦେଇଛି ବାସ୍ତବରେ କେଉଁଠି ଆମର 'ଶେଷ ଠିକଣା' ତ ନାଟକରେ ପଡ଼ିଥିଲା ଯବନିକା। ଏହି ନାଟକରେ ପ୍ରଦ୍ୟୁମ୍ନ କୁମାର ଜେନା ନିର୍ଦ୍ଦେଶନା ଦେଇଥିବା ବେଳେ ସଂଳାପରେ ସଞ୍ଜୟ କୁମାର ମଲ୍ଲିକ, କାହାଣୀ ଦିବ୍ୟ ରଞ୍ଜନ ବେହେରା ଓ ସହଯୋଗିତାରେ ଥିଲେ ନରେନ୍ଦ୍ରନାଥ ସୋରେନ। ପରିଶେଷରେ ଜିଲ୍ଲା କାର୍ଯ୍ୟାଳୟରେ ହୋଇଥିବା ବନ୍ଧୁତ୍ୱପୂର୍ଣ୍ଣ କ୍ରିକେଟ୍ ଟୁର୍ଣ୍ଣାମେଂଟ୍‌ର ବିଜୟୀ ଓ ରନର୍ସଅପ୍ ଦଳକୁ ଟ୍ରଫି ଓ ମାନପତ୍ର ପ୍ରଦାନ କରାଯାଇଥିବା ବେଳେ ମ୍ୟୁଜିକ୍ ଚେୟାର୍ ପ୍ରତିଯୋଗିତାର ପ୍ରଥମ, ଦ୍ୱିତୀୟ ଓ ତୃତୀୟ କୃତୀ କର୍ମଚାରୀଙ୍କୁ ଜିଲ୍ଲାପାଳ ଶ୍ରୀ ଅମ୍ରିତ୍ ଋତୁରାଜ୍ ପୁରସ୍କୃତ କରିଥିଲେ।

# ଚଉଠିଆ ବରିଷ୍ଠ ନାଗରିକ ମଂଚର ପ୍ରତିଷ୍ଠା ଦିବସ ଓ ବନ୍ଧୁ ମିଳନ

ଚମ୍ପୁଆ, ୦୩/୧ (ନି.ପ୍ର): ଚମ୍ପୁଆ ଉପଖଣ୍ଡ ଝୁମ୍ପୁରା ବ୍ଲକ ଚଉଠିଆ ପଂଚାୟତ ଅନ୍ତର୍ଗତ ମଣନ୍ଦା ଗ୍ରାମ ଅରଡେଇ ନଦୀ କୂଳ ଠାରେ ଚଉଠିଆ ବରିଷ୍ଠ ନାଗରିକ ମଂଚର ପ୍ରତିଷ୍ଠା ଦିବସ ପାଳନ ସହିତ ବନ୍ଧୁ ମିଳନ ଅନୁଷ୍ଠିତ ହୋଇଯାଇଛି। ନାଗରିକ ମଂଚର ସଭାପତି ଜନାର୍ଦ୍ଦନ ନାୟକଙ୍କ ସଭାପତିତ୍ୱ ରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବେ ରାଜ୍ୟପାଳ ଓ ରାଷ୍ଟ୍ରପତି ପୁରସ୍କାର ପ୍ରାପ୍ତ ଅବସରପ୍ରାପ୍ତ ଶିକ୍ଷକ ଗୋବର୍ଦ୍ଧନ ମହାନ୍ତ, ସମ୍ମାନିତ ଅତିଥି ଭାବେ ଅବସରପ୍ରାପ୍ତ ଶିକ୍ଷାବିତ ଡ଼କ୍ଟର ପଦ୍ମଲୋଚନ ମହାନ୍ତ, ସର୍ବ ଭାରତୀୟ ଓଡ଼ିଆ ସମାଜ ର ସଂଗଠକ ସୁଭାଷ ଚନ୍ଦ୍ର ବେହେରା, ସାହିତ୍ୟିକ, କବି ରାସେଶ୍ୱର ମହାନ୍ତ, କଳାକାର ମହାନ୍ତ, ସମାଜସେବୀ କୈଳାସ ଚନ୍ଦ୍ର ତନ୍ତୀ, ଲେଖକ ଶ୍ରୀ ଡମ୍ବରୁ ମହାନ୍ତ, ଶ୍ରୀନିବାସ ଗିରି, ଅବସରପ୍ରାପ୍ତ ଶିକ୍ଷକ ଦିବାକର ମହାନ୍ତ, ଲକ୍ଷ୍ମୀଧର ମହାନ୍ତ, ଗୋପୀନାଥ ମହାନ୍ତ ପ୍ରମୁଖ ଯୋଗ ଦେଇଥିଲେ। ବରିଷ୍ଠ ନାଗରିକ ମାନେ ହେଉଛନ୍ତି ସମାଜର ସମ୍ପଦ, ତାଙ୍କ ଦିଗଦର୍ଶନରେ ଗ୍ରାମ ତଥା ଅଂଚଳର ପ୍ରମୁଖ ସମସ୍ୟାର ସମାଧାନ ହେବା ସହିତ ଏକତା ଦ୍ୱାରା ସବୁ ସମାଧାନ ସମ୍ଭବ ବୋଲି ମତ ପ୍ରକାଶ ପାଇଥିଲା। ନାଗରିକ ମଂଚ ସମ୍ପାଦକ କାଶୀନାଥ ମହାନ୍ତ ସମସ୍ତଙ୍କୁ ସ୍ୱାଗତ କରି ବାର୍ଷିକ ବିବରଣୀ ପାଠ କରିଥିଲେ। ଦିବଂଗତ ସଦସ୍ୟମାନଙ୍କ ଉଦ୍ଦେଶ୍ୟ ରେ ସମୂହ ନିରବ ପ୍ରାର୍ଥନା କରି ଥିବାବେଳେ ଉପସ୍ଥିତ ସମସ୍ତ ସଦସ୍ୟ ପରିଚୟ ପ୍ରଦାନ କରିଥିଲେ। ଅନ୍ୟତମ ସଦସ୍ୟ ଖଗେଶ୍ୱର ମହାନ୍ତ, ନଗେନ୍ଦ୍ର ପ୍ରଧାନ, ସୋମନାଥ ମହାନ୍ତ, ଲଳିତ ମୋହନ ମହାନ୍ତ, ନରତୋମ ମହାନ୍ତ, ଡମ୍ବରୁଧର ମହାନ୍ତ, ଗୌରହରି ଗିରି, ଅନନ୍ତ ଚରଣ ମହାନ୍ତ, କାଳିଚରଣ ମହାନ୍ତ ପ୍ରମୁଖ ବକ୍ତବ୍ୟ ରଖି ଦିଗ ଦର୍ଶନ ଦେଇଥିଲେ। ଏହି ଅବସରରେ ସର୍ବ ଭାରତୀୟ ଓଡ଼ିଆ ସମାଜ ତରଫରୁ ଓଡ଼ିଆ ସଂଗଠକ ସୁଭାଷ ବେହେରା ସୌଜନ୍ୟ ତଥା ମଂଚାସିନ ଅତିଥି ମାନେ ରାଷ୍ଟ୍ରପତି ପୁରସ୍କାର ପ୍ରାପ୍ତ ଶିକ୍ଷକ ଗୋବର୍ଦ୍ଧନ ମହାନ୍ତଙ୍କୁ ମାନପତ୍ର ଉପଢୌକନ ଦେଇ ସମ୍ମାନିତ କରିଥିଲେ। କାର୍ଯ୍ୟକ୍ରମରେ ଶତାଧିକ ବରିଷ୍ଠ ନାଗରିକ ଉପସ୍ଥିତ ଥିଲେ।

# ଠାକୁର ଅନୁକୂଳଚନ୍ଦ୍ରଙ୍କ ୧୦୨ତମ ଆଗମନ ସମାବେଶ ୧୪ରେ

ପୁରୀ, ୦୩/୧ (ନି.ପ୍ର): ଶ୍ରୀ ଶ୍ରୀ ଠାକୁର ଅନୁକୂଳ ଚନ୍ଦ୍ରଙ୍କର ପୂଣ୍ୟ ଉତ୍କଳ ଆଗମନର ୧୦୨ ତମ ଶୁଭ ମହୋତ୍ସବ ଚଳିତ ମାସ ୧୪ ତାରିଖରେ ଅନୁଷ୍ଠିତ ହେବ। ଜାନୁଆରୀ ୧୪ ତାରିଖରେ ତାଳବଣିଆ ସ୍ପୋର୍ଟ୍ସ କମ୍ପ୍ଲେକ୍ସ ଠାରେ ଏହାକୁ ଭବ୍ୟ ଭାବେ ଆୟୋଜନ କରିବାକୁ ଉତ୍କଳ ଆଗମନୀ ସ୍ମୃତି ଉତ୍ସବ କମିଟି ନିଷ୍ପତି ନେଇଛି। ଏହାକୁ ଶୃଙ୍ଖଳିତ ଭାବେ ଆୟୋଜନ କରିବାକୁ ସ୍ମୃତି ଉତ୍ସବ କମିଟି ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଛି ବୋଲି ପ୍ରତି ଋତିକ ତଥା ଦେଓଘର ସତସଙ୍ଗର ସହ ସମ୍ପାଦକ ଡଃ. ବିନାୟକ ମହାପାତ୍ର ସୂଚନା ଦେଇଛନ୍ତି। ଏ ସମ୍ପର୍କରେ ଆଜି ପୂର୍ବାହ୍ନରେ ପୁରୀ ସତସଙ୍ଗ ଠାକୁର ବାଡ଼ି ପରିସରରେ ଗଣମାଧ୍ୟମ ପ୍ରତିନିଧିମାନଙ୍କୁ ନେଇ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ସୂଚନା ଦେଇ ଉତ୍ସବ କମିଟିର ଯୁଗ୍ମ ସମ୍ପାଦକ ନିରଞ୍ଜନ ବେହେରା ବିଭିନ୍ନ ସ୍ଥାନରୁ ଆସୁଥିବା ହଜାର ହଜାର ଶ୍ରଦ୍ଧାଳୁ ମାନେ ଯେପରି ଉତ୍ସବ ସ୍ଥଳରେ ସୁନ୍ଦର ଓ ଶୃଙ୍ଖଳିତ ଦର୍ଶନ ସହ କାର୍ଯ୍ୟକ୍ରମକୁ ଶ୍ରଦ୍ଧାର ସହ ଉପଭୋଗ କରିବା ପାଇଁ ସମସ୍ତ ବ୍ୟବସ୍ଥା କରାଯାଉଛି ବୋଲି କହିଥିଲେ। ତିନୋଟି ଷ୍ଟେଜ ମାଧ୍ୟମରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ୧୪ ତାରିଖ ବ୍ରାହ୍ମମୁହୂର୍ତେ ବେଦ ମାଙ୍ଗଳିକୀ ଓ ନହବତ, ପ୍ରତ୍ୟୁଷରେ ଉଷାକିର୍ତନରୁ କାର୍ଯ୍ୟକ୍ରମ ଆରମ୍ଭ ହେବ ବୋଲି କହିଥିଲେ। ସକାଳ ୬ଟା ୨୨ ମିନିଟରୁ ଉଷାବିନତି, ଦର୍ଶନ, ପ୍ରଣାମ ଓ ପରେ ପୂଣ୍ୟ ଉତ୍ସବର ଶୁଭ ଉଦଘାଟନ କରାଯିବ। ୮ଟା ୩୦ ରେ ଶ୍ରୀ ବିଗ୍ରହ ଶୋଭାଯାତ୍ରା, ସଂଗୀତାଞ୍ଜଳି ଓ ନୃତ୍ୟ ଗୀତ ଓ ସାଂସ୍କୃତିକ କାର୍ଯ୍ୟକ୍ରମ, ଦିନ ୧୧ଟା ରେ ସାଧାରଣ ସଭା, ଅପରାହ୍ନ ୧୨ଟା ୩୦ରୁ ସ୍ୱ ଅନୁଭୂତିର ଗଳ୍ପ, ଅପରାହ୍ନ ୨ଟା ରେ ଚିକିତ୍ସକ ସମ୍ମିଳନୀ, ୩ଟା ୩୦ ମିନିଟରେ ମାତୃ ସମ୍ମିଳନୀ, ସଂଧ୍ୟା ୫ଟା ୨୩ ରେ ସଂଧ୍ୟା ବିନତି, ପ୍ରଣାମ, ଗ୍ରନ୍ଥ ପାଠ, ୭ଟା ରେ ସତସଙ୍ଗ, ସଦାଲୋଚନା ଏବଂ ରାତ୍ର ୮ଟା ୩୦ ମିନିଟରେ ଆକାଶଦୀପ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ ବୋଲି ସୂଚନା ଦେଇଥିଲେ। ଏହି ବୈଠକରେ ଅନ୍ୟ ମାନଙ୍କ ମଧ୍ୟରେ ସହ ସମ୍ପାଦକ ଡଃ. ନନ୍ଦ କିଶୋର ପ୍ରଧାନ, ଅରୁଣ କୁମାର ସାହୁ, ସମିର ରଞ୍ଜନ ବେହେରା, ନଟବର ଓଝା, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ପ୍ରମୁଖ ଯୋଗଦେଇ ବିବିଧ ସୂଚନା ପ୍ରଦାନ କରିଥିଲେ । ୧୯୨୩ ଜାନୁଆରୀ ୨ ତାରିଖରେ ଶ୍ରୀ ଶ୍ରୀ ଠାକୁର ଅନୁକୂଳ ଚନ୍ଦ୍ର ପୁରୀ ଧାମରେ ପଦାର୍ପଣ କରିଥିଲେ। ସେହି ସ୍ମୃତି ଆଧାରରେ ଆଜି ଠାକୁର ବାଡ଼ିରେ ଅସହାୟ ଲୋକ ମାନଙ୍କୁ କମ୍ବଳ ଓ ମିଷ୍ଟାନ୍ନ ବଂଟନ କରାଯାଇଥିଲା।

## ମଣ୍ଡିରେ ସମୀକ୍ଷା କଲେ ଉପ ଜିଲ୍ଲାପାଳ

ଜୟପୁର, ୦୩/୧ (ନି.ପ୍ର): ମଣ୍ଡିରେ ଧାନ କ୍ରୟ କିପରି ଚାଲିଛି ସେନେଇ ମଙ୍ଗଳବାର ସମିକ୍ଷା କରିଛନ୍ତି ଜୟପୁର ଉପ ଜିଲାପାଳ ପ୍ରଭାତ କୁମାର ପରିଡ଼ା । ଜୟପୁର ଆରଏମସି ୟାର୍ଡରେ ଧାନ ମଣ୍ଡି ଚାଲିଥିବା ସମୟରେ ଉପ ଜିଲାପାଳ ଶ୍ରୀ ପରିଡ଼ା ପହଂଚି ଚାଷି ଓ କ୍ରୟ କାରି ସଂସ୍ଥା ସହ ଆଲୋଚନା କରିଛନ୍ତି । ମଣ୍ଡିରେ ଚାଷି ଯେପରି ସମସ୍ୟାରେ ନପଡିବେ ସେନେଇ ସମିକ୍ଷା କରିଥିବା ଜଣାଯାଇଛି । ଉପ ଜିଲାପାଳଙ୍କ ସହ ସହକାରି ଯୋଗାଣ ଅଧିକାରି ସୁଶିଳ କୁମାର ଜେନା ଉପସ୍ଥିତ ଥିଲେ ।

# ହାତ ଛାଡ଼ିଦେଲା ପୁଅ: ରୋଗିଣା ପତ୍ନୀଙ୍କୁ ଧରି ଦହଗଞ୍ଜ ହେଉଛନ୍ତି ଭରତ



କେନ୍ଦୁଝର, ୦୩/୧ (ନି.ପ୍ର): କେତେ ପୂଜାପାଠ କରି ପୁଅଟିଏ ପାଇଥିଲେ ! ଭାବିଥିଲେ ବାର୍ଦ୍ଧକ୍ୟ ବେଳେ ଆଶ୍ରାବାଡ଼ି ହେବ। ହେଲେ ଯୌବନରେ ପଦାର୍ପଣ କରୁ କରୁ ଠକିଦେଲା ପୁଅ। ହାତ ଧରିବା ପରିବର୍ତ୍ତେ ହାତ ଛାଡ଼ି ଦେଲା। ଘରୁ ବାହାର କରିଦେଲା। କିଛି ଉପାୟ ନପାଇ ବାର୍ଦ୍ଧକ୍ୟରେ ରୋଗୀଣା ପତ୍ନୀଙ୍କୁ ଧରି ଘରୁ ବାହାରି ଆସିଲେ ଭରତ ନାଏକ। ଏବେ ଝାଟିମାଟିର ଘର ଭିତରେ ନାନା ଦହଗଞ୍ଜ ହେଉଛନ୍ତି। ଗୋରୁ ଚରାଇ ଯାହା ରୋଜଗାର କରୁଛନ୍ତି, ସେଥିରେ ଚଳୁଛନ୍ତି। ହେଲେ ପତ୍ନୀଙ୍କ ଚିକିତ୍ସା କରିପାରୁ ନାହାନ୍ତି। ହୃଦୟକୁ ଦୋହଲାଇ ଦେଲା ପରି ଖବର ଖଣି ଖାଦାନ ଭରା କେନ୍ଦୁଝରରୁ ଆସିଛି। ପାଟଣା ବ୍ଲକ୍ କେନ୍ଦେଇପଶି ପଞ୍ଚାୟତ ସିଳିଦା ଗାଁର ଭରତ ନାଏକ। ପରିବାର କହିଲେ ଏକମାତ୍ର ପୁଅ ଓ ପତ୍ନୀ ଅହଲ୍ୟା ନାଏକ। ନିଜର ଜମିବାଡ଼ି ବୋଲି କିଛି ନଥିବାରୁ କାମଦାମ କରି ଯାହା ରୋଜଗାର କରନ୍ତି, ସେଥିରେ ଦୁଃଖ କଷ୍ଟରେ ଚଳୁଥିଲା ପୂରା ପରିବାର। ସମୟ ଚକରେ ସଂସାର ରଥଗଡ଼ି ଚାଲୁଥିଲା। ଯେଉଁ ପୁଅ ବାପାର ହାତ ଧରି ଚାଲୁଥିଲେ, ସିଏ ବଡ଼ ହେଲେ। ବାହା ହେଲେ। ଘର ସଂସାର ଗଢ଼ିଲେ। ପୁଅ, ବୋହୂଙ୍କୁ ନେଇ ହସ ଖୁସିର ଚଳୁଥିଲେ ଭରତ ଓ ଅହଲ୍ୟା। ଆଜକୁ ୫ ବର୍ଷ ତଳେ ହଠାତ୍ ଅସୁସ୍ଥ ହୋଇ ପଡ଼ିଲେ ଅହଲ୍ୟା। ଚାଲିବୁଲି ପାରିଲେ ନାହିଁ। ପକ୍ଷାଘାତରେ ଆକ୍ରାନ୍ତ ହେଲେ। ମାଆଙ୍କ ଏ ଦୁଃଖଦ ସମୟରେ ହାତ ଛାଡ଼ିଦେଲା ଏକମାତ୍ର ପୁଅ। ଯେଉଁ ବାପା ଓ ମାଆଙ୍କ ଆଶୀର୍ବାଦରେ ଦୁନିଆ ଦେଖିଥିଲେ, ସେମାନଙ୍କୁ ପାଖରୁ ଦୂରେଇ ଦେଲେ। ରୋଗୀଣା ମାଆର ଚିକିତ୍ସା କରିପାରିବେ ନାହିଁ ବୋଲି ପୁଅ ଓ ବୋହୂ କହିଥିଲେ। ଘରୁ ବାହାର କରିଦେଲେ। ତେଣୁ ନିଜ ଜୀବନ ସାଥୀକୁ ସାଙ୍ଗରେ ଧରି ଘରୁ ବାହାରି ଆସିଲେ ଭରତ। ଅନ୍ୟ ଏକ ସ୍ଥାନରେ କୁଡ଼ିଆଟିଏ କରି ରହିଲେ। ହେଲେ ଚଳିବେ କେମିତି ? ଭରତଙ୍କୁ ବର୍ତ୍ତମାନ ୬୯ ବର୍ଷ ହେଲାଣି। କାମ କରିବା ପାଇଁ ନା ଅଣ୍ଟାରେ ବଳ ଅଛି ନା ପାଦରେ ଶକ୍ତି ରହିଛି। ହେଲେ କ'ଣ କରିବେ ? କେମିତି ଚଳିବେ ? ରୋଗୀଣା ପତ୍ନୀଙ୍କ ମୁହଁରେ କେମିତି ଦାନା ଦେବେ ? ସେହି ଚିନ୍ତାରେ ପଡ଼ିଗଲେ ଭରତ। କିଛି ଉପାୟ ନପାଇ ମହାଜନଙ୍କ ପାଖରେ ପହଞ୍ଚିଲେ। ଆଉ ତାଙ୍କ ଗୋରୁ ଚରାଇଲେ। ସେଥିରୁ ଯାହା ମିଳିଲା, ସେଥିରେ ଦୁଃଖେ କଷ୍ଟରେ ଚଳି ଯାଉଛନ୍ତି। ନିଜେ ଖାଇବା ସହିତ ପତ୍ନୀ ଅହଲ୍ୟାଙ୍କ ମୁହଁରେ ଦାନା ଦେଉଛନ୍ତି। ଗରିବଙ୍କ ପାଇଁ ସରକାର କେତେ କ'ଣ ଯୋଜନା କରୁଛନ୍ତି। ପିଡିଏସ ଚାଉଳକୁ ଛାଡ଼ିଦେଲା ଭରତ ଓ ତାଙ୍କ ପତ୍ନୀ ଅହଲ୍ୟାଙ୍କୁ ଅନ୍ୟ କୌଣସି ସରକାରୀ ଯୋଜନା ମିଳୁନି। ନା ବାର୍ଦ୍ଧକ୍ୟ ଭତ୍ତା ମିଳୁଛି ନା ଆବାସ ଯୋଜନାରେ ଘର। ତେଣୁ ଦୟନୀୟ ଅବସ୍ଥାରେ ଭଙ୍ଗା କୁଡ଼ିଆରେ ସ୍ୱାମୀ ଓ ସ୍ତ୍ରୀ ରହୁଛନ୍ତି। ସବୁଠାରୁ ଦୁଃଖର ବିଷୟ ତାଙ୍କୁ ବିଜୁ ସ୍ୱାସ୍ଥ୍ୟ କାର୍ଡ ସମ୍ପର୍କରେ କୌଣସି ସୂଚନା ନାହିଁ। ଏପରିକି ତାଙ୍କ ପାଖରେ ବିଜୁ ସ୍ୱାସ୍ଥ୍ୟ କାର୍ଡ ନାହିଁ। ଆଜି ଯଦି ତାଙ୍କ ପାଖରେ ବିଜୁ ସ୍ୱାସ୍ଥ୍ୟ କାର୍ଡ ଥାଆନ୍ତା, ତାହାହେଲେ ସେ ତାଙ୍କୁ ଭଲ ମେଡ଼ିକାଲ୍‌ରେ ଚିକିତ୍ସା କରାଇ ପାରିଥାଆନ୍ତେ। ଆଉ ରୋଗୀଣା ପତ୍ନୀଙ୍କ ମୁହଁରେ ହସ ଫୁଟାଇ ପାରିଥାଆନ୍ତେ। ହେଲେ ସେ ସେଥିରୁ ମଧ ବଞ୍ଚିତ ହୋଇଥିବା ଆଲୋଚନା ହେଉଛି।

# ସଙ୍ଗୀତଜ୍ଞ ବିପିନ ବିହାରୀଙ୍କ ସ୍ମୃତିସଭା

କେନ୍ଦ୍ରାପଡ଼ା, ୦୩/୧ (ନି.ପ୍ର): ବିଶିଷ୍ଟ ସଙ୍ଗୀତଜ୍ଞ ତଥା ମୃଦଙ୍ଗ ବାଦକ ବିପିନ ବିହାରୀ ରାଉତଙ୍କ ସ୍ମୃତିସଭା ରେ ବହୁ ରାଜନେତା, ସମାଜସେବୀ ଓ ବିଶିଷ୍ଟ ବ୍ୟକ୍ତିମାନେ ଯୋଗ ଦେଇ ଭାବପୂର୍ଣ୍ଣ ଶ୍ରଦ୍ଧାଞ୍ଜଳୀ ଅର୍ପଣ କରିଛନ୍ତି । କେନ୍ଦ୍ରାପଡା ବ୍ଲକ ଅଧିନ ସହରପୁର ଗ୍ରାମସ୍ଥ ବାସଭବନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଆଇନଜୀବି ପ୍ରଦିପ କୁମାର ଦାସ ଅଧକ୍ଷତା କରିଥିଲେ। ସ୍ୱର୍ଗତ ରାଉତଙ୍କ ପରଲୋକ ଖବର ପାଇ ପୂର୍ବତନ ସାଂସଦ ତଥା ବିଜେପି ରାଷ୍ଟ୍ରୀୟ ଉପାଧକ୍ଷ ବୈଜୟନ୍ତ ପଣ୍ଡା, ବିଜେପି ରାଜ୍ୟ ସଭାପତି ମନମୋହନ ସାମଲ, ରାଜ୍ୟ ସଂଗଠନ ମନ୍ତ୍ରୀ ମାନସ ମହାନ୍ତି, ପୂର୍ବତନ ମନ୍ତ୍ରୀ ଗଣେଶ୍ୱର ବେହେରା, ବିଜେପି ଜିଲ୍ଲା ସଭାପତି କିଶୋର କୁମାର ପଣ୍ଡା, ସଂପାଦକ ସରୋଜ କର, ସରପଂଚଙ୍କ ପ୍ରତିନିଧି ନିରଞ୍ଜନ ନାୟକ ପ୍ରମୁଖ ଶେଷ ଦର୍ଶନ କରିଥିବା ବେଳେ ଶ୍ରଦ୍ଧାଞ୍ଜଳୀ ସଭାରେ ସମାଜସେବୀ ଜ୍ଞାନଦେବ ବେହୁରା, କନିକାରାଣୀ ଦୁର୍ଗାଦେବୀ, ଦୁର୍ଯ୍ୟୋଧନ ସାହୁ, ହରିଶ ଚନ୍ଦ୍ର ଜେନା, ସୁନାକର ବେହେରା, ତେଜେଶ୍ୱର ପରିଡା, ବିଷ୍ଣୁ ଦାସ, କଂଗ୍ରେସ ନେତା ପ୍ରଫୁଲ୍ଲ ଦାସ, ବିଜେଡି ଜିଲ୍ଲା ସଭାପତି ଉତ୍କଳ କେଶରୀ ପରିଡା, ଜିଲ୍ଲା ପରିଷଦ ଅଧକ୍ଷା ଗୀତାଞ୍ଜଳୀ ସେଠୀ, ବିବେକାନନ୍ଦ ମହାରଣା, ସୁକାନ୍ତ ଦ୍ୱିବେଦୀ ପ୍ରମୁଖ ସ୍ମୃତିଚାରଣ କରିବା ସହ ଶ୍ରଦ୍ଧାଞ୍ଜଳୀ ଜ୍ଞାପନ କରିଥିଲେ।

# ଟିମ୍ ହ୍ୟୁମାନିଟି ପକ୍ଷରୁ ଶୀତବସ୍ତ୍ର ବଂଟନ

କନ୍ଧମାଳ, ୦୩/୧ (ନି.ପ୍ର): ବର୍ତମାନ ସାରା ରାଜ୍ୟରେ ଶୀତର ଲହରୀ ଜାରି ରହିଛି । ବିଶେଷ କରି କନ୍ଧମାଳ ଜିଲ୍ଲାର ବିଭିନ୍ନ ସ୍ଥାନରେ ଥଣ୍ଡା ଜାଡର ପ୍ରକୋପ ବଢିବାରେ ଲାଗିଛି। ଏହାକୁ ଦୃଷ୍ଟିରେ ରଖି ଆଜି ଟିମ୍ ହ୍ୟୁମାନିଟି କନ୍ଧମାଳ ତରଫରୁ ଚକାପାଦ ସ୍ଥିତ ସୋଲାଗୁଡା ଗ୍ରାମ ଠାରେ ଶୀତବସ୍ତ୍ର (କମ୍ବଳ) ବଣ୍ଟନ କରାଯାଇଛି। କନ୍ଧମାଳର ଅସହ୍ୟ ଶୀତରୁ ରକ୍ଷା ପାଇବା ପାଇଁ ଟିମ୍ ହ୍ୟୁମାନିଟି ସଦସ୍ୟ ଜଗନ୍ନାଥ, ମହେଶ, ଅନୁପ, ଅନନ୍ତ, ମଧୁସ୍ମିତା, ସସ୍ମିତା, ସୁଜତା, ଜ୍ୟୋତି, ରେଶମା ଏବଂ ଲୋକନାଥ ପୂର୍ବ ଯୋଜନା ଅନୁସାରେ ଆଜି ଦିନ ୨ଟା ସମୟରେ ନିର୍ଧାରିତ ସ୍ଥାନରେ ପହଂଚି ଥିଲେ ।

# ସ୍ୱଦେଶ ଦର୍ଶନ ଯୋଜନାରେ ଦେବ୍ରୀଗଡ଼ ଓ ବୀର ସୁରେନ୍ଦ୍ର ସାଏଙ୍କ ଜନ୍ମଭୂମି ଖିଣ୍ଡା ସାମିଲ

ସମ୍ବଲପୁର, ୦୩/୧ (ନି.ପ୍ର): କେନ୍ଦ୍ର ଶିକ୍ଷା, ଦକ୍ଷତା ବିକାଶ ଓ ଉଦ୍ୟମିତା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ବରଗଡ଼ ଜିଲ୍ଲା ଅନ୍ତର୍ଗତ ଦେବ୍ରୀଗଡ଼ ଅଭୟାରଣ୍ୟ ସମେତ ଦେଶର ମହାନ ସ୍ୱାଧୀନତା ସଂଗ୍ରାମୀ ବୀର ସୁରେନ୍ଦ୍ର ସାଏଙ୍କ ଜନ୍ମମାଟି ସମ୍ବଲପୁର ଜିଲ୍ଲା ଖିଣ୍ଡା ଗ୍ରାମାଂଚଳର ବିକାଶ ପାଇଁ କେନ୍ଦ୍ର ସଂସ୍କୃତି ଓ ପର୍ଯ୍ୟଟନ ମନ୍ତ୍ରୀ ଜି.କିଷାନ ରେଡ୍ଡୀଙ୍କୁ ପତ୍ର ଲେଖିବା ପରେ ଏହି ଦୁଇଟି ସ୍ଥାନକୁ ଭାରତ ସରକାରଙ୍କ 'ସ୍ୱଦେଶ ଦର୍ଶନ ଯୋଜନା' ୨.୦ରେ ସାମିଲ କରାଯାଇଛି । ଓଡ଼ିଶାର ଦେବ୍ରୀଗଡ଼ ସମେତ ଖିଣ୍ଡା ଗ୍ରାମକୁ ବିଶେଷ ଆକର୍ଷଣୀୟ ସ୍ଥାନ ଭାବେ ସ୍ୱଦେଶ ଦର୍ଶନ ୨.୦ରେ ସାମିଲ କରାଯାଇଛି ବୋଲି ପର୍ଯ୍ୟଟନ ମନ୍ତ୍ରଣାଳୟ ପକ୍ଷରୁ ବିଧିବଦ୍ଧ ପତ୍ର ପ୍ରକାଶ ପାଇଛି । ଏଥିପାଇଁ ଶ୍ରୀ ପ୍ରଧାନ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ବିଭାଗୀୟ ମନ୍ତ୍ରୀ ଜି କିଷନ ରେଡ୍ଡୀଙ୍କୁ ଧନ୍ୟବାଦ ଜଣାଇଛନ୍ତି । କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନ ଗତ ଡ଼ିସେମ୍ବର ୧୧, ୨୦୨୩ ତାରିଖରେ କେନ୍ଦ୍ର ସଂସ୍କୃତି ଓ ପର୍ଯ୍ୟଟନ ମନ୍ତ୍ରୀଙ୍କୁ ଏ ସମ୍ପର୍କରେ ପତ୍ର ଲେଖି ଦେବ୍ରୀଗଡ଼ ଓ ଖିଣ୍ଡା ଗ୍ରାମରେ ପର୍ଯ୍ୟଟନ ଭିତିଭୂମି ଏବଂ ସୁବିଧାର ବିକାଶ ପାଇଁ ସ୍ୱତନ୍ତ୍ର ପ୍ୟାକେଜ ମଞ୍ଜୁର କରିବା ପାଇଁ ଅନୁରୋଧ କରିଥିଲେ । ସେ ପତ୍ରରେ ଦର୍ଶାଇଥିଲେ ଯେ ବରଗଡ଼ ଜିଲ୍ଲାରେ ଅବସ୍ଥିତ ଦେବ୍ରୀଗଡ଼ ଅଭୟାରଣ୍ୟ ପଶ୍ଚିମ ଓଡ଼ିଶାର ଏକ ପ୍ରମୁଖ ପର୍ଯ୍ୟଟନ ସ୍ଥଳୀ । ସେହିପରି ସ୍ୱାଧୀନତା ସଂଗ୍ରାମୀ ବୀର ସୁରେନ୍ଦ୍ର ସାଏ ଖିଣ୍ଡା ଗ୍ରାମରେ ଜନ୍ମଗ୍ରହଣ କରିଥିଲେ । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ କଳ୍ପନାରେ ସ୍ୱଦେଶ ଦର୍ଶନ ଯୋଜନାରେ ପର୍ଯ୍ୟଟନ ମନ୍ତ୍ରଣାଳୟ ସମଗ୍ର ଭାରତବର୍ଷରେ ବିଭିନ୍ନ ପର୍ଯ୍ୟଟନ କ୍ଷେତ୍ରର ବିକାଶ ସହ ପର୍ଯ୍ୟଟକଙ୍କ ସଂଖ୍ୟା ବଢାଇବା ଦିଗରେ ଉଲ୍ଲେଖନୀୟ କାର୍ଯ୍ୟ କରୁଛି । ଉକ୍ତ ଦୁଇଟି ଐତିହାସିକ ସ୍ଥାନ ଅପାର ସମ୍ଭାବନାର ଅଂଚଳ । ଏହାର ପାର୍ଶ୍ୱବର୍ତୀ ଅଞ୍ଚଳ ଗୁଡିକରେ ହୀରାକୁଦ, ହୁମା ମନ୍ଦିର ଭଳି ପର୍ଯ୍ୟଟନ ସ୍ଥଳୀ ଥିବା ବେଳେ ସମ୍ବଲପୁର ଜିଲ୍ଲା ଦେଶ ଏବଂ ଦେଶ ବାହାର ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିବାର ଯଥାର୍ଥ ସମ୍ଭାବନା ରଖୁଛି । ସେହିପରି ''ଖିଣ୍ଡା'' ଭାରତର ମହାନ ସ୍ୱାଧୀନତା ସଂଗ୍ରାମୀ ବୀର ସୁରେନ୍ଦ୍ର ସାଏଙ୍କ ଜନ୍ମସ୍ଥାନ । ୧୮୫୭ ମସିହା ବ୍ରିଟିଶ ବିରୋଧୀ ଲଢେଇରେ ସୁରେନ୍ଦ୍ର ସାଏ ନେତୃତ୍ୱ ନେଇଥିଲେ ଏବଂ ୪୦ ବର୍ଷ ଧରି ଅଧିକ ସମୟ ଜେଲରେ ବନ୍ଦୀ ହୋଇ ରହିଥିଲେ । ତାଙ୍କ ସ୍ମୃତିରେ ପ୍ରଧାନମନ୍ତ୍ରୀ ଝାରସୁଗୁଡା ବିମାନବନ୍ଦରକୁ ବୀର ସୁରେନ୍ଦ୍ର ସାଏ ବିମାନବନ୍ଦରରେ ନାମିତ କରି ଏହି ମହାନ ସଂଗ୍ରାମୀଙ୍କୁ ସମ୍ମାନ ଦେଇଛନ୍ତି। ବୀର ସୁରେନ୍ଦ୍ର ସାଏଙ୍କ ଜନ୍ମସ୍ଥାନ ସେ ଦୃଷ୍ଟିରୁ ଗୁରୁତ୍ୱପୂର୍ଣ୍ଣ । ଏହି ଗ୍ରାମର ବିକାଶ ହେଲେ ତାଙ୍କ ଜନ୍ମସ୍ଥାନକୁ ଆସି ଲୋକମାନେ ଏହି ବୀର ସଂଗ୍ରାମୀଙ୍କ ଜୀବନୀ ଓ ସଂଘର୍ଷର କାହାଣୀ ଜାଣିପାରିବେ । କେନ୍ଦ୍ରମନ୍ତ୍ରୀ ଏହି ଅଂଚଳର ଐତିହାସିକ ପୃଷ୍ଠଭୂମି ଓ ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିବା ଭଳି ବିଷୟରେ ପତ୍ର ଯୋଗେ ଅବଗତ କରାଇବା ସହ ଏହି ଦୁଇଟି ସ୍ଥାନ ଗୁଡିକର ବିକାଶ ସହ ପ୍ରଚାର ପ୍ରସାର ହେଲେ ସ୍ଥାନୀୟ ଅର୍ଥନୀତି ମଜଭୂତ୍ ହୋଇପାରିବ ବୋଲି କହିଥିଲେ । ରୋଜଗାର ସୃଷ୍ଟି ହେବା ସହ ସ୍ଥାନୀୟ ଅଂଚଳର ସଂସ୍କୃତି ଓ ଐତିହ୍ୟର ପ୍ରସାର ହୋଇପାରିବ ବୋଲି ଶ୍ରୀ ପ୍ରଧାନ ପତ୍ରରେ ଉଲ୍ଲେଖ କରିଥିଲେ।

# କୂଅରେ ବୁଡ଼ି ୧୦ବର୍ଷର ନାବାଳକର ମୃତ

ଖୋର୍ଦ୍ଧା, ୦୩/୧ (ନି.ପ୍ର): କୂଅରେ ବୁଡ଼ି ନାବାଳକର ମୃତ ଘଟିଛି ।ଏଭଳି ଘଟଣା ଦେଖିବାକୁ ମିଳିଛି ଖୋର୍ଦ୍ଧା ଜିଲ୍ଲା ଟାଙ୍ଗୀ ଥାନା ରତନପୁର ପଂଚାୟତ ନରହରି ସାହିରେ ଏହି। ମୃତ ଶିଶୁ ପୁତ୍ରର ନାମ ଆକାଶ ବେହେରା (୧୦ ବର୍ଷ) ବୋଲି ସୂଚନା ମିଳିଛି। ସୂଚନାନୁଯାୟୀ, ରତନପୁର ପଂଚାୟତ ନରହରି ସାହିର ଅଜୟ ବେହେରାଙ୍କ ୧୦ ବର୍ଷର ପୁଅ ଆକାଶ ସାଙ୍ଗମାନଙ୍କ ସହ ଖେଳୁଥିଲା। ଅସାବଧାନତା ବଶତଃ ସେ ଏକ କୂଅରେ ଖସି ପଡ଼ିଥିଲା। ଆକାଶ ଘରକୁ ଫେରିବାରେ ବିଳମ୍ବ ହେବାରୁ ଘର ଲୋକେ ଖୋଜାଖୋଜି କରିବା ପରେ ସେ କୂଅରେ ଭାସୁ ଥିବା ଦେଖିବାକୁ ପାଇଥିଲେ। ଆକାଶକୁ କୂଅରୁ ଉଦ୍ଧାର କରି ଚିକିତ୍ସା ପାଇଁ ଟାଙ୍ଗି ମେଡିକାଲରେ ଭର୍ତ୍ତି କରାଯାଇଥିଲା। ହେଲେ ଡାକ୍ତର ଶିଶୁ ପୁତ୍ରକୁ ମୃତ ଘୋଷଣା କରିଥିଲେ। ଖବର ପାଇ ଟାଙ୍ଗୀ ପୋଲିସ ଶିଶୁର ଶବକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇ ଏକ ମାମଲା ରୁଜୁ କରି ତଦନ୍ତ କରୁଥିବା ଜଣାପଡ଼ିଛି।

# ସେଲ ରାଉରକେଲା ଇସ୍ପାତ କାରଖାନା ଦ୍ୱାରା ସ୍ୱେଚ୍ଛାକୃତ ରୂପେ ସଫେଇ କାର୍ଯ୍ୟଧାରାରେ ସାମିଲ ଦଳଙ୍କୁ 'ସ୍ୱଚ୍ଛତା ସ୍ୱାଭିମାନ' ପୁରସ୍କାର ପ୍ରଦାନ



ରାଉରକେଲା, ୩/୧ (ନି.ପ୍ର): ସେଲ ରାଉରକେଲା ଇସ୍ପାତ କାରଖାନା ଦ୍ୱାରା ୨୦୨୩ -୨୪ ଆର୍ଥିକ ବର୍ଷର ତୃତୀୟ ତ୍ରୟୋମାସ ନିମନ୍ତେ ସ୍ୱଚ୍ଛତା ସ୍ୱାଭିମାନ' ପୁରସ୍କାର ସମାରୋହ ଜାନୁୟାରୀ ୨ ତାରିଖ ଦିନ ସିଭିକ୍ ସେଣ୍ଟର ଠାରେ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ କାର୍ମିକ ଓ ପ୍ରଶାସନ ବିଭାଗର ନିର୍ବାହୀ ନିର୍ଦ୍ଦେଶକ ଶ୍ରୀ ତରୁଣ ମିଶ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉତ୍ସବରେ ଅଧ୍ୟକ୍ଷତା କରିଥିଲେ । ଉକ୍ତ କାର୍ଯ୍ୟକ୍ରମରେ ସହର ପ୍ରଶାସନ ଏବଂ ସି ଏସ ଆର ବିଭାଗ ର ସିଜିଏମ୍ ଶ୍ରୀ ପି କେ ସ୍ୱାଇଁ, ଟାଉନ୍ ଇଞ୍ଜିନିୟରିଂ ବିଭାଗର ଜିଏମ୍ ଇନ୍-ଚାର୍ଜ ଶ୍ରୀ ବି କେ ଜୋଜୋ ଏବଂ କାରଖାନାର ଅନ୍ୟ ବରିଷ୍ଠ ଅଧିକାରୀମାନେ ମଧ ଉପସ୍ଥିତ ଥିଲେ। ଶ୍ରୀ ମିଶ୍ର ନିଜର ବକ୍ତବ୍ୟରେ ସ୍ୱଚ୍ଛତା ସ୍ୱାଭିମାନ ଯୋଜନାର ବିଜେତାମାନଙ୍କୁ ଅଭିନନ୍ଦନ ଜଣାଇବା ସହ ସହରର ସ୍ୱଚ୍ଛତା ସହ ଜଡିତ ପ୍ରତ୍ୟେକ ଦଳର କଠିନ ପରିଶ୍ରମକୁ ପ୍ରଶଂସା କରିଥିଲେ। ସ୍ୱଚ୍ଛ ଭାରତ ସୁସ୍ଥ ଭାରତ ମିଶନ ବିଷୟରେ ଉଲ୍ଲେଖ କରି ଶ୍ରୀ ମିଶ୍ର ସହରକୁ ସ୍ୱଚ୍ଛ, ସବୁଜ ଏବଂ ସୁସ୍ଥ ରଖିବା ପାଇଁ ସମସ୍ତଙ୍କୁ ଏହି ମିଶନରେ ଯୋଗଦେବାକୁ ଅନୁରୋଧ କରିଥିଲେ। ଲୋକସମ୍ପର୍କ ବିଭାଗର ସିନିୟର ଟେକ୍ନିସିଆନ କ୍ୟାପଟେନ ନିରଂଜନ ଧଳ ଙ୍କ ନେତୃତ୍ୱରେ ଗ୍ରୁପ ୧ ପ୍ରଥମ ପୁରସ୍କାର ବିଜେତା ହୋଇ ୩୦.୦୦୦ ଟଙ୍କାର ପୁରସ୍କାର ରାଶି ଓ ଟ୍ରଫି ହାସଲ କରିଥିଲା। ସେହିଭଳି ଇସ୍ପାତ ସେଣ୍ଟ୍ରାଲ ମାର୍କେଟର କ୍ୟାପଟେନ ଏସ ଏସ ସ୍ୱାଇଁଙ୍କ ନେତୃତ୍ୱରେ ଇସ୍ପାତ ସେଣ୍ଟ୍ରାଲ ୱେଲଫେୟାର ୱିଙ୍ଗକୁ ଦ୍ୱିତୀୟ ପୁରସ୍କାର ବିଜେତା ଭାବେ ୨୫,୦୦୦ ଟଙ୍କାର ପୁରସ୍କାର ରାଶି ସହ ଟ୍ରଫି ପ୍ରଦାନ କରାଯାଇଥିଲା ଓ କ୍ୟାପଟେନ ସୁବୋଧ ଏକକା ଏବଂ ତାଙ୍କ ଦଳ ତୃତୀୟ ପୁରସ୍କାର ବିଜେତା ଭାବେ ୨୦, ୦୦୦ ଟଙ୍କାର ପୁରସ୍କାର ରାଶି ସହ ଏକ ଟ୍ରଫି ଅର୍ଜନ କରିଥିଲେ । ଅନ୍ୟ ସାତଟି ଦଳକୁ ସେମାନଙ୍କର ସଫେଇ ଅଭିଜ୍ଞତା ସହଭାଗିତା ନିମନ୍ତେ ମଧ ସୁଯୋଗ ଦିଆଯାଇଥିଲା। ପ୍ରଦୀପ ପ୍ରଜ୍ୱଳନ ସହିତ ଏହି କାର୍ଯ୍ୟକ୍ରମ ଆନୁଷ୍ଠାନିକ ଭାବେ ଆରମ୍ଭ ହୋଇଥିଲା। ଏହି କାର୍ଯ୍ୟକ୍ରମ ସମୟରେ ଶ୍ରୀ ନରେନ୍ଦ୍ର ନାଥ ଦାସଙ୍କ ନେତୃତ୍ୱରେ ଛାତ୍ରମାନଙ୍କ ଦ୍ୱାରା "ସେ ନୋ ଟୁ ପ୍ଲାଷ୍ଟିକ" ନାମକ ଏକ ପଥ ପ୍ରାନ୍ତ ନାଟକ ମଞ୍ଚସ୍ଥ ହୋଇଥିଲା ଏବଂ ପରେ ଶ୍ରୀ ବାପି ପଲାଇ ଏବଂ ତାଙ୍କ ଦଳଙ୍କ ଦ୍ୱାରା ସ୍ୱଚ୍ଛତା ଉପରେ ଏକ ନୃତ୍ୟ ପରିବେଷଣ କରାଯାଇଥିଲା। ଏହି ସଭାକୁ ଜନସ୍ୱାସ୍ଥ୍ୟ ବିଭାଗର ଡେପୁଟି ସିଏମଓ ଡକ୍ଟର ଦୀପା ଲାଭାଙ୍ଗରେ ସ୍ୱାଗତ କରିଥିବା ବେଳେ ସି ଆର ଏମ ବିଭାଗର ଶ୍ରୀ ଅନିଲ ମଲ୍ଲିକ୍ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଉଲ୍ଲେଖଯୋଗ୍ୟ ଯେ, ରାଉରକେଲା ଇସ୍ପାତ ସହରାଞ୍ଚଳ ବାସିନ୍ଦାଙ୍କୁ ସେକ୍ଟର ଅଞ୍ଚଳ, ମାର୍କେଟ, ବସ୍ତି ଅଞ୍ଚଳ ଓ ଖୋଲା ଜାଗା ଗୁଡିକରେ କୌଣସି ଅଞ୍ଚଳକୁ ଆପଣାଇ ସଫେଇ ଅଭିଯାନରେ ଅଂଶଗ୍ରହଣ କରି ସ୍ୱଚ୍ଛତା ସ୍ଥାପନ ପାଇଁ ପ୍ରୋତ୍ସାହିତ କରିବା ଆରଏସପିର ସ୍ୱଚ୍ଛତା ସ୍ୱାଭିମାନ ପୁରସ୍କାର ଯୋଜନାର ଲକ୍ଷ୍ୟ ରହିଛି। ଏହି ଯୋଜନା ଅନ୍ତର୍ଗତ ସମ୍ପ୍ରତି ୧୦ ଟି ଦଳର ସମୁଦାୟ ୧୨୦ ଜଣ ସଦସ୍ୟ ଏହି ଅଭିଯାନରେ ସାମିଲ ଅଛନ୍ତି।

## ରାସାୟନିକ ବିପର୍ଯ୍ୟୟର ଅଭିମୁଖୀ କରଣ



ଭଦ୍ରକ, ୩/୧ (ନି.ପ୍ର): ଭଦ୍ରକ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଅତିରିକ୍ତ ଉପ ଜିଲ୍ଲାପାଳ ତଥା ଜିଲ୍ଲା ଜରୁରୀ କାଳୀନ ଅଧିକାରୀ ଶ୍ରୀ ଶ୍ୟାମଳ ରାୟଙ୍କ ଅଧ୍ୟକ୍ଷତାରେ ଏକ ରାସାୟନିକ ବିପର୍ଯ୍ୟୟର ଅଭିମୁଖୀ କରଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲ୍ଲାର ବରିଷ୍ଠ ଅଧିକାରୀମାନେ, ଫେକର୍ ଇଣ୍ଡଷ୍ଟ୍ରି, ଅଧିକାରୀମାନେ ଯୋଗ ଦେଇଥିଲେ। ଆସନ୍ତା ୧୧.୦୧.୨୦୨୪ ରିଖରେ ହେବାକୁଥିବା ମକ ଏକ୍ସରସାଇଜ ବିଷୟରେ ଏନଡ଼ିଏମଏ ଅଧିକାରୀ ଅନଲାଇନ ବୈଠକ ମାଧ୍ୟମରେ ଯୋଡ଼ିହୋଇ କାର୍ଯ୍ୟକ୍ରମର ଲକ୍ଷ ଉଦ୍ଦେଶ୍ୟ ବିଷୟରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରିଥିଲେ। ଓସଡ଼ମା ଅଧିକାରୀମାନେ ଯୋଗଦେଇ କାର୍ଯ୍ୟକ୍ରମର ଏକ ବିଧିବଦ୍ଧ ଯୋଜନା ପ୍ରସ୍ତୁତ କରିଥିଲେ। ରାସାୟନିକ ବିପର୍ଯ୍ୟୟର ସମୟରେ ସରକାରୀ ଏବଂ ବେସରକାରୀ ଅନୁଷ୍ଠାନ ଗୁଡ଼ିକର ସହଭାଗିତା ମୁଖ୍ୟ ପ୍ରସଙ୍ଗ ଥିଲା। କାର୍ଯ୍ୟକ୍ରମକୁ ସଫଳ ରୂପାୟନ ପାଇଁ ଆସନ୍ତା ୦୮.୦୧.୨୦୨୪ ରିଖରେ ଜିଲ୍ଲା ପ୍ରସ୍ତୁତ ବୈଠକ, ୦୯.୦୧.୨୦୨୪ ରିଖରେ ଟେବୁଲ ଟପ ଏକ୍ସରସାଇଜ ଏବଂ ୧୧.୦୧.୨୦୨୪ ରିଖରେ ମକ ଏକ୍ସରସାଇଜ କରିବାପାଇଁ ଧାର୍ଯ୍ୟ କରାଯାଇଛି।

## ହାତିଆଡିହା ଶିବମୁନି ଯୋଗାଶ୍ରମରେ ବ୍ରହ୍ମଯଜ୍ଞ



ରୂପସା, ୩/୧ (ନି.ପ୍ର): ହାତିଆଡିହା ଶିବମୁନି ଯୋଗାଶ୍ରମରେ, ଆଶ୍ରମର ବରିଷ୍ଠ ଯୋଗ ସାଧକ ଯୋଗୀ ପରମାନନ୍ଦ ମୁନି ଜୀ ଙ୍କ କନିଷ୍ଠା କନ୍ୟା ଆୟୁଷ୍ମତୀ ମୁନିମତୀ ସନ୍ତୋଷିନୀ ବାରିକ- ଶ୍ରୀଯୁକ୍ତ ହରିଶ୍ଚନ୍ଦ୍ର ବେହେରାଙ୍କ କନିଷ୍ଠା କନ୍ୟା ମୁନି କୁମାରୀ ଜୟଶ୍ରୀଜୟନନ୍ଦିନୀଙ୍କର ପଞ୍ଚମ ଶୁଭ ଜନ୍ମଦିନ ଆଶ୍ରମର ବରିଷ୍ଠ ଯୋଗୀ ପରମାନନ୍ଦ ମୁନି ଜୀଙ୍କ ଅଧ୍ୟକ୍ଷତାରେ ମହା ସମାରୋହରେ ପାଳିତ ହୋଇଯାଇଛି। ଅତିଥି ହିସାବରେ ଯୋଗଦାନ କରିଥିଲେ ଆଶ୍ରମର ଯୋଗଶିକ୍ଷୟତ୍ରୀ ମଞ୍ଜୁଲତା ବେହେରା ମହୋଦୟା ।ମଞ୍ଚାସୀନ ଥିଲେ, ଆଶ୍ରମର ଉପାଧ୍ୟକ୍ଷା ମୁନିରାଜ୍ଞୀ କନକଲତା ମହାପାତ୍ର ମହୋଦୟା, ସତ୍ୟନିଷ୍ଠା ଯୋଗସାଧିକା ମୁନିମତୀ ବାସନ୍ତୀ ମହାଲିକ,ସିଦ୍ଧା-ସାଧିକା ଶକୁନ୍ତଳା ପରିଡ଼ା, ସିଦ୍ଧା-ସାଧିକା ମୁନିରାଜ୍ଞୀ ବିମଳା ଲେଙ୍କା ମହୋଦୟା । ଉପସ୍ଥିତ ଥିଲେ ମୁନିରାଜ ଅନାଦି ବାରିକ,ମୁନି ସତ୍ୟ ସେନାପତି, ଶଶଧର ସେନାପତି,ଗଣେଶ୍ୱର ବର, ମୁନି ସିନ୍ଧୁ ସିଂ,ମୁନି କୁମାର ତାପସ, ମୁନିରାଜ୍ଞୀ ସୁମତୀ ଦଳାଇ, ସୁମତୀ ବେହେରା, ନୀନ ସାହୁ, ଉର୍ମିଳା ପଣ୍ଡା, ଉର୍ମିଳା ରାଉତ,ଫୁଲମଣୀ ବେହେରା, ବାସନ୍ତୀ ଗିରି, ଯମୁନା ବର, ମୁନିମତୀ ଲକ୍ଷ୍ମୀ ମଣି ବେହେରା ଏବଂ ମୁନିକୁମାରୀ ମିନତୀ ଦଳାଇ ପ୍ରମୁଖ ବହୁ ଶିବମୁନିଜୀ ଙ୍କ ପରିବାରର ସଦସ୍ୟ-ସଦସ୍ୟା ବୃନ୍ଦ ।ସମୂହ ପ୍ରଣବ, ଶୁଭ ଭାବନା, ବେଦ ପାଠ, ଶାନ୍ତି ପାଠ, କରାଯାଇ ଆୟୁଷ୍ମତୀ ମୁନି କୁମାରୀ ଜୟଶ୍ରୀ ଜୟନନ୍ଦିନୀଙ୍କର ଦୀର୍ଘ ନୀରୋଗ ନିରାମୟ ଆନନ୍ଦମୟ ଜୀବନ ସହିତ ଉଜ୍ଜ୍ୱଳ ଭବିଷ୍ୟତ ଗଠନର ସମୂହ ଶୁଭ ଆଶିର୍ବାଦ ପ୍ରଦାନ କରାଯାଇଥିଲା। ଶେଷରେ ଅଜା ୨୦୨୪ ମସିହା ସମସ୍ତଙ୍କର ସୁଖ ଶାନ୍ତି ଆନନ୍ଦ ସମୃଦ୍ଧି ଏବଂ ବିକାଶର ବର୍ଷ ହେବା କାମନା କରିବା ସହିତ, ସମସ୍ତଙ୍କୁ ଧନ୍ୟବାଦ ପ୍ରଦାନ କରିଥିଲେ।

# ଅଖିଳଭାରତ କୃଷକ ସଭା ତରଫରୁ ମରୁଡି ଘୋଷଣା ଦାବିରେ ଗଣଧାରଣା




ନୀଳଗିରି , ୩/୧ (ନି.ପ୍ର): ବାଲେଶ୍ୱର ଜିଲ୍ଲା ନୀଳଗିରି ଉପଖଣ୍ଡ ଅଞ୍ଚଳ ପାହାଡିଆ ହୋଇଥିବାରୁ ଚାଷ ଜମି ଗୁଡିକ ଢାଲୁଆ ।ତେଣୁ ବର୍ଷା ପରେ ପରେ ଚାଷ ଜମିରୁ ପାଣି ନିଗିଡି ଯାଏ। ୭୬ ବର୍ଷ ର ସ୍ୱାଧୀନତା ପରେ ବି ଜଳସେଚନ ର ବ୍ୟବସ୍ଥା ହୋଇ ପାରି ନାହିଁ ।ଯେଉଁ ଛୋଟଛୋଟ ବନ୍ଧ ମାନ ନିର୍ମାଣ ହୋଇଥିଲା ତାହା ଆଜି ପର୍ଯ୍ୟନ୍ତ ଚାଷକୁ ପାଣି ଯୋଗାଇବାରେ ବିଫଳ ।ଚାଷୀ ବର୍ଷା ପାଣି ଉପରେ ନିର୍ଭର କରି ଚାଷ କରେ ।୨୦୨୩ ଖରିଫ ଚାଷରେ ଚକଡା ପୋକ ଲାଗିବା ସମ୍ପର୍କରେ ଅକ୍ଟୋବର ମାସ ୫ତାରିଖ ନୀଳଗିରି ତହସିଲଦାର ଓ ନୀଳଗିରି କୃଷିଜିଲ୍ଲା ଅଧିକାରୀଙ୍କୁ ଅବଗତ କରାଯାଇଥିଲେ ମଧ ସରକାରଙ୍କ ତରଫରୁ କୌଣସି ପଦକ୍ଷେପ ନିଆ ନଯାଇ ଥିବା କୃଷକ ସଭାର ମତ। ପରନ୍ତୁ ଦୀର୍ଘ ୨ ମାସ ଧରି ଖରିପ ଚାଷ ପାଇଁ ବର୍ଷା ନହେବାରୁ କ୍ଷେତରେ ଥିବା ଧାନ ଗୁଡିକ ପାଣି ଅଭାବ ରୁ ମରିଯାଇଥିଲା। ଏ ସମ୍ପର୍କରେ ନୀଳଗିରି ଉପଜିଲ୍ଲାପାଳଙ୍କ ଜରିଆରେ ଜିଲ୍ଲାପାଳ ବାଲେଶ୍ୱର, ରାଜ୍ୟପାଳ ଓଡିଶା ଓ ମୁଖ୍ୟମନ୍ତ୍ରୀ ଓଡିଶାଙ୍କୁ ଚାଷ କ୍ଷତି ସମ୍ପର୍କ ରେ ଜଣା ଯାଇଥିବା ସିପିଆଇର ଜିଲ୍ଲା ସମ୍ପାଦକ ନିରଞ୍ଜନ ବାରିକ ତାଙ୍କ ବକ୍ତବ୍ୟରେ ପ୍ରକାଶ କରିଥିଲେ। ପରେ ଏକ ପ୍ରତିନିଧିଦଳ ଚାଷୀ ନେତା ବିଜୟ ସଙ୍କ ଜରିଆରେ ଜିଲ୍ଲାପାଳ ବାଲେଶ୍ୱର ଓ ମୁଖ୍ୟମନ୍ତ୍ରୀ ଓଡିଶାଙ୍କୁ ଦାବିପତ୍ର ପ୍ରଦାନ କରାଯାଇ ଥିଲା ।ଧାରଣାର ପ୍ରାରମ୍ଭରେ କୃଷକ ସଭାର ଜିଲ୍ଲା ସଭାପତି ବର୍ଷିଆନ କୃଷକ ନେତା କୈଳାଶ ଚନ୍ଦ୍ର ପଣ୍ଡାଙ୍କ ଅଧକ୍ଷତା ରେ ଧାରଣା ଅନୁଷ୍ଠିତ ହୋଇଥିଲା। ଏହି ଧାରଣାରେ କ୍ଷତିଗ୍ରସ୍ତ ଚାଷୀଙ୍କୁ ଇନପୁଟ ସବସିଡି, ଚଳିତ ବର୍ଷ ର କୃଷି ବୀମା, ମାଗଣା ରେ ସାର ବିହନ, କନଭର୍ସନ ଜରିଆରେ ଚାଷୀଙ୍କୁ ପୁନର୍ବାର ଚାଷରଣ ପ୍ରଦାନ, ଅଚଳ ଏଲଆଇ କୁ ସଚଳ କରିବା, ପରୀକ୍ଷା ଫିସ ଛାଡ଼, ଖଜଣା ଛାଡ଼, ଜଙ୍ଗଲ ଜମୀ ପଟ୍ଟାରେ କୃଷିରଣ ପ୍ରଦାନ ସମେତ ଭୂମି ହୀନ ଙ୍କୁ ଘର ଡିହ ପଟ୍ଟା ଓ ଆଦିବାସୀଙ୍କୁ ଜଙ୍ଗଲ ଜମିର ପଟ୍ଟା ପ୍ରଦାନ ପ୍ରଭୃତି ଦାବୀ ରଖାଯାଇଥିଲା। ଏହି ଧାରଣାରେ କୈଳାଶ ଚନ୍ଦ୍ର ପଣ୍ଡା ସଭାପତିତ୍ୱ କରୁଥିବା ବେଳେ ନିରଞ୍ଜନ ବାରିକ, ବିଜୟ ସ, ଜଗନ୍ନାଥ ଟୁଡୁ, ଅନିରୁଦ୍ଧ ବେହେରା ଉଦବୋଧନ ଦେଇଥିବା ବେଳେ ଅନ୍ୟ ମାନଙ୍କ ମଧ୍ୟରେ ନିହାର ରଞ୍ଜନ ଜେନା, ଜଗନ୍ନାଥ ଟୁଡୁ, ମନୋଜ ସିଂ ଦେବାନ ମାରାଣ୍ଡି, ଗାୟତ୍ରୀ ପଣ୍ଡା, ବାସନ୍ତୀ ନାୟକ, ଅନିରୁଦ୍ଧ ବେହେରା, ହରେକୃଷ୍ଣ ପଣ୍ଡିତ, ବିଶ୍ୱନାଥ ସାହୁ, ଭାସ୍କର ଦାସ, କିଶୋର ବେହେରା, ସାଧୁ ପରିଡା, ବିଦ୍ୟାଧର ବେହେରା, ଦେବେନ୍ଦ୍ର ବେହେରା ସମେତ ଶତାଧିକ ଚାଷୀ ଏହି ଧାରଣା ରେ ଉପସ୍ଥିତ ଥିଲେ।

# ଜାମୁନିଆଁ ମହୋତ୍ସବର ପଞ୍ଚମ ସନ୍ଧ୍ୟା



ବସ୍ତା, ୩/୧ (ନି.ପ୍ର): ବ୍ଲକ୍ ର ଗଡପଦା ପଞ୍ଚାୟତ ଅନ୍ତର୍ଗତ ଜାମୁନିଆଁ ଗ୍ରାମୀଣ ମହୋତ୍ସବ ର ପଞ୍ଚମ ସନ୍ଧ୍ୟା ଅନୁଷ୍ଠିତ ହୋଇଯାଇଅଛି। ଆୟଗଡ଼ିଆ ବିକାଶ ପରିଷଦ ର ସଭାପତି ଶ୍ରୀଯୁକ୍ତ ଅନ୍ତର୍ଯ୍ୟାମୀ ମହାପାତ୍ର ଙ୍କ ସଭାପତିତ୍ୱରେ ଅନୁଷ୍ଠିତ ପଞ୍ଚମ ସନ୍ଧ୍ୟା ରେ କମାର ଗଡିଆ ଉନ୍ନୀତ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ର ପ୍ରଧାନ ଶିକ୍ଷକ ଶ୍ରୀଯୁକ୍ତ ଭଗିରଥ ପ୍ରଧାନ ମୁଖ୍ୟ ଅତିଥି ଭାବେ ଯୋଗଦାନ କରି ମହୋତ୍ସବ ଦ୍ୱାରା ଭାଇଚାରା ସୃଷ୍ଟି ହେବା ସହିତ ଗ୍ରାମାଞ୍ଚଳର ସୁପ୍ତ ପ୍ରତିଭାର ବିକାଶ ହୋଇଥାଏ ବୋଲି ମତ ବ୍ୟକ୍ତ କରିଥିବା ବେଳେ, ବୈଦିକ ଗୁରୁକୁଳ ଆଶ୍ରମ ପିଞ୍ଛାବଣିଆ ର ସଂଚାଳକ ଆଚାର୍ଯ୍ୟ ବିଜୟ ଜୀ ମୁଖ୍ୟ ବକ୍ତା ଭାବେ ଯୋଗଦାନ କରିବା ସହିତ ସମ୍ମାନିତ ଅତିଥି ଭାବେ ପ୍ରକୃତି ବନ୍ଧୁ ପୁରସ୍କାରପ୍ରାପ୍ତ ସମାଜସେବୀ ଶ୍ରୀଯୁକ୍ତ ସୁମନ୍ତ କୁମାର ଜେନା, ସମାଜସେବୀ ଶ୍ରୀଯୁକ୍ତ ଅକ୍ଷୟ କୁମାର ମିଶ୍ର, ପଣ୍ଡିତ ଗୌରହରି ପ୍ରହରାଜ, ବିଶିଷ୍ଟ ଅଭିନେତା ଶ୍ରୀଯୁକ୍ତ ପୁର୍ଣ୍ଣଚନ୍ଦ୍ର ନାୟକ,ଗଛ ମଣିଷ ଶ୍ରୀଯୁକ୍ତ ରବିନ୍ଦ୍ର ବେହେରା, ଶ୍ରୀଯୁକ୍ତ ଚକ୍ରଧର ଆଚାର୍ଯ୍ୟ ତଥା ଅନ୍ୟ ମାନଙ୍କ ମଧ୍ୟରେ ସୁଜନ ଧଳ,ତପନ ସିଂ,ତପୁ ଦଳେଇ,ଅଜୟ ବାରିକ୍,ପ୍ରତାପ ସିଂ, ନରହରି ସିଂ, ନରହରି ବେହେରା, ରତି ଭାଇ,ସୁଶ୍ରୀ ଭବାନୀ ସିଂ, ସୁଶ୍ରୀ ଇତିଶ୍ରୀ ସିଂ, ସୁଶ୍ରୀ ହରପ୍ରିୟା ସିଂ, ମଧୁମିତା ସିଂ, ଆଦି ମହୋତ୍ସବ ର ସଭ୍ୟା ଓ ସଭ୍ୟଗଣ ଉପସ୍ଥିତ ଥିଲେ। ଏହି ଅବସରରେ ଏକ ନୃତ୍ୟ ପ୍ରତିଯୋଗିତାର ଆୟୋଜନ କରାଯାଇଥିଲା ।ବିଚାରକ ପଣ୍ଡିତ ଗୌରହରି ପ୍ରହରାଜ ଏହାର ଦାୟିତ୍ୱ ତୁଲାଇଥିଲେ ।ଉକ୍ତ ପ୍ରତିଯୋଗିତାରେ ସୁଶ୍ରୀ ଆୟିଷା ପଣ୍ଡା ପ୍ରଥମ, ସୁଶ୍ରୀ ଅର୍ଚ୍ଚିତା ପ୍ରଧାନ ଦ୍ୱିତୀୟ ଓ ଲିଷା ସାମନ୍ତରାୟ ଓ ରସ୍ମିତା ଦାସ ତୃତୀୟ ସ୍ଥାନ ହାସଲ କରିଥିଲେ। ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରିଥିବା କୁନି ନୃତ୍ୟଶିଳ୍ପୀ ମାନଙ୍କୁ ଅତିଥି ମାନଙ୍କ ଦ୍ୱାରା ସାର୍ଟିଫିକେଟ ଓ ପୁରସ୍କାର ପ୍ରଦାନ କରାଯାଇଥିଲା। ପରିଶେଷରେ ମହୋତ୍ସବ ର ସଭାପତି ଶ୍ରୀଯୁକ୍ତ ନିରଞ୍ଜନ ବାରିକ୍ ଅତିଥି ମାନଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ ....

## ଧାମନଗରରେ ଭାରତ...

ଏଭଳି ଏକ କାଣ୍ଡ ଘଟି ଯାଇଛି, ଯାହା ଗଣତନ୍ତ୍ର ପାଇଁ ଶୁଭଙ୍କର ନୁହେଁ। ଏହା ଦଳୀୟ କାର୍ଯ୍ୟକ୍ରମ ନଥିଲା। ଏହା ସରକାରୀ କାର୍ଯ୍ୟକ୍ରମ ଥିଲା। ଯଦି କିଛି ବଡ଼ ଅଘଟଣ ଘଟିଥା'ନ୍ତା ବା ରକ୍ତପାତ ହୋଇଥା'ନ୍ତା, ତା'ହେଲେ ଏଥିପାଇଁ କ'ଣ ରାଜ୍ୟ ସରକାର ଦାୟୀ ରହିଥା'ନ୍ତେ ବୋଲି ସେ ପ୍ରଶ୍ନ କରିଛନ୍ତି। ବିଧାୟକ ସୂର୍ଯ୍ୟବଂଶୀ ସୂରଜ କହିଛନ୍ତି ଯେ ୪ରୁ ୫ ଜଣ ବ୍ୟକ୍ତି ଆସିଥିଲେ। ସେମାନଙ୍କ ଆଚରଣ ଓ ଉଚାରଣ ଯେମିତି ଥିଲା, ହୁଏତ ବ୍ୟକ୍ତିଗତ ସୁରକ୍ଷା କର୍ମଚାରୀ ନଥିଲେ ସେମାନେ ତାଙ୍କୁ ବି ଆକ୍ରମଣ କରିବାକୁ ପଛାଇ ନଥା'ନ୍ତେ। ତେବେ ଏଥିପାଇଁ ସେ ବିଚଳିତ ନୁହନ୍ତି। ଭାରତ ସରକାର ଲୋକଙ୍କ ପାଖରେ ପହଞ୍ଚି ସେମାନଙ୍କୁ ବିଭିନ୍ନ ଯୋଜନାର ସୁବିଧା ପହଞ୍ଚାଉଥିବା ବେଳେ ବିଜୁ ଜନତା ଦଳ ଏହାକୁ ସହି ପାରୁ ନାହିଁ। ଲୋକେ ସରକାରୀ ଯୋଜନାରୁ ଲାଭ ପାଆନ୍ତୁ ବୋଲି ବିଜେଡି ଚାହୁଁ ନାହିଁ। ଏହା ରାଜ୍ୟ ପାଇଁ ଶୁଭଙ୍କର ନୁହେଁ। ଯୋଜନା ବଦ୍ଧ ଭାବେ ବିକଶିତ ଭାରତ ସଂକଳ୍ପ ରଥକୁ ଭଙ୍ଗାରୁଜା କରାଯାଇଛି ବୋଲି ଅନୁଭବ ହେଉଛି। ଏହା ସେମାନଙ୍କର ପୂର୍ବ ନିର୍ଦ୍ଧାରିତ କାର୍ଯ୍ୟ ବୋଲି ଜଣାପଡୁଛି। ଭାରତ ସଂକଳ୍ପ ରଥକୁ ଭଙ୍ଗାରୁଜା କରିବା ଘଟଣାରେ ବିଜେପି ପକ୍ଷରୁ ଧାମନଗର ଥାନା ଘେରାଉ କରାଯାଇଛି। ଥାନା ସମ୍ମୁଖ ରାସ୍ତାକୁ ଅବରୋଧ କରି ବସିଛନ୍ତି ବିଜେପି କର୍ମୀ।

## ଲୋୟର ସୁକତେଲ ଜଳସେଚନ...

କରି ବହୁତ ଖୁସି ବୋଲି ନବୀନ କହିଛନ୍ତି। ଲୋୟର ସୁକତେଲ ବଲାଙ୍ଗୀରର କୃଷି କ୍ଷେତ୍ରରେ ରୂପାନ୍ତରଣ ଆଣିବ। ପ୍ରକଳ୍ପ ଦ୍ୱାରା ୧ଲକ୍ଷ ଏକର ଜମିକୁ ପାଣି ମିଳିବ। ୫ଟି ମାଧ୍ୟମରେ କାମରେ ଦ୍ରୁତଗତି ଆସିଛି। ରାଜ୍ୟରେ ଜଳସେଚନ ବୃଦ୍ଧି ପାଇଛି। ୩.୬୪ ଲକ୍ଷ ଏକର ଜମିକୁ ଜଳସେଚିତ କରାଯାଇଛି। ଲୋୟର ସୁକତେଲ ପ୍ରକଳ୍ପ ପାଇଁ ୨୯ ଗାଁର ଲୋକମାନେ ବହୁ ତ୍ୟାଗ କରିଛନ୍ତି। ସେମାନଙ୍କ ତ୍ୟାଗକୁ ସମ୍ମାନ ଜଣାଇବା ସହ ବଲାଙ୍ଗୀର ବିକାଶ ପାଇଁ ସେମାନଙ୍କ ତ୍ୟାଗ ମନେରହିବ ବୋଲି ନବୀନ କହିଛନ୍ତି। ଏହାଛଡ଼ା ଜିଲ୍ଲାରେ ସ୍ୱାସ୍ଥ୍ୟ ଭିତ୍ତିଭୂମି, ପର୍ଯ୍ୟଟନ, ସଂସ୍କୃତି, ଶିକ୍ଷାର ଉନ୍ନତି ପାଇଁ ଅନେକ ପ୍ରକଳ୍ପ ଆରମ୍ଭ ହୋଇଛି। ଅଗଷ୍ଟ ମାସରେ ୫ଟି ଅଧ୍ୟକ୍ଷଙ୍କ ଲୋକଙ୍କ ପାଖକୁ ଆସି ଲୋକଙ୍କ ସମସ୍ୟା ବୁଝିଥିଲେ। ଲୋକଙ୍କ ଇଚ୍ଛାକୁ ସମ୍ମାନ ଜଣାଇ ସରକାର କାମ କରୁଛନ୍ତି ବୋଲି ନବୀନ କହିଛନ୍ତି। ଜିଲ୍ଲାର ହରିଶଙ୍କର ପୀଠ ସହ ଅନ୍ୟାନ୍ୟ ମଠ ମନ୍ଦିରର ବିକାଶ କାମ ଚାଲିଛି। ସବୁ କ୍ଷେତ୍ରରେ ରୂପାନ୍ତରଣ ନୂଆ ଯୁଗ ଆସିବ। ସମସ୍ତଙ୍କ ସହଯୋଗରେ ବଲାଙ୍ଗୀର ଓଡ଼ିଶାର ବିକାଶରେ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିବ। ସୂଚନାଯୋଗ୍ୟ, ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ୨୦୦୧ ନଭେମ୍ବର ୨୪ ତାରିଖ ପ୍ରକଳ୍ପର ଶିଳାନ୍ୟାସ କରିଥିବା ବେଳେ ବିସ୍ଥାପନକୁ ନେଇ ବ୍ୟାପକ ଆନ୍ଦୋଳନ ଯୋଗୁଁ ଏହାର ନିର୍ମାଣ ବିଳମ୍ବ ହେବା ସହ ପ୍ରକଳ୍ପ ବ୍ୟୟ ଅଟକଳ ମଧ ବୃଦ୍ଧି ପାଇଥିଲା। ଏହି ପ୍ରକଳ୍ପ ନିର୍ମାଣ ଅଦ୍ୟାବଧି ସଂପୂର୍ଣ୍ଣ ହୋଇନଥିଲେ ମଧ ଜଳଭଣ୍ଡାର, ସ୍ପିଲ୍‌ୱେ କାମ ସଂପୂର୍ଣ୍ଣ ହୋଇଛି। ଏହି ଜଳଭଣ୍ଡାରରୁ ଭୂତଳ ପାଇପ ଲାଇନ ଯୋଗେ କେନାଲ ଖୋଳାଯାଇ ଜମିକୁ ଜଳ ଯୋଗାଣ ବ୍ୟବସ୍ଥା କରାଯାଉଥିବା ବେଳେ ଉଭୟ ବାମ ଓ ଦକ୍ଷିଣ କେନାଲ ପାଇପ ଲାଇନ କାମ ଓ ପମ୍ପହାଉସ କାମର ନିର୍ମାଣ ଆରମ୍ଭ ହୋଇଛି।

## କାହିଁକି ଛାଡ଼ିଲେ ସଂପାଦକ....

ପାଇବାର ସାହାସଟି ଅଛି। ତାକୁ ନେଇ ମୁଁ ଆଗେଇବି। ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ କାମ ଠିକ୍‌ରେ ହୋଇନାହିଁ ବୋଲି ଭକ୍ତ ଅଭିଯୋଗ କରୁଥିବା ବେଳେ ସେ କ'ଣ କହିବାକୁ ଚାହୁଁଛନ୍ତି ବୋଲି ସୌମ୍ୟଙ୍କୁ ପ୍ରଶ୍ନ କରିଥିଲେ ଗଣମାଧ୍ୟମ ପ୍ରତିନିଧି। ଏହାର ଜବାବରେ ସୌମ୍ୟରଞ୍ଜନ କହିଥିଲେ, ମୁଁ ୨୦୧୫ରୁ ଜଗନ୍ନାଥ ମନ୍ଦିର ଯାଇନି। ୨୦୧୫ରେ ବ୍ରହ୍ମବିଭ୍ରାଟ ହେଲା। ତେଣୁ ଜଗନ୍ନାଥ ଅସଲି କି ନକଲି ବୋଲି ମୋ ମନରେ ସନ୍ଦେହ ସୃଷ୍ଟି କରିଦେଲେ ସାମ୍ବାଦିକମାନେ। ଜଗନ୍ନାଥ ଅସଲି କି ନକଲି ଯଦି ଜାଣିନୁ; ତେଣୁ ଯେଉଁଠୁ ଡାକିଲେ ବି ସେ ଶୁଣିବେ। ଆମେ ଭକ୍ତ ସାଲବେଗ ଓ ଆମେ ଦାସିଆବାଉରୀ। ସୌମ୍ୟ କହିଥିଲେ, ଆମର ଜଣେ ସାମ୍ବାଦିକ ବନ୍ଧୁ ଅଯୋଧ୍ୟା ଯାଇଥିଲେ। ସେ କହିଲେ ଯେ ଅଯୋଧ୍ୟାରେ ଯେଉଁ ପୁରୁଣା ମନ୍ଦିର ଥିଲା ସେଥିରେ ରାମ ଲଲାଙ୍କ ସହିତ ଜଗନ୍ନାଥ ମଧ ପୂଜା ପାଉଥିଲେ। ଯଦି ଜଗନ୍ନାଥଙ୍କ ପ୍ରତି ଏତେ ଭକ୍ତି ଓ ପ୍ରେମ ଅଛି, ତା'ହେଲେ ରାମ ମନ୍ଦିରରେ ଜଗନ୍ନାଥଙ୍କର ଆଉ ଗୋଟିଏ ମୂର୍ତ୍ତି ବସାଇବାକୁ ଓଡ଼ିଶା ତରଫରୁ ଦାବି କରାଯାଉ। ଐତିହାସିକ ଦୃଷ୍ଟିରୁ ଯଦି ତାହା ରାମଙ୍କ ଜନ୍ମସ୍ଥାନ ଥିଲା ଓ ସେଥିପାଇଁ ସେଠାରେ ରାମ ମନ୍ଦିର ପ୍ରତିଷ୍ଠା କରି ଆମ ବିଜେପି ଭାଇମାନେ ଗର୍ବ ଅନୁଭବ କରୁଛନ୍ତି, ତା'ହେଲେ ମୁଁ ସେମାନଙ୍କୁ ଅଭିନନ୍ଦନ ଜଣାଉଛି। କିନ୍ତୁ ଯଦି ପୁରୁଣା ମନ୍ଦିରରେ ଜଗନ୍ନାଥ ପୂଜା ପାଉଥିଲେ, ତା'ହେଲେ ଏବେ ନୂଆ ମନ୍ଦିରରେ ଜଗନ୍ନାଥ ପୂଜା ପାଇବେ ନା ନାହିଁ? ଯଦି ପ୍ରକୃତରେ ଜଗନ୍ନାଥ ପୂଜା ପାଉଥିଲେ, ତା'ହେଲେ ନୂଆ ମନ୍ଦିରରେ ମଧ ଜଗନ୍ନାଥ ପାଇବା ଉଚିତ୍। ସେହି ସାମ୍ବାଦିକଙ୍କ କଥାରୁ ଏ ପ୍ରଶ୍ନ ମୋ ମନକୁ ଆସିଛି। ଆଗରୁ ମୁଁ ଜାଣି ନଥିଲି। ଶ୍ରୀ ପଟ୍ଟନାୟକ କହିଥିଲେ, ରାସ୍ତାଘାଟ ବା କୋଠାବାଡ଼ି କରି ଦେଲେ ବିକାଶ ହୁଏ ନାହିଁ। ବିକାଶରେ ବ୍ୟକ୍ତିତ୍ୱର ବିକାଶ ମଧ ଦରକାର। ବ୍ୟକ୍ତିଟିଏ ଯଦି ଏକ ବିକଶିତ ବ୍ୟକ୍ତିତ୍ୱରେ ପରିଣତ ନହେବ, ଭାଷାଟିକୁ ଯଦି ନିର୍ଭୁଲ ନ କହିବ, କେବଳ ଓଡ଼ିଆ ନୁହେଁ, ହିନ୍ଦୀ ଓ ଇଂରାଜୀରେ ଯଦି ଦକ୍ଷତା ନରହିବ ଓ ନିଜ ବିଷୟରେ ସଚେତନ ହୋଇ ଜଗନ୍ନାଥଙ୍କ ଭକ୍ତ ଭାବରେ ସେ ଯଦି ଧର୍ମନିରପେକ୍ଷତା କଥା ନଜାଣିବ, ତା'ହେଲେ ମୁଁ ଭାବୁଛି, ତା'ର ବ୍ୟକ୍ତିତ୍ୱର ବିକାଶ ହେବ ନାହିଁ। ମୋତେ ଲାଗୁଛି ରାଜ୍ୟରେ ବାହ୍ୟ ବିକାଶ ଯେତିକି ହୋଇଛି ତା' ତୁଳନାରେ ଓଡ଼ିଆଙ୍କ ଅସ୍ମିତାର ଯେତିକି ବିକାଶ ହେବା କଥା, ସେଥିରେ ଟିକେ ଅଭାବ ରହିଯାଇଛି। ଓଡ଼ିଆ ଅସ୍ମିତାର ପ୍ରମାଣ ଓଡ଼ିଆ ଯୁବକଙ୍କ ପାଖରେ ମୁଁ ଦେଖୁନି। ଟିକେ ଟିକେ କଥାରେ ନେତାଙ୍କ ପଦଲେହନ କରିବାକୁ ସଙ୍କୋଚନ କରୁ ନାହାନ୍ତି, ସେମାନଙ୍କୁ ମୁଁ ଓଡ଼ିଆ ଅସ୍ମିତାର ଅଧିକାରୀ ବୋଲି ଭାବୁ ନାହିଁ।

## ୯ କୋଟି ଟଙ୍କାର ଗଞ୍ଜେଇ ଗଛ ...

ଶିକୁଳିପଦର ପଞ୍ଚାୟତର ଓଲଣ୍ଡା ଗାଁ ନିକଟସ୍ଥ ୬୨ ଏକର ଜଙ୍ଗଲ କିସମ ଜମିରେ ଲାଗିଥିବା ଗଞ୍ଜେଇ ଗଛଗୁଡ଼ିକୁ କାଟି ନିଆଁ ଲଗାଇ ଦେଇଛି। ଏହି ସବୁ ଗଞ୍ଜେଇ ଗଛଗୁଡ଼ିକର ଆନୁମାନିକ ମୂଲ୍ୟ ୧ କୋଟି ୨୦ ଲକ୍ଷରୁ ଅଧିକ ହେବ। ଗଜପତି ଏସପିଙ୍କ ତତ୍ତ୍ୱାବଧାନରେ ଆର. ଉଦୟଗିରି ଏସ୍‌ଡିପିଓ ଅଶ୍ୱିନୀ କୁମାର ନାୟକ, ପାରଳାଖେମୁଣ୍ଡି ଡିଏସପି ରାଜ କିଶୋର ଦାସ, ମୋହନା ଥାନା ଅଧିକାରୀ ବସନ୍ତ କୁମାର ସେଠୀ ଓ ମୋହନା ପୁଲିସ ଟିମ୍ ଚଢ଼ାଉ କରି ଗଞ୍ଜେଇ ଗଛ ନଷ୍ଟ କରିଥିଲେ। ଏଭଳି ଅଭିଯାନ ଜାରି ରହିବ ବୋଲି ଥାନା ପକ୍ଷରୁ ସୂଚନା ମିଳିଛି।

## ଗାଁ ଦାଣ୍ଡରେ ...

ପୁଲିସ୍ ଶବକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି। ଏସ୍‌ଡିପିଓ ନିର୍ମଳ ମହାପାତ୍ର କହିଛନ୍ତି, ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି ଯେ ବିପିନ ଭୋଇ ଓ ସତିଆ କିଶାନଙ୍କ ପରିବାର ମଧ୍ୟରେ କୌଣସି କାରଣରୁ ବଚସା ହୋଇଥିଲା। ସେହି ସମୟରେ ସତିଆ କିଶାନଙ୍କ ପରିବାର ଲୋକେ ସଂଘବଦ୍ଧ ଭାବେ ବିପିନଙ୍କୁ ଆକ୍ରମଣ କରି ହତ୍ୟା କରିଥିଲେ। ସତିଆ କିଶାନଙ୍କ ପରିବାରର କିଛି ସଦସ୍ୟଙ୍କୁ ଅଟକ ରଖାଯାଇଛି। ସେମାନଙ୍କୁ ପଚରାଉଚରା କରାଯିବ। ଯେଉଁମାନେ ଏହି ହତ୍ୟାକାଣ୍ଡରେ ସାମିଲ ଥିବେ ସେମାନଙ୍କୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯିବ।

## ହିଣ୍ଡେନବର୍ଗ-ଆଦାନୀ ସମୂହ ...

ଆମେରିକାର ସର୍ଟ ସେଲର ସଂସ୍ଥା ୨୦୨୩ ଜାନୁୟାରୀ ମାସରେ ଆଦାନୀ ଗ୍ରୁପ୍ ଉପରେ ଏକ ରିସର୍ଚ୍ଚ ରିପୋର୍ଟ ପ୍ରକାଶ କରିଥିଲା ଯେଉଁଥିରେ ଆଦାନୀ କମ୍ପାନୀର ଅଂଶଧନକୁ ଅଧିକ ମୂଲ୍ୟ ଦିଆଯିବା ସହ ଠକେଇ ସମେତ ଗ୍ରୁପ୍ ଉପରେ ଋଣ ସମ୍ପର୍କରେ ଗୁରୁତର ପ୍ରଶ୍ନ ଉଠିଥିଲା। ଓକିଲ ବିଶାଳ ତିୱାରି, ଏମ୍. ଏଲ୍. ଶର୍ମା ଓ କଂଗ୍ରେସ ନେତା ଜୟା ଠାକୁର ଏବଂ ଅନାମିକା ଜୟସୱାଲ୍ ଏହାକୁ ନେଇ ଏକ ପିଟିସନ୍ ଫାଇଲ୍ କରିଥିଲେ। ପିଟିସନ୍‌ରେ ଅଭିଯୋଗ କରାଯାଇଥିଲା ଯେ, ମୋଦୀ ସରକାରଙ୍କ ଘନିଷ୍ଠ ବୋଲି ମନେ କରାଯାଉଥିବା ଆଦାନି ଗ୍ରୁପ୍ ତା'ର ସେୟାର ଦର ଅସ୍ୱାଭାବିକ ଭାବେ ବୃଦ୍ଧି କରିଥିଲା। ତେଣୁ ସର୍ଟ ସେଲର ହିଣ୍ଡେନ୍‌ବର୍ଗ ରିସର୍ଚ୍ଚ ରିପୋର୍ଟ ପ୍ରକାଶ କରିବା ପରେ ଏହି ଗ୍ରୁପ୍‌ର ବିଭିନ୍ନ କମ୍ପାନିଗୁଡ଼ିକର ସେୟାର ଦର ହଠାତ୍ ହ୍ରାସ ପାଇଥିଲା।

## ନ୍ୟାୟ ଯାତ୍ରା ପାଇଁ ...

ଅଳ୍ପ ଭୋଟ୍ ବ୍ୟବଧାନରେ ହାରିଥିବା ଓ ସଂଗଠନକୁ ହାତରେ ରଖିଥିବା ନେତାଙ୍କୁ ଦଳ ୨୦୨୪ ବିଧାନସଭା ନିର୍ବାଚନରେ ପୁଣି ପ୍ରାର୍ଥୀ କରିବ। ସୂଚନାଯୋଗ୍ୟ, ନ୍ୟାୟ ଯାତ୍ରା ଉପରେ ରାହୁଲ ଗାନ୍ଧୀଙ୍କ ସହ ଆଲୋଚନା ପାଇଁ ପିସିସି ସଭାପତି ଦିଲ୍ଲୀ ଯାଇଛନ୍ତି। ଯେଉଁ ରାଜ୍ୟ ଦେଇ ନ୍ୟାୟ ଯାତ୍ରା ଯିବ, ସେହିସବୁ ରାଜ୍ୟର ପିସିସି ସଭାପତିଙ୍କୁ ଦିଲ୍ଲୀ ଡାକରା ହୋଇଛି।

# ଓଡ଼ିଶାର ୮ ଉତ୍ପାଦକୁ ଜିଆଇ ଟ୍ୟାଗ୍

ଭୁବନେଶ୍ୱର, ୩ /୧ (ନି.ପ୍ର): ଓଡ଼ିଶାର ୮ ଉତ୍ପାଦକୁ ମିଳିଲା ଜିଆଇ ଟ୍ୟାଗ୍। ଏନେଇ ସୋସିଆଲ ମିଡିଆ ହ୍ୟାଣ୍ଡେଲ୍ ଏକ୍ସରେ ସୂଚନା ଦେଇଛି ରାଜ୍ୟ କ୍ଷୁଦ୍ର ଓ ମଧ୍ୟମ ଶିଳ୍ପ ବିଭାଗ। ବିବିଧତାରେ ପରିପୂର୍ଣ୍ଣ ଆମ ଭାରତ। ଯାହାର ସଂସ୍କୃତି ଓ ପରମ୍ପରା ବିଶ୍ୱବିଖ୍ୟାତ। ଏଥିସହ ଓଡ଼ିଶାରୁ ଉତ୍ପାଦିତ ଦ୍ରବ୍ୟରେ, ମନୁଷ୍ୟକୃତ କିମ୍ବା ପ୍ରାକୃତିକ, ରହିଛି ଅନେକ ସ୍ୱତନ୍ତ୍ରତା ଏବଂ ବିଶେଷତା ଅର୍ଥାତ୍ ଗୋଟିଏ ସ୍ଥାନରୁ ମିଳୁଥିବା ନିର୍ଦ୍ଦିଷ୍ଟ କିଛି ସାମଗ୍ରୀ ଅନ୍ୟ ସ୍ଥାନରେ ମିଳେନି ବା ତାହା ବିରଳ କିମ୍ବା ଦୁର୍ଲଭ ପାଲଟିଯାଏ। ତେବେ ଏସବୁ ଅନନ୍ୟ ସାମଗ୍ରୀ ପାଇଁ ସେହି ଅଞ୍ଚଳ ମଧ ପ୍ରସିଦ୍ଧି ଲାଭ କରିଛି। ତେବେ ଏହାକୁ ଦୃଷ୍ଟିରେ ରଖି ଆମ ରାଜ୍ୟର ଅନେକ ସାମଗ୍ରୀକୁ ସରକାରଙ୍କ ପକ୍ଷରୁ ଜିଆଇ ମାନ୍ୟତା ମିଳିଛି। ନୟାଗଡ଼ର କଣ୍ଟେଇମୁଣ୍ଡି ବାଇଗଣ, ଖଜୁରୀ ଗୁଡ଼, ଢେଙ୍କାନାଳ ମଗଜି, ମୟୂରଭଂଜ କାଇ ଚଟଣୀକୁ ମିଳିଛି ଜିଓଗ୍ରାଫିକାଲ ଆଇଡେଣ୍ଟିଫିକେସନ ମାନ୍ୟତା ବା ଜିଆଇ ଟ୍ୟାଗ୍। ସେହିପରି କେନ୍ଦ୍ରାପଡ଼ାର ରସାବଳି, ଡଙ୍ଗରିଆ କନ୍ଧଙ୍କ ଏମ୍ବ୍ରୋଡରୀ ସାଲ୍ ଓ କୋରାପୁଟ କଳାଜିରା ଧାନ ଏବଂ ଲାଞ୍ଜିଆ ସୌରା ଚିତ୍ରକଳାକୁ ବି ଜିଆଇ ଟ୍ୟାଗ୍ ମାନ୍ୟତା ମିଳିଛି।

ଧ୍ୱନି ପ୍ରତିଧ୍ୱନି
ପୃଷ୍ଠା

# ୫ଟି ଅଧକ୍ଷ ଭିକେ ପାଣ୍ଡିଆନଙ୍କୁ ନବବର୍ଷର ଶୁଭେଚ୍ଛା ଜଣାଇଲେ ସମାଜସେବୀ ଦମ୍ପତି



ବେତନଟୀ, ୩/୧ (ନି.ପ୍ର): ୫ଟି ତଥା ନବୀନ ଓଡିଶା ଅଧକ୍ଷ ଶ୍ରୀ ଭିକେ ପାଣ୍ଡିଆନଙ୍କୁ ଇଂରାଜୀ ନବବର୍ଷ ୨୦୨୪ର ଶୁଭେଚ୍ଛା ଜଣାଇଲେ ସମାଜସେବୀ ଦମ୍ପତି ଶ୍ରୀ ବିକାଶ ଚନ୍ଦ୍ର ସେଠୀ ଓ ତାଙ୍କ ସହଧର୍ମିଣୀ ମିଲି ସେଠୀ। ସମାଜସେବା ପାଇଁ ଦୁହିଁଙ୍କୁ ଭୁରି ଭୁରି ପ୍ରଶଂସା କଲେ ୫ଟି ଅଧକ୍ଷ ଶ୍ରୀ ପାଣ୍ଡିଆନ। ନବ ବର୍ଷ ପାଇଁ ସାରା ଓଡିଶା ଉତ୍ସବ ମୁଖର ଥିବା ବେଳେ ମୟୂରଭଞ୍ଜ ଜିଲ୍ଲାର ଅତି ପରିଚିତ ସମାଜସେବୀ ଦମ୍ପତି ଶ୍ରୀ ବିକାଶ ଚନ୍ଦ୍ର ସେଠୀ ଓ ତାଙ୍କ ସହ ଧର୍ମିଣୀ ମିଲି ସେଠୀ ଭୁବନେଶ୍ୱର ଗସ୍ତ କରି ୫ଟି ଓ ନବୀନ ଓଡିଶା ଅଧକ୍ଷ ଶ୍ରୀ ଭିକେ ପାଣ୍ଡିଆନଙ୍କୁ ଭେଟି ପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ବିଗ୍ରହ ଦେଇ ନବ ବର୍ଷର ଶୁଭେଚ୍ଛା ଜଣାଇଥିଲେ। ଶ୍ରୀ ସେଠୀ ମହତ କାର୍ଯ୍ୟ ବାବଦରେ ପୂର୍ବରୁ ଅବଗତ ଥିଲେ ଆଉ ତାଙ୍କର ଏପରି ନିଷ୍ପାପର ସେବା ମନବୃତି ପାଇଁ ମିଲି ସେଠୀ ଓ ବିକାଶ ଚନ୍ଦ୍ର ସେଠୀ ଙ୍କୁ ଧନ୍ୟବାଦ ଜ୍ଞାପନ କରିଥିଲେ ଶ୍ରୀ ପାଣ୍ଡିଆନ। ଶ୍ରୀ ସେଠୀଙ୍କ ସୁପୁତ୍ରଙ୍କୁ ଭବିଷ୍ୟତରେ କଣ ହେବ ବୋଲି ପ୍ରଶ୍ନ କରିବାରୁ ପିଲାଟି ଡାକ୍ତର ହେବ ବୋଲି ପ୍ରତିଉତ୍ତର ଦେଇଥିଲା। ଉତ୍ତର ଶୁଣି ବହୁତ ଖୁସି ହୋଇ ପାଖରେ କୋଳେଇ ନେଇ ଉଜ୍ଜ୍ୱଳ ଭବିଷ୍ୟତ ପାଇଁ ଆଶୀର୍ବାଦ ଦେଇ ଚକଲେଟ ପ୍ରଦାନ କରିଥିଲେ ଶ୍ରୀ ପାଣ୍ଡିଆନ। ଶ୍ରୀ ସେଠୀ ବଡ଼ସାହି ନିର୍ବାଚନ ମଣ୍ଡଳୀର ଆଶାୟୀ ଥିବାରୁ ତାଙ୍କୁ କହିଥିଲେ ଆପଣଙ୍କ ଭଳି ସମାଜସେବୀ ବ୍ୟକ୍ତି ବିଶେଷ ରାଜନୀତି ରେ ଆସିଲେ ରାଜନୀତି ରେ ଏକ ବିପ୍ଳବ ଆସିବ ବୋଲି ପ୍ରକାଶ କରିଥିଲେ। ଶ୍ରୀ ପାଣ୍ଡିଆନ ଓଡ଼ିଶାର ବିକାଶ ପାଇଁ କରୁଥିବା କାର୍ଯ୍ୟ ପାଇଁ ଧନ୍ୟବାଦ ଜ୍ଞାପନ କରିଥିଲେ ସମାଜସେବୀ ଦମ୍ପତି।

# ବରିଷ୍ଠ ନାଗରିକ ତୀର୍ଥଯାତ୍ରା ଯୋଜନା ନିମନ୍ତେ ଜିଲ୍ଲା ପ୍ରଶାସନର ଚୂଡାନ୍ତ ପ୍ରସ୍ତୁତି

ବାଲେଶ୍ୱର, ୩/୧ (ନି.ପ୍ର): ଓଡିଶା ସରକାରଙ୍କ ପର୍ଯ୍ୟଟନ ବିଭାଗ ଆନୁକୂଲ୍ୟରେ ବରିଷ୍ଠ ନାଗରିକ ତୀର୍ଥଯାତ୍ରା ଯୋଜନା-୨୦୨୩-୨୪ ଅନୁଯାୟୀ ଜିଲ୍ଲାସ୍ତରରେ ବରିଷ୍ଠ ନାଗରିକ ମାନଙ୍କର ଚୟନ କରାଯାଇ ତୀର୍ଥଯାତ୍ରା ଆୟୋଜନ କରାଯାଉଅଛି । ଏହି କାର୍ଯ୍ୟକ୍ରମ ଅନ୍ତର୍ଗତ ବାଲେଶ୍ୱରର ୨୨୬ ଜଣ, ଭଦ୍ରକର ୧୪୬ ଜଣ, ମୟୁରଭଞ୍ଜର ୨୪୫ ଜଣ, କେନ୍ଦୁଝରର ୧୭୫ ଜଣ ଓ ଯାଜପୁରର ୧୭୮ ଜଣ ଆଦି ୫ ଟି ଜିଲ୍ଲାର ବରିଷ୍ଠ ନାଗରିକ ତୀର୍ଥଯାତ୍ରୀ ଜାନୁଆରୀ ୫ ତାରିଖ ଦିନ ସକାଳ ପ୍ରାୟ ଘ. ୧୧.୩୦ ମି ସମୟରେ ବାଲେଶ୍ୱର ରେଳ ଷ୍ଟେସନ ଠାରୁ ଉଜ୍ଜୟନି-ଓଁକାରେଶ୍ୱର ଅଭିମୁଖେ ଯାତ୍ରା କରିବେ । ଏହି ଯୋଜନା ଅନ୍ତର୍ଗତ ୯୭୦ ଜଣ ବରିଷ୍ଠ ତୀର୍ଥଯାତ୍ରୀ ଓ ସମ୍ମିଳିତ ଜିଲ୍ଲାଗୁଡିକର ୩୦ ଜଣ ଏସ୍କର୍ଟ ଅଧିକାରୀ ରେଳ ବିଭାଗ ଯୋଗାଇଦେଉଥିବା ସ୍ୱତନ୍ତ୍ର ରେଳ ଯୋଗେ ଯାତ୍ରା କରିବେ । ଯାତ୍ରା ନିମନ୍ତେ ଚୟନ ହୋଇଥିବା ଯାତ୍ରୀମାନେ ୪ ତାରିଖରେ ଜିଲ୍ଲା ପ୍ରଶାସନ ମାନଙ୍କର ସହାୟତାରେ ନିଜ ଗ୍ରାମରୁ ସଦର ମହକୁମା ଏବଂ ସେଠାରୁ ବାଲେଶ୍ୱରର ପଦ୍ମାବତୀ ପାର୍କକୁ ଅପରାହ୍ନ ଘ.୨ ଟା ସମୟରେ ଆସି ପହଞ୍ଚିବା ପରେ ସେଠାରେ ସେମାନଙ୍କର ପଞ୍ଜିକରଣ କରାଯାଇ ଭବ୍ୟ ସ୍ୱାଗତ କରାଯିବ ଓ ସରକାରୀ ଭାବେ ସେମାନଙ୍କର ରହଣି, ଖାଦ୍ୟପାନୀୟ ଆଦିର ବ୍ୟବସ୍ଥା ସହ ଆମୋଦ ନିମନ୍ତେ ଭଜନ ସନ୍ଧ୍ୟାର ଆୟୋଜନ କରାଯାଇଛି । ଯାତ୍ରା ଦିନ ବାଲେଶ୍ୱର ଜିଲ୍ଲା ପ୍ରଶାସନ ବ୍ୟବସ୍ଥାରେ ତୀର୍ଥଯାତ୍ରୀମାନଙ୍କୁ ଷ୍ଟେସନ ଅଣାଯାଇ ପାରମ୍ପରିକ ନୃତ୍ୟ ବାଦ୍ୟ ମଧ୍ୟରେ ସେମାନଙ୍କର ବିଦାୟ କରାଯିବ । ଏହି ତୀର୍ଥଯାତ୍ରାର ଅବଧି ୫ ରାତ୍ରି ୬ ଦିନ ମଧ୍ୟରେ ସୀମିତ ଅଟେ। ସୂଚନା ଯୋଗ୍ୟ ଯେ, ରାଜ୍ୟରେ ଆର୍ଥିକ ଅନଗ୍ରସର ଓ ଦାରିଦ୍ର୍ୟ ସୀମାରେଖା ତଳେ ରହୁଥିବା ବରିଷ୍ଠ ନାଗରିକମାନଙ୍କୁ ସେମାନଙ୍କର ଆଧ୍ୟାତ୍ମିକ ଆକାଂକ୍ଷା ପୂରଣ ନିମନ୍ତେ ରାଜ୍ୟ ସରକାର ୨୦୧୬ ମସିହାରୁ ବରିଷ୍ଠ ନାଗରିକ ତୀର୍ଥଯାତ୍ରା ଯୋଜନା ପ୍ରଣୟନ କରି ସେମାନଙ୍କୁ ଦେଶର ବିଭିନ୍ନ ତୀର୍ଥସ୍ଥାନ ଭ୍ରମଣର ସୁଯୋଗ ପ୍ରଦାନ କରିଆସୁଛନ୍ତି । ଏହି ଯୋଜନାରେ ୬୦ ରୁ ୭୫ ବର୍ଷ ବୟସ୍କ ନାଗରିକମାନଙ୍କୁ ଜାତି ଧର୍ମ ନିର୍ବିଶେଷରେ ଚୟନ କରାଯାଉଅଛି । ଏହି ଯୋଜନାର ଆରମ୍ଭରୁ ଆଜି ପର୍ଯ୍ୟନ୍ତ ୨୫ଟି ପର୍ଯ୍ୟାୟରେ ସର୍ବମୋଟ ୨୪୬୬୯ ଜଣ ବରିଷ୍ଠ ନାଗରିକ ଭାରତ ବର୍ଷର ବିଭିନ୍ନ ତୀର୍ଥସ୍ଥାନ ଭ୍ରମଣର ସୁଯୋଗ ପାଇଛନ୍ତି । ଏହି ଯୋଜନା ଅଧୀନରେ ଚଳିତ ବର୍ଷ ଅନୁଷ୍ଠିତ ହେଉଥିବା ୧୦ଟି ଯାତ୍ରା ମଧ୍ୟରୁ ଏହା ହେଉଛି ପଞ୍ଚମ ଯାତ୍ରା ଓ ପ୍ରକାଶ ଥାଉ କି, ଯାତ୍ରାରମ୍ଭ ପୂର୍ବରୁ ଜିଲ୍ଲା ପ୍ରଶାସନ ପକ୍ଷରୁ ବରିଷ୍ଠ ନାଗରିକ ତୀର୍ଥଯାତ୍ରୀ ମାନଙ୍କର ସ୍ୱାସ୍ଥ୍ୟ ପରୀକ୍ଷା ଆଦି କରାଯାଉଥିବା ବେଳେ ଯାତ୍ରା ସମୟରେ ରେଳ କର୍ତ୍ତୃପକ୍ଷଙ୍କ ତରଫରୁ ତୀର୍ଥଯାତ୍ରୀ ମାନଙ୍କର ସମସ୍ତ ସୁବିଧାର ବ୍ୟବସ୍ଥା କରାଯାଇଥାଏ ।

# ଡକ୍ଟର ହରେକୃଷ୍ଣ ମହତାବଙ୍କ ତିରୋଧାନ ଦିବସ ପାଳିତ



ବାରିପଦା, ୩/୧ (ନି.ପ୍ର): ମଙ୍ଗଳବାରୀୟ ସାହିତ୍ୟ ଆସର ତରଫରୁ ଆସରର ସଂଯୋଜକ ପ୍ରତାପ ଚନ୍ଦ୍ର ଧଡ଼ାଙ୍କର ସଂଯୋଜନା ରେ ମହାନ ରାଷ୍ଟ୍ରନୀତିଜ୍ଞ, ସୁସାହିତ୍ୟିକ, ପୂର୍ବତନ ରାଜ୍ୟପାଳ ତଥା ମୁଖ୍ୟମନ୍ତ୍ରୀ ଡକ୍ଟର ହରେକୃଷ୍ଣ ମହତାବଙ୍କ ତିରୋଧାନ ଦିବସ ପାଳିତ ହୋଇଯାଇଛି। ବାରିପଦା ଗୋପବନ୍ଧୁ ସାହିତ୍ୟ ସଂସଦର ସଂପାଦକ କବି ଅମିତାଭ ମିଶ୍ର ମୁଖ୍ୟ ଆଲୋଚକ ଭାବେ ଯୋଗ ଦେଇ ଡକ୍ଟର ହରେକୃଷ୍ଣ ମହତାବଙ୍କ ସାହିତ୍ୟକୃତି, ସ୍ୱାଧୀନତା ସଂଗ୍ରାମରେ ଭୂମିକା ସର୍ବୋପରି ଓଡ଼ିଶାପ୍ରତି ତାଙ୍କର ଅବଦାନ ସଂମ୍ପର୍କରେ ଆଲୋକପାତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଆସରର ସଭ୍ୟ ଆଶିଷ ରଞ୍ଜନ ବାସୁରି, ମୃତ୍ୟୁଞ୍ଜୟ ପ୍ରଧାନ ସଭ୍ୟା ନିବେଦିତା ନାଏକ, ଲକ୍ଷ୍ମୀ କୁମାରୀ, ଅନିଶା ବେହେରା ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ । ପ୍ରାରମ୍ଭରେ ଡକ୍ଟର ମହତାବଙ୍କ ଫଟୋ ଚିତ୍ରରେ ମାଲ୍ୟାର୍ପଣ କରାଯାଇଥିଲା । ଅଶ୍ୱିନୀ କୁମାର ଦେ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।ଏହି ଅବସରରେ ଏକ କବିତା ପାଠ ଆୟୋଜିତ ହୋଇଥିଲା ।

# ଦୀନକୃଷ୍ଣ ଦାସଙ୍କ ଜନ୍ମପୀଠର ବିକାଶଲାଗି ସଂସ୍କୃତି ବିଭାଗରୁ ୫କୋଟି ମଂଜୁର

ଜଳେଶ୍ୱର ୩/୧(ନିପ୍ର): ଅବହେଳିତ ସୁବର୍ଣ୍ଣରେଖା ନଦୀକୂଳ, ରାଇବଣିଆର ମୁଣ୍ଡୁତୁଣିଆ ଠାରେ ଅତୀତରେ ଭକ୍ତକବି ଦୀନକୃଷ୍ଣ ଦାସ ଜନ୍ମ ଗ୍ରହଣ କରିଥିଲେ। ଦୀନକୃଷ୍ଣ ସ୍ମୃତିପରିଷଦ ପକ୍ଷରୁ ଦୀର୍ଘ ୪୪ବର୍ଷ ଧରି ଦୀନକୃଷ୍ଣ ଦାସଙ୍କ ସଂପର୍କରେ କେତେକ କାର୍ଯ୍ୟକ୍ରମ କରିଆସୁଥିବା ବେଳେ କବିପୀଠର ବିଶେଷ ବିକାଶ ହୋଇନଥିଲା। କିନ୍ତୁ ନିକଟରେ ରାଜ୍ୟ ସରକାରଙ୍କ ଭାଷା, ସାହିତ୍ୟ, ସଂସ୍କୃତି ବିଭାଗ ପ୍ରାୟ ୫କୋଟି ଟଙ୍କା ମଂଜୁର କରିଛନ୍ତି। ପିଠର ବିକାଶ ନିମନ୍ତେ ଏହା ଖର୍ଚ୍ଚ ହେବ ବୋଲି କୁହାଯାଇଛି। ଓଡିଆ ସାହିତ୍ୟରେ ଦୀନକୃଷ୍ଣ ଦାସ ଜଣେ ଓ ଅଭିନ୍ନ ପ୍ରମାଣିତ ହେବାପରେ ସ୍ଥାନର ବିକାଶ ଲାଗି ବିଭିନ୍ନ ସମୟରେ ଦୀନକୃଷ୍ଣ ସ୍ମୃତି ପରିଷଦ ପକ୍ଷରୁ ଦାବି କରାଯାଇ ଆସିଛି । ପ୍ରତିଷ୍ଠାତା ସଂପାଦକ ପ୍ରଫେସର ବିପିନ ବିହାରୀ ବିଶ୍ୱାଳ ସ୍ଥାନର ବିକାଶ ଲାଗି ବିଭିନ୍ନ କାର୍ଯ୍ୟକ୍ରମ ବେସରକାରୀଭାବେ କରି ଆସୁଛନ୍ତି । ଅବହେଳିତ ଅବସ୍ଥାରେ ଥିବାରୁ ଭାଷାସାହିତ୍ୟ ବିଭାଗ ମନ୍ତ୍ରୀ ଅଶ୍ୱିନୀ କୁମାର ପାତ୍ରଙ୍କ ତତ୍ତ୍ୱାବଧାନରେ କେତେକ ପଦକ୍ଷେପ ଗ୍ରହଣ କରାଯାଇଛି । ଫଳରେ ବିଭାଗର ନିର୍ଦ୍ଦେଶକ ତାଙ୍କ ଚିଠି ନଂ ୧୨୧୮୭୧ ତା ୩୧-୧୦-୨୩ରେ ଡିପିଆରଥ ପ୍ରସ୍ତୁତ ଲାଗି ଜିଲାପାଳଙ୍କୁ ନିର୍ଦ୍ଦେଶ ଦେଇଥିଲେ। ବାଲେଶ୍ୱର ଜିଲାପାଳଙ୍କ ଚିଠି ନଂ ୭୪୩୧ ତା ୨୧-୧୨-୨୩ ରେ ଏହାର ସଂପୂର୍ଣ୍ଣ ବିକାଶ ଲାଗି ୪କୋଟି, ୯୩ଲକ୍ଷ ୭୮ଟଙ୍କା ମଂଜୁର କରିବାକୁ ସୁପାରିଶ କରିଥିଲେ। ଏଥିରେ ମୁଣ୍ଡୁତୁଣିଆ କବି ପୀଠରେ ପାର୍କ ଓ ସ୍ଥାନର ସୌନ୍ଦର୍ଯ୍ୟକରଣ, ସୁରକ୍ଷା ପାଚେରୀ ଓ ଫାଟକ, ମଂଚ ଓ ବ୍ରଞ୍ଜ ପ୍ରତିମୂର୍ତ୍ତୀ ନିର୍ମାଣ ହେବବୋଲି ଡିପିଆର୍‌ରେ ଦର୍ଶା ଯାଇଛି। ଗୃହ ନିର୍ମାଣ ଲାଗି ୭୯ଲକ୍ଷ ୩୭ହଜାର ୯୫ ଟଙ୍କା, ଅନ୍ୟାନ୍ୟ କାର୍ଯ୍ୟଲାଗି ୩କୋଟି ୮୭ଲକ୍ଷ ୬୧ହଜାର ୨୭୪ଟଙ୍କା ଖର୍ଚ୍ଚ ହେବାକୁଥିବା ବେଳେ ଅନ୍ୟାନ୍ୟ ଅର୍ଥ, ଜିଏସ୍‌ଟି, ସର୍ଭେ ମାନ ନିର୍ଦ୍ଧାରଣ ଲାଗି ଖର୍ଚ୍ଚ ହେବ ବୋଲି ଦର୍ଶାଯାଇଛି । ମୁଣ୍ଡୁତୁଣିଆ ଗାଁରେ କବିଙ୍କର କାବ୍ୟ ପ୍ରତିଭାର ପରିଚୟ ଲାଗି ଓଡିଶା ଓ ପଶ୍ଚିମବଂଗର ବହୁ ସାରସ୍ୱତ ସାଧକ ବିଭିନ୍ନ ସମୟରେ ସେଠାକୁ ଯାଇଥାନ୍ତି। ୫ କୋଟି ଟଙ୍କା ମଂଜୁର ହୋଇଥିବା ଜଣାଯିବାପରେ ସ୍ଥାନୀୟ ନିର୍ବାଚିତ ପ୍ରତିନିଧି (ସଦସ୍ୟ ଓ ସରପଂଚ) କ୍ଷିତିଶ ଚନ୍ଦ୍ର ଦେ, ଦୀନକୃଷ୍ଣ ସ୍ମୃତି ପରିଷଦର ପ୍ରତିଷ୍ଠାତା ସଂପାଦକ ପ୍ରଫେସର ବିପିନ ବିହାରୀ ବିଶ୍ୱାଳ, ରାଇବଣିଆ ଦୁର୍ଗ ସୁରକ୍ଷା ଆଞ୍ଚଳିକ କମିଟିର ସଂପାଦକ ଡ. ଶ୍ରୀକାନ୍ତ ଚରଣ ପାତ୍ର, ବରିଷ୍ଠ ନାଗରିକ ପ୍ରଫୁଲ୍ଲ ସୁର ଓ ବହୁ ବିଜ୍ଞ ଶିକ୍ଷିତ ବ୍ୟକ୍ତି ରାଜ୍ୟ ମୁଖ୍ୟମନ୍ତ୍ରୀ ନବୀନ ପଟନାୟକ ଓ ସଂସ୍କୃତି ମନ୍ତ୍ରୀ ଅଶ୍ୱିନୀ ପାତ୍ରଙ୍କୁ ଧନ୍ୟବାଦ ଜଣାଇଛନ୍ତି।

# ପିଲାଙ୍କ ମାନସିକ ବିକାଶ ହିଁ ପ୍ରକୃତ ବିକାଶ



ବଡ଼ସାହି , ୩/୧ (ନି.ପ୍ର): ପିଲାଙ୍କ ମାନସିକ ବିକାଶ ହିଁ ପ୍ରକୃତ ବିକାଶ କାରଣ ସେହି ମାନେ ହିଁ ଆଗାମୀ କାଲିର କର୍ଣ୍ଣଧାର ତାଙ୍କୁ ସବୁ କ୍ଷେତ୍ରରେ ସୁଦୃଢ କରିବା ଆବଶ୍ୟକ ବୋଲି ବାଣୀପୀଠ ମହୋତ୍ସବର ଦ୍ୱିତୀୟ ଦିନରେ ବିବେକାନନ୍ଦ ଶିକ୍ଷା କେନ୍ଦ୍ରର ୨୫ତମ ବାର୍ଷିକ ଉତ୍ସବରେ ମୁଖ୍ୟଅତିଥି ଭାବେ ପ୍ରାକ୍ତନ ଅତିରିକ୍ତ ଶାସନ ସଚିବ ତଥା ଶିଶୁସାହିତ୍ୟିକ ନଗେନ୍ଦ୍ର ନାଥ ପଟ୍ଟନାୟକ ଯୋଗଦାନ କରି ମତବ୍ୟକ୍ତ କରିଥିଲେ। ଅନୁଷ୍ଠାନର ଅଧ୍ୟକ୍ଷ ଡକ୍ଟର କୁମାର ବାବୁଲି ସଭାପତିତ୍ୱ କରିଥିବାବେଳେ ମୁଖ୍ୟବକ୍ତା ଭାବେ ପ୍ରଫେସର ଡକ୍ଟର ସୁବାସ ଚନ୍ଦ୍ର ଲେଙ୍କା ଯୋଗାଦାନ କରିଥିଲେ। ସ୍ୱତନ୍ତ୍ର ଅତିଥିଭାବେ ଉତ୍କଳ ଶିକ୍ଷା ପରିଷଦର ସଂପାଦକ ଯୋଗେନ୍ଦ୍ର ଦାଶ ଓ ସମ୍ମାନୀତ ଅତିଥିଭାବେ ଡକ୍ଟର ଅସିମା ସାହୁ, ଡକ୍ଟର ସରୋଜ କୁମାର ନାୟକ, ମୟୂରଭଞ୍ଜ ସାମ୍ବାଦିକ ସଂଘର ସଭାପତି ଅରୁଣ କୁମାର ଓତା ଓ ବାଣୀନିର୍ମାଲ୍ୟ ବିଶ୍ୱାଳ ଯୋଗଦାନ କରି ସାଧାରଣ ପିଲାମାନଙ୍କର ଆଚାର ବ୍ୟବହାର କେମିତି ହେବା ଆବଶ୍ୟକ ସେ ସଂପର୍କରେ ଆଲୋଚନା କରିଥିଲେ। ସମ୍ମାନୀତ ବକ୍ତା ଭାବରେ ପ୍ରଧାନ ଶିକ୍ଷକ କବି ଅମିତାଭ ମିଶ୍ର, ଅବସର ପ୍ରାପ୍ତ ଶିକ୍ଷକ ରଣଜିତ ଦାସ, ସମାଜସେବୀ ବସନ୍ତ କୁମାର ମହାପାତ୍ର ଓ ଶିକ୍ଷକ ରତିକାନ୍ତ ବେହେରା ଯୋଗଦାନ କରିଥିଲେ। ବିବେକାନନ୍ଦ ଶିକ୍ଷା କେନ୍ଦ୍ରକୁ ପରିଶ୍ ବର୍ଷ ଛୁଇଁ ଥିବାରୁ ସକାଳେ ପ୍ରଧାନ ଆଚାର୍ଯ୍ୟା ସୂର୍ଯ୍ୟକାନ୍ତି ପୁହାଣଙ୍କ ତତ୍ତ୍ୱାବଧାନରେ ଆଚାର୍ଯ୍ୟ ବିଜୟ ଜୀଙ୍କ ଦ୍ୱାରା ଏକ ଯଜ୍ଞ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ପରେ ପରେ ପୁରାତନ ବିଦ୍ୟାର୍ଥୀ ପରିଷଦ ତରଫରୁ ଡକ୍ଟର ଦିପ୍ତିସ୍ମିତା ପ୍ରିୟଦର୍ଶନୀ, ସୁମନ ବେହେରା ଓ ଶୁଭଜିତ ଶୁଭଙ୍କରଙ୍କ ଦ୍ୱାରା ଏକ ମଶାଲ ଶୋଭାଯାତ୍ରା ଅନୁଷ୍ଠାନର ଏକ୍ତୁଡ଼ିଶାଳ ହଳଦୀପଦାରୁ ବାହାରି ବଡସହି ବିବେକାନନ୍ଦ ବିହାରକୁ ଆସିଥିଲା। ସଂଧ୍ୟାରେ ପୁରାତନ ଛାତ୍ର ଡକ୍ଟର ଅଭିଜିତ ବାରିକଙ୍କ ସଭାପତିତ୍ୱରେ ଏକ ଭାବବିନୀମୟ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା ଏଥିରେ ମୁଖ୍ୟଅତିଥି ଭାବେ ଏବିଇଓ ଅକ୍ଷୟ କୁମାର ବେହେରା ଓ ମୁଖ୍ୟବକ୍ତା ଭାବେ ଡକ୍ଟର ଆଦିତ୍ୟ ବେହୁରା ଯୋଗଦାନ କରି ପିଲାମାନଙ୍କର ଭାବ ବିନିମୟ କାର୍ଯ୍ୟକ୍ରମକୁ ସଫଳ କରିଥିଲେ। ଚଳିତ ବର୍ଷର ଶ୍ରେଷ୍ଠ ଗୁରୁଜୀ ସମ୍ମାନ ଅତୁଲ୍ୟ ସୁନ୍ଦର ଭଞ୍ଜବାବୁଙ୍କୁ ମିଳିଥିବା ବେଳେ ଶ୍ରେଷ୍ଠ ଛାତ୍ରୀ ଭାବେ ସ୍ମୃତିପ୍ରିୟା ରାଉତଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ପରେ ପରେ କ୍ରୀଡ଼ାର ବିଭିନ୍ନ କ୍ଷେତ୍ରରେ ସଫଳତା ହାସଲ କରିଥିବା ଛାତ୍ରୀଛାତ୍ରଙ୍କୁ ମୁଖ୍ୟଅତିଥି ସମ୍ମାନିତ କରିଥିଲେ। ଗୁରୁଜୀ ଦିପକ କୁମାର ଦାସ ଧନ୍ୟବାଦ ଅର୍ପଣ କରିଥିଲେ।

## ବାଂଲାଦେଶ ସଂସଦୀୟ ନିର୍ବାଚନକୁ ଦୃଷ୍ଟିରେ ରଖି ସଶସ୍ତ୍ର ବଳ ମୁତୟନ

ଢାକା, ୩/୧ (ନି.ପ୍ର): ଜାନୁୟାରୀ ୭ରେ ବାଂଲାଦେଶରେ ଅନୁଷ୍ଠିତ ହେବ ସଂସଦୀୟ ନିର୍ବାଚନ । ଏହାକୁ ଦୃଷ୍ଟିରେ ରଖି ସୁରକ୍ଷା ବ୍ୟବସ୍ଥା କଡାକଡି କରାଯାଇଛି । ଆଜି ସକାଳେ ସାରା ଦେଶରେ ସଶସ୍ତ୍ର ବଳ ମୁତୟନ କରାଯାଇଛି । ଢାକା ଟ୍ରିବ୍ୟୁନ ନିଜ ରିପୋର୍ଟରେ ଇଣ୍ଟର-ସର୍ଭିସେସ ପବ୍ଲିକ ରିଲେସନ୍ସ ନିର୍ଦ୍ଦେଶାଳୟ ଆଧାରରେ କୁହାଯାଇଛି ଯେ, ସଶସ୍ତ୍ର ବଳ ବୁଧବାର ଜାନୁୟାରୀ ୧୦ ତାରିଖ ଯାଏ ମୁତୟନ ରହିବ । ଆଜି ସକାଳେ ସେନାର ଏକ ଗୋଷ୍ଠୀକୁ ଢାକାର ବନାଂଚଳକୁ ପଠାଯାଇଛି । ବାଂଲାଦେଶ ସେନାର ଯବାନ ୬୨ ଜିଲ୍ଲା ଓ ବର୍ଡର ଗାର୍ଡ ବାଂଲାଦେଶର ଯବାନ ୪୫ ଉପଜିଲ୍ଲା ଅଂଚଳରେ ସୁରକ୍ଷା ବ୍ୟବସ୍ଥା ସମ୍ଭାଳିବେ ।

# ଜାତୀୟ ସେବା ଯୋଜନା ଦେଇଥାଏ 'ବସୁଧୈବ କୁଟୁମ୍ବକମ୍' ର ବାର୍ତା : ଡ଼. ନିରଂଜନ ପାଠୀ

ଉଦଳା , ୩/୧ (ନି.ପ୍ର): କପ୍ତିପଦା ବ୍ଲକର ନୁଦଡ଼ିହାସ୍ଥିତ ମେଘାସନ ମହାବିଦ୍ୟାଳୟରେ ଥିବା ଜାତୀୟ ସେବା ଯୋଜନାର ଶୀତ କାଳିନ ସ୍ୱତନ୍ତ୍ର ସେବା ଶିବିର ଗତ ଡ଼ିସେମ୍ବର ୩୧ ତାରିଖ ରବିବାର ଦିନ ଉଦ୍‌ଯାପିତ ହୋଇ ଯାଇଛି । ଡ଼ିସେମ୍ବର ୨୬ ତାରିଖ ଦିନ ମହାବିଦ୍ୟାଳୟର ଭାରପ୍ରାପ୍ତ ଅଧକ୍ଷ ଡ଼. ନିରଂଜନ ପାଠୀ ପତାକା ଉତୋଳନ ପୂର୍ବକ ଶିବିରକୁ ଉଦ୍‌ଘାଟନ କରି ଜାତୀୟ ସେବା ଯୋଜନା 'ବସୁଧୈବ କୁଟୁମ୍ବକମ୍' ର ବାର୍ତା ପ୍ରଦାନ କରିଥାଏ ବୋଲି ବ୍ୟକ୍ତ କରିଥିଲେ। ଶିବିରରେ ମୋଟ ୫୦ ଜଣ ଛାତ୍ର ଛାତ୍ରୀ ଅଂଶ ଗ୍ରହଣ କରିଥିଲେ। କାର୍ଯ୍ୟକ୍ରମ ଅଧିକାରୀ ଅଧ୍ୟାପିକା ସସ୍ମିତା ଲାୟା ଓ ଅଧ୍ୟାପକ ସମୀର କୁମାର ଭୋଇ ଶିବିର ପରିଚାଳନାର ନେତୃତ୍ୱ ନେଇଥିଲେ। ଶିବିରରେ ନିୟମିତ ପ୍ରଭାତରେ ଯୋଗ, ପ୍ରାଣାୟମ କରାଯିବା ସହିତ ବେଦମନ୍ତ୍ର ଉଚ୍ଚାରଣ କରାଯାଉଥିଲା । ଏହାପରେ ସର୍ବଧର୍ମ ପ୍ରାର୍ଥନା ବୋଲାଯିବା ସହିତ ସଫେଇ କାର୍ଯ୍ୟ କରାଯାଉଥିଲା । ସର୍ବଣାଘାଟୀ ଗ୍ରାମଟିକୁ ସେବା ଯୋଜନା ତରଫରୁ ପୋଷ୍ୟ ଗ୍ରାମ ଭାବେ ନିଆଯିବା ସହିତ ଗ୍ରାମବାସୀ ମାନଙ୍କୁ ନିଶାମୁକ୍ତ ଗ୍ରାମ ଗଠନ, ଭୋଟର ସଚେତନତା, ଟ୍ରାଫିକ ନିୟନ୍ତ୍ରଣ ଇତ୍ୟାଦି ବିଷୟରେ ସଚେତନ କରାଯାଉଥିଲା । ତାହାଛଡ଼ା ବିଭିନ୍ନ ଦିବସ ମାନଙ୍କରେ ରିସୋର୍ସ ପର୍ସନ ମାନେ ଆସି ତାଲିମ ପ୍ରଦାନ କରିଥିଲେ।

# ଉପନ୍ୟାସ 'କୁସୁମପୁରର କେତକୀ' ଉନ୍ମୋଚିତ




ଉଦଳା , ୩/୧ (ନି.ପ୍ର): ସାରସ୍ୱତ ସାଧିକା ଶିକ୍ଷୟିତ୍ରୀ ମୋନାଲିସା ଭଂଜଙ୍କ ଲିଖିତ ଉପନ୍ୟାସ 'କୁସୁମପୁରର କେତକୀ' ଚଳିତ ଜାନୁୟାରୀ ୧ ତାରିଖ ସୋମବାର ଦିନ ଉଦଳାସ୍ଥିତ ହୋଟେଲ ସିପ୍ରନଇନ୍ ପରିସରରେ ଉନ୍ମୋଚିତ ହୋଇ ଯାଇଛି। ଉତରାପ୍ରକାଶନୀ ଦ୍ୱାରା ପ୍ରକାଶିତ ଉକ୍ତ ଉପନ୍ୟାସର ଲୋକାର୍ପଣ ଉତ୍ସବରେ ଫକିର ମୋହନ ସାହିତ୍ୟ ପରିଷଦର ପୁର୍ବତନ ସଂପାଦକ ଡ଼. କୁମାର ଗୋପାଲ ମୁଖ୍ୟ ଅତିଥି ଭାବରେ ଯୋଗ ଦେଇ ଉପନ୍ୟାସର ପ୍ରକାଶନ ଓ ଆଜିର ଲୋକାର୍ପଣ ଉତ୍ସବକୁ ସଫଳ କରିବାରେ ଯେଉଁମାନେ ସହଯୋଗର ହାତ ବଢ଼ାଇଛନ୍ତି ସମସ୍ତଙ୍କୁ କୃତଜ୍ଞତା ଜଣାଇଥିଲେ । ଅନ୍ୟ ମାନଙ୍କ ମଧ୍ୟରେ ଉଦଳା ବିଜ୍ଞାପିତ ଅଂଚଳ ପରିଷଦର ନଗରପାଳ ପ୍ରମିଳା ପଣ୍ଡା, ଅବସରପ୍ରାପ୍ତ ଶିକ୍ଷକ ସନାତନ ଜେନା, କବି ଇନ୍ଦ୍ରମଣି ବିନ୍ଧାଣୀ, ଶିକ୍ଷକ ସୁଦର୍ଶନ ରାଉତ, ଗବେଷକ ଡ଼. ଭାଗବତ ଦାସ ପ୍ରମୁଖ ମଂଚାସୀନ ଅତିଥି ଭାବରେ ଯୋଗ ଦେଇ ଉପନ୍ୟାସକୁ ଉନ୍ମୋଚନ କରିବା ସହିତ ଲେଖିକା ମୋନାଲିସା ଭଂଜଙ୍କ ଚଲାପଥ କୁସୁମିତ ହେଉ ବୋଲି ଈଶ୍ୱରଙ୍କ ନିକଟରେ ପ୍ରାର୍ଥନା ଜଣାଇଥିଲେ । ଇଂ. ସୁଶାନ୍ତ ବେହେରା ମଂଚ ପରିଚାଳନା ଦାୟିତ୍ୱ ତୁଲାଇଥିବା ବେଳେ ଶତାଧିକ ସାରସ୍ୱତ ସାଧକ / ସାଧିକା ଉପସ୍ଥିତ ଥିଲେ । ଶେଷରେ ଆଶିଷ ମଲିକ ଧନ୍ୟବାଦ ଅର୍ପଣ କରିଥିଲେ ।

## ଦିନ ଦ୍ୱିପ୍ରହରରେ ଭାଲୁ ଆତଙ୍କ: ଜଣେ ଗୁରୁତର ଓ ଜଣେ ଆହତ

ନୀଳଗିରି , ୩/୧ (ନି.ପ୍ର): ନୀଳଗିରି ଥାନା ବାଉଁଶବଣିଆ ଓ ଦକ୍ଷିଣ ନରସିଂହପୁର ଗାଁରେ ଭାଲୁ ଆତଙ୍କ। ଭାଲୁଟି ଖାଦ୍ୟ ଅନ୍ୱେଷଣରେ କୁଳଡିହା ଅଭୟାରଣ୍ୟରୁ ବାହାରି ଗାଁ ମୁହାଁ ହୋଇଛି। ଲୋକଙ୍କୁ ଗୋଡେଇ ଗୋଡ଼େଇ ଆକ୍ରମଣ କରୁଥିବାର ଭିଡ଼ିଓ ସାମ୍ନା କୁ ଆସିଛି। ଆକ୍ରମଣରେ ବାଉଁଶବଣିଆ ଗ୍ରାମର ଶିବଶଙ୍କର ସିଂ ଆହାତ ହୋଇଥିବା ବେଳେ ଟଣକା ଗ୍ରାମର ଲକ୍ଷ୍ମୀଧର ନାୟକ ଗୁରତ୍ୱର ହୋଇ ଥିଲେ। ଉଭୟଙ୍କୁ ପରିବାର ଲୋକେ ନୀଳଗିରି ମେଡିକାଲରେ ଚିକିତ୍ସା କରାଇଥିବା ବେଳେ ଭାଲୁ ଭୟରେ ଗାଁରେ ଆତଙ୍କ ଖେଳିଯାଇଥିଲା। ଖବର ପାଇ ନୀଳଗିରି ବନବିଭାଗ ପହଁଛି ପ୍ରତାପଡା ଗାଁରୁ ଭାଲୁଟିକୁ ଉଦ୍ଧାର କରି କୁଳଡିହା ଜଙ୍ଗଲରେ ଛାଡିଛନ୍ତି।

# ପାରାଦୀପ ବନ୍ଦର ପ୍ରତିଷ୍ଠା ଦିବସ ଅବସରରେ ମାରାଥନ ପ୍ରତିଯୋଗିତା

## ପୁରୁଷ ବର୍ଗରେ ଅଶୋକ ଦଣ୍ଡସେନା ଓ ମହିଳା ବର୍ଗରେ ସୁସ୍ମିତା ଟିଗା ପ୍ରଥମ




ପାରାଦ୍ୱୀପ , ୩/୧ (ନି.ପ୍ର): ପାରାଦ୍ୱୀପ ବନ୍ଦର ଆଜି ୩ ଜାନୁଆରୀ ଦିନ ତାର ୬୩ତମ ପ୍ରତିଷ୍ଠା ଦିବସ ପାଳନ କରିଛି । ବନ୍ଦର ପ୍ରତିଷ୍ଠା ଦିବସ ଅବସରରେ ଗୋପବନ୍ଧୁ କ୍ରୀଡ଼ା ସାଂସଦ ଆନୁକୂଲ୍ୟରେ ୧୯ତମ ପାରାଦୀପ ମାରାଥନ ୨୦୨୪ ପ୍ରତିଯୋଗିତା ଆୟୋଜିତ ହୋଇଥିଲା । ଏହି ମାରାଥନ ପ୍ରତିଯୋଗିତାରେ ଓଡ଼ିଶା ଏବଂ ଏହାର ପଡୋଶୀ ରାଜ୍ୟରୁ ୩୫୮ ଜଣ ପ୍ରତିଯୋଗୀ ଭାଗ ନେଇଥିଲେ ଯେଉଁ ଥିରେ ୨୯୯ ପୁରୁଷ ଏବଂ ୫୯ ଜଣ ମହିଳା ଥିଲେ । ଆଜି ସକାଳେ ବନ୍ଦର ଅଧକ୍ଷ ଶ୍ରୀ ପି ଏଲ୍ ହରନାଦ ମୁଖ୍ୟ ଅତିଥି ଏବଂ ଶ୍ରୀ ଶ.କ.ଝସଭଶଷ, ଉଓଏ, ପାରାଦ୍ୱୀପ କୋଷ୍ଟଗାର୍ଡ ୟୁନିଟ୍ ସମ୍ମାନିତ ଅତିଥି ଭାବରେ ଯୋଗ ଦେଇ ହନୁମାନ ମନ୍ଦିରଠାରେ ସବୁଜ ପତାକା ଦେଖାଇ ମାରାଥନ ପ୍ରତିଯୋଗିତାକୁ ଆରମ୍ଭ କରିଥିଲେ । ପ୍ରତିଯୋଗୀ ମାନେ ସହର ମଧ୍ୟରେ ଦୀର୍ଘ ୧୪ କିଲୋମିଟର ରାସ୍ତା ଅତିକ୍ରମ କରି ଗୋପବନ୍ଧୁ ଷ୍ଟାଡିୟମ୍ ଠାରେ ପହଞ୍ଚିଥିଲେ । ଏହି ମାରାଥନ ପ୍ରତିଯୋଗିତାର ପୁରୁଷ ବର୍ଗରେ ଭୁବନେଶ୍ୱରର ଅଶୋକ ଦଣ୍ଡସେନା ପ୍ରଥମ, ରଶ୍ମି ରଂଜନ ନାୟକ ୨ୟ, ଝାଡ଼ଖଣ୍ଡର ବାବୁଲ ଟୁଡୁ ୩ୟ ସ୍ଥାନ ଅଧିକାର କରିଥିଲେ । ସେହିପରି ମହିଳା ବର୍ଗରେ ସୁନ୍ଦରଗଡର ସୁସ୍ମିତା ତିଗା ୧ମ, ମୟୁରଭଞ୍ଜର ସନ୍ଧ୍ୟା ମୁର୍ମୁ ୨ୟ ଓ ବାଲେଶ୍ୱରର ପୂଜା ବେହେରା ୩ୟ ସ୍ଥାନ ଅଧିକାର କରିଥିଲେ । ୧ମ, ୨ୟ ଓ ୩ୟ ସ୍ଥାନ ଅଧିକାର କରିଥିବା ପ୍ରତିଯୋଗୀ ମାନଙ୍କୁ ୧୪୦୦୦, ୧୦୫୦୦, ୭୦୦୦ ଟଙ୍କା ପୁରସ୍କାର ରାଶି ପ୍ରଦାନ କରାଯାଇଥିଲା । ପୁରୁଷ ଓ ମହିଳା ବର୍ଗରେ ୨୧ ଜଣ କୃତି ପ୍ରତିଯୋଗୀ ମାନଙ୍କୁ ଅର୍ଥରାଶି ଦେଇ ପୁରସ୍କୃତ କରାଯାଇଥିଲା । ପୁରସ୍କାର ବିତରଣ କାର୍ଯ୍ୟକ୍ରମରେ ବନ୍ଦର ଅଧକ୍ଷ ପି ଏଲ ହରନାଦ ମୁଖ୍ୟ ଅତିଥି ଭାବେ ଯୋଗଦାନ କରି କୃତି ପ୍ରତିଯୋଗୀ ମାନଙ୍କୁ ପୁରସ୍କାର ପ୍ରଦାନ କରିବା ସହ ଓଡିଶାର ପ୍ରତିଷ୍ଠିତ ପାରା ଆଥଲେଟ୍ ଜୟନ୍ତୀ ବେହେରାଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଅବସରରେ ବନ୍ଦର ଉପାଧକ୍ଷ ନିଲଭ୍ର ଦାସଗୁପ୍ତା ଓ ଇଫକୋ, ପାରାଦୀପ ମୁଖ୍ୟ କେ ଯେ ପଟେଲ ସମ୍ମାନିତ ଅତିଥି ଭାବେ ଯୋଗଦାନ କରିଥିଲେ । କାର୍ଯ୍ୟକ୍ରମକୁ ଗୋପବନ୍ଧୁ କ୍ରୀଡ଼ା ସଂସଦର ସଭାପତି ତଥା ବନ୍ଦର ଅର୍ଥ ପରାମର୍ଶଦାତା ଡି ଏନ ସୋଣ୍ଡି ଓ କାର୍ଯ୍ୟକାରୀ ସଭାପତି ଡ଼ ଡି ପି ସେଠୀ ଓ ଖେଳ ପରାମର୍ଶଦାତା ରବି ଦାସ ପରିଚାଳନା କରିଥିବାବେଳେ ସମ୍ପାଦକ ରଶ୍ମି ବେଉରା ଧନ୍ୟବାଦ୍ ଦେଇଥିଲେ । ବିଭିନ୍ନ ଅନୁଷ୍ଠାନ ମାରାଥାନରମାନଙ୍କୁ ସହରର ବିଭିନ୍ନ ସ୍ଥାନରେ ଭବ୍ୟ ସ୍ୱାଗତ କରିଥିଲେ।

# ମାଟିପକା ସୋସାଇଟିରେ ଧାନ ମଣ୍ଡି ଉଦ୍‌ଘାଟିତ



ବାସୁଦେବପୁର, ୩/୧ (ନି.ପ୍ର): ବାସୁଦେବପୁର ବ୍ଲକ ଅନ୍ତର୍ଗତ ଲକ୍ଷ୍ମୀଦାସପୁର ପଞ୍ଚାୟତର ମାଟି ପକା ସେବା ସମବାୟ ସମିତିର ଧାନ ମଣ୍ଡି ଉଦଘାଟିତ ହୋଇଯାଇଛି । ସେବା ସମବାୟ ସମିତିର ସଭାପତି ନିତ୍ୟାନନ୍ଦ ବାରିକ, ଉପ ସଭାପତି ମାଳତି ବଳ, ସମ୍ପାଦକ ଧର୍ମେନ୍ଦ୍ର ଜେନା, ସରପଞ୍ଚ ଜାନକୀ ବାରିକ, ସମିତି ସଭ୍ୟ ସନ୍ଧ୍ୟା ରାଣୀ ନାୟକ, ପୂର୍ବତନ ସମିତି ସଭ୍ୟ ମୁକ୍ତିକାନ୍ତ ନାୟକ, ଜିଲ୍ଲା ପରିଷଦ ପ୍ରାର୍ଥୀ ବୁଦ୍ଧିରାମ ସେଠୀ ପ୍ରମୁଖ ଏହି ଧାନ ମଣ୍ଡି ଉତ୍ସବରେ ଯୋଗ ଦେଇଥିଲେ ଓ ଚାଷୀ ତଥା ଜନ ସାଧାରଣଙ୍କୁ ସ୍ୱାଗତ କରିଥିଲେ । ଏଥି ସହିତ ବୋର୍ଡ ସଭ୍ୟ ୧୫ ଜଣ ଓ ଧାନ କିଣା କମିଟି ସଦସ୍ୟ ୬ ଜଣ ଯୋଗ ଦେଇଥିଲେ । ଧାନ ମଣ୍ଡି ଓ କଣ୍ଟା ପୂଜା ପାଠ କରାଯାଇଥିଲା ଏବଂ ମନ୍ତ୍ର ପାଠ କରାଯାଇ ନଡ଼ିଆ ଫଟା ଯାଇଥିଲା। ସେବା ସମବାୟ ସମିତିର ସଂପାଦକ ଧର୍ମେନ୍ଦ୍ର ଜେନା ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

❐ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା
❐ ସଂପାଦିକା : ସୈରିନ୍ଧ୍ରୀ ସାହୁ

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704

❐ Managing & Executive Editor : Srustidhar Parida
❐ Editor: Sairindhree Sahoo